- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

♦VOLUME- 44 ♦ISSUE-21 ♦WEDNESDAY ♦15 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୨୧ ♦ବୁଧବାର ♦୧୫ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଫଟୋ: ଅନୀଲ

ସରିଲା ଅଣସର | ଆଜି ଉଭାଯାତ୍ରା | ଦିନକ ପରେ ରଥଯାତ୍ରା

## ନବଯୌବନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

■ **ପୁରୀ, ୧୪।୭ (ସମିସ):** ପନ୍ଦର ଦିନ ଅଣସରରେ ରହିବା ପରେ ମଙ୍ଗଳବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାବିଗ୍ରହ। ମାତ୍ର ୨ ଘଣ୍ଟା ୧୫ ମିନିଟ୍ ମଧ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରି ଆତ୍ମବିଭୋର ହେବା ସହ ନିଜକୁ କୃତାର୍ଥ ମନେ କରିଛନ୍ତି। ପ୍ରଥମେ ପରିମାଣିକ ଟିକଟ ଦର୍ଶନ ଓ ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଅନୁକୂଳ ପାଗ ଯୋଗୁଁ ଦାରୁବିଗ୍ରହଙ୍କ ନବଯୌବନ ଦର୍ଶନ ଲାଗି ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା।

ମଙ୍ଗଳବାର ସକାଳ ୯ଟା ୧୫ରେ ଦାରୁବିଗ୍ରହଙ୍କ ବନକଲାଗି ପାଇଁ ଦତ୍ତମହାପାତ୍ର ସେବକ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ସାରି ସେମାନେ ଅପରାହ୍ଣ ୨ଟା ୪୫ରେ ବାହାରିଥିଲେ। ଏହାପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ୩ଟା ୩୦ରେ ଚକା ଅପସର କରାଯାଇଥିଲା। ଏହାପରେ ଦଶାବତାର ବା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢ଼ିବା ପରେ ପଟିଦିଅଁ ମଣ୍ଡଣି ଘରକୁ ବିଜେ ହୋଇଥିଲେ। ଅନ୍ୟ ଦିଅଁମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଅପରାହ୍ଣ ୨ଟାରେ ଅଣସର ତାଟି ଫିଟିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ନୀତିକାନ୍ତି ବିଳମ୍ବ ଯୋଗୁଁ ୪ଟା ୪୫ ଫିଟିଥିଲା ଅଣସର ତାଟି। ନବଯୌବନ ବେଶରେ ଦର୍ଶନ ଦେଇଥିଲେ ଦାରୁଦିଅଁ। ପରିମାଣିକ ଦର୍ଶନ ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ଧାର୍ଯ୍ୟ ହୋଇଥିଲା। ମାତ୍ର ବିଳମ୍ବ ଯୋଗୁଁ ଅପରାହ୍ଣ ୫ଟାରେ ପରିମାଣିକ ଦର୍ଶନ ଆରମ୍ଭ ହୋଇ ଅଧଘଣ୍ଟାଏରେ ବନ୍ଦ ହୋଇଥିଲା। ପରିମାଣିକ ଟିକଟଧାରୀମାନେ ଦକ୍ଷିଣ ଦ୍ୱାର, ସାତପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟରେ ଦର୍ଶନ କରିଥିଲେ। ପରିମାଣିକ ଦର୍ଶନ ଶେଷ ହେବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ପୂର୍ବରୁ ସାଢ଼େ ୩ରୁ ସାଢ଼େ ୪ଟା ସାହାଣମେଲା ବା ସର୍ବସାଧାରଣ ଦର୍ଶନ ପାଇଁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ସାଢ଼େ ୫ଟାରୁ ସାହାଣମେଲା ବା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ବଜ ଯାଏ ଚାଲିଥିଲା। ▶ପୃଷ୍ଠା-୭

## ଭାଙ୍ଗିଲା ୪୪ ମାସର ରେକର୍ଡ

# ଦୁଇ ଅଙ୍କ ଛୁଇଁବ ମୁଦ୍ରାସ୍ଫୀତି

### ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ପହଞ୍ଚିଲା ୯.୮୭ ପ୍ରତିଶତ

■ **ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି):** ସାଧାରଣ ଲୋକଙ୍କ ହାଣ୍ଡିଶାଳ ଉପରେ ପଡିଛି ଚଡକ। ପେଟ୍ରୋଲ, ଡିଜେଲ ସହିତ ଏଲ୍‌ପିଜି ଗ୍ୟାସ୍ ମୂଲ୍ୟରେ ବୃଦ୍ଧି ଯୋଗୁ ବଜାରରେ ହଲଚଲ ସୃଷ୍ଟି ହୋଇଛି। ଗତ କେଇମାସ ମଧ୍ୟରେ ଡ଼ାଲି, ତେଲ, ଅଟା, ଚାଉଳ ମୂଲ୍ୟ ପ୍ରାୟ ୨୦% ବୃଦ୍ଧି ପାଇଛି। ଏହି ସମୟରେ ପାଇକାରୀ ମୁଦ୍ରାସ୍ଫୀତି ୪୪ ମାସର ରେକର୍ଡ ଭାଙ୍ଗି ଦୁଇ ଅଙ୍କମୁହାଁ ହୋଇଛି। ଜୁନ୍ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୯.୮୧% ଛୁଇଁବା ପରେ ଏବେ ଖୁଚୁରା ବଜାରରେ ପରିସ୍ଥିତି ଅସମ୍ଭାଳ। ଅପରପକ୍ଷେ କ୍ରମାଗତ ଭାବେ ୬ ମାସ ହେବ ଖୁଚୁରା ମୁଦ୍ରାସ୍ଫୀତି ଉପରମୁହାଁ ହେବାରେ ଲାଗିଛି। ତେବେ ବର୍ତ୍ତମାନ ପାଇକାରୀ ବଜାରରେ ଏପରି ସ୍ଥିତିର ପ୍ରଭାବ ଆଗକୁ ଖୁଚୁରା ବଜାରରେ ଦେଖିବାକୁ ମିଳିବ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଆହୁରି ମହଙ୍ଗା ହେବ ବୋଲି ଆଶଙ୍କା କରାଯାଉଛି।

ତୈଳ ଦରକୁ ନେଇ ଖାଉଟିଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିବା ସମୟରେ ଉଭୟ ପାଇକାରୀ ଓ ଖୁଚୁରା ମୁଦ୍ରାସ୍ଫୀତି ସ୍ଥିତିକୁ ଅନିୟନ୍ତ୍ରିତ କରିଛି। ଏକ ସଙ୍ଗରେ ପେଟ୍ରୋଲ ଡିଜେଲ,ରନ୍ଧନ ଗ୍ୟାସ୍ ଏବଂ ତେଜରାତି ସାମଗ୍ରୀ ମୂଲ୍ୟରେ ବୃଦ୍ଧି ସାଧାରଣ ଲୋକଙ୍କ ବଜେଟ୍ ଗଡ଼ବଡ଼ କରି ଦେଇଛି। ମେ'ରେ ପାଇକାରୀ ମୁଦ୍ରାସ୍ଫୀତି ୯.୬୮% ରହିଥିଲା, ମାତ୍ର ଜୁନ୍ ମାସରେ ଏହା ଆହୁରି ବୃଦ୍ଧି ପାଇ ୯.୮୧ରେ ପହଞ୍ଚିଛି ଓ ଜୁଲାଇ ମାସରେ ଏହା ଦୁଇଅଙ୍କ ଛୁଇଁବା ଆଶଙ୍କା କରାଯାଉଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ୨୦୨୨ ସେପ୍‌ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧୦.୭୦%ସ୍ତରରେ ରହିଥିଲା। କୋଭିଡ଼ ପରିସ୍ଥିତିର ଠିକ୍ ପରେ ଏହା ଦେଶ ପାଇଁ ସବୁଠାରୁ ସଙ୍କଟଜନକ ସମୟରେ ପହଞ୍ଚାଇଥିଲା। ମାତ୍ର ଏବେ ପୁଣି ଥରେ ସେହିପରି ପରିସ୍ଥିତିର ପୁନରାବୃତ୍ତି ହୋଇପାରେ। ଯଦି ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ହ୍ରାସ ନ ପାଏ, ତେବେ ଆଗାମୀ ଦିନରେ ବଜାର ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ।

ସୋମବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ଲଗାତାର ଷଷ୍ଠ ମାସ ପାଇଁ ବୃଦ୍ଧି ପାଇବାରେ ଲାଗିଛି, ଯାହା ଏବେ ୪.୩୮%ରେ ପହଞ୍ଚିଛି। ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି (ଖାଦ୍ୟ ସୂଚକାଙ୍କ) ୪.୪୯% ରୁ ୬.୧୪% କୁ ବୃଦ୍ଧି ପାଇଛି। ଇନ୍ଧନ ଏବଂ ଶକ୍ତି ପାଇଁ ପାଇକାରୀ ମୁଦ୍ରାସ୍ଫୀତି ୩୦.୩୩% ▶ପୃଷ୍ଠା-୭

- ୨୦% ପର୍ଯ୍ୟନ୍ତ ବଢ଼ିଛି ଡାଲି, ତେଲ, ଅଟା, ଚାଉଳ
- ଦୁଇଗଣ ହେଲାଣି ଅଦା, ପିଆଜ, ରଶୁଣ ମୂଲ୍ୟ
- ଔଷଧ ଓ ଅତ୍ୟାବଶ୍ୟକ ସାମଗ୍ରୀ ବି ଆକାଶଛୁଆଁ
- ପେଟ୍ରୋଲଜାତ ସାମଗ୍ରୀର ମୂଲ୍ୟ ପୁଣି ବଢ଼ିବ !



### ହର୍ମୁଜରେ ବାଣିଜ୍ୟିକ ଜାହାଜ ଉପରେ ଇରାନର ଆକ୍ରମଣ

## ଭାରତୀୟ ନାବିକଙ୍କ ମୃତ୍ୟୁ



ଭାରତର କଡ଼ା ବିରୋଧ

■ **ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି):** ପଶ୍ଚିମ ଏସିଆରେ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀରେ ଦୁଇଟି ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି। ଏହି ଆକ୍ରମଣରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୦ ଜଣ ଆହତ ହୋଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ପ୍ରଦାନ କରିଛି। ଭାରତ ସରକାର ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସର ଉପ-ମୁଖ୍ୟଙ୍କୁ ସମନ କରିଛନ୍ତି। ଆକ୍ରମଣ ବିରୋଧରେ ଆନୁଷ୍ଠାନିକ ଭାବେ ପ୍ରତିବାଦ ଜଣାଇଛନ୍ତି। ବୈଦେଶିକ ବିଭାଗ ଏହି ଆକ୍ରମଣକୁ ଅଗ୍ରହଣୀୟ ବୋଲି ଦର୍ଶାଇବା ସହ ଅନ୍ତର୍ଜାତୀୟ ଜଳପଥରେ ଜାହାଜ ଚଳାଚଳ ଉପରେ ହେଉଥିବା ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଭାରତ ସରକାର ମୃତ ନାବିକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କ ଆରୋଗ୍ୟ କାମନା କରିଛନ୍ତି।

ସୂଚନା ଅନୁଯାୟୀ, ଇରାନର କ୍ରୁଜ୍ କ୍ଷେପଣାସ୍ତ୍ର ଆକ୍ରମଣର ଶିକାର ହୋଇଥିବା ୟୁଏଇ ପତାକାଧାରୀ ଦୁଇଟି ଟ୍ୟାଙ୍କର 'ଅଲ୍ ବାହିୟା' ଏବଂ 'ମୋମ୍ବାସା'ରେ ସମୁଦାୟ ୩୦ ଜଣ ଭାରତୀୟ ନାବିକ କାର୍ଯ୍ୟରତ ଥିଲେ। ଇରାନର କ୍ରୁଜ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁ ଅଲ୍ ବାହିୟାରେ ଜଣେ ଭାରତୀୟ ପ୍ରାଣ ହରାଇଥିବା ବେଳେ ମୋମ୍ବାସାରେ ୯ ଜଣ ଭାରତୀୟ ନାବିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଯୋଗୁଁ ଉପସାଗରରେ ଅନେକ ଜାହାଜ ଆକ୍ରମଣର ଶିକାର ହୋଇଛନ୍ତି। ଏଥିରେ ଭାରତର ୧୩ ଜଣ ନାବିକ ପ୍ରାଣ ହରାଇଥିବା ବେଳେ ତିନି ଜଣ ଏବେ ବି ନିଖୋଜ ଅଛନ୍ତି।

### ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ; ୧୭୫ କୋଟି ଟଙ୍କା କ୍ଷତି

## ଗିରଫ ହେଲେ ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ



ସ୍କାନର୍‌ରେ ଆହୁରି ୧୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ

■ **କଟକ, ୧୪।୭ (ସମିସ):** ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକ ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନରେ ହୋଇଥିବା ବଡ଼ଧରଣର ତ୍ରୁଟିବିଚ୍ୟୁତି ଓ ଅପରାଧିକ ଷଡ଼ଯନ୍ତ୍ର ମାମଲାରେ କ୍ରାଇମବ୍ରାଞ୍ଚ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ତଥା ଓଏଏସ୍ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କୁ ଆଜି କ୍ରାଇମବ୍ରାଞ୍ଚ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଆଜି ଦୀର୍ଘ ୩ଘଣ୍ଟାରୁ ଅଧିକ ସମୟ ଧରି ଶ୍ରୀ ପାଢୀଙ୍କୁ କ୍ରାଇମବ୍ରାଞ୍ଚର ତିନିଜଣିଆ ତଦନ୍ତକାରୀ ଟିମ ଜେରା କରିଥିଲେ। ଜେରା ବେଳେ କ୍ରାଇମବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି।

ପାଠ୍ୟପୁସ୍ତକ ପ୍ରସ୍ତୁତିର ପ୍ରତିଟି ସ୍ତର ଯେପରି ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ଏବଂ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ଦିଗକୁ ତଦନ୍ତକାରୀ ଅଧିକାରୀମାନେ ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି। ଏଥିସହ ସମ୍ପୃକ୍ତ ସମ୍ପାଦନାମଣ୍ଡଳୀ, ଡେସ୍କଟପ୍ ପବ୍ଲିସିଂ ଏଜେନ୍ସି ଏବଂ ପ୍ରିଣ୍ଟିଂ ପ୍ରେସର କାଗଜପତ୍ର ଜବତ କରାଯିବା ସହ ବୟାନ ରେକର୍ଡ ଆରମ୍ଭ କରାଯାଇଛି। ଏହି ଅନିୟମିତତା ଘଟଣାରେ ସମ୍ପାଦନମଣ୍ଡଳୀ ସମେତ ୧୦ରୁ ଅଧିକ ଅଧିକାରୀ ଓ ▶ପୃଷ୍ଠା-୭

## ଦିଲ୍ଲୀ ଗଲେ ନବୀନ



■ **ଭୁବନେଶ୍ୱର, ୧୪।୭ (ସମିସ):** ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଦିଲ୍ଲୀ ଗସ୍ତ କାଳରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେତେକ ବରିଷ୍ଠ ରାଜନୈତିକ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ସେ ତାଙ୍କର କିଛି ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀଙ୍କୁ ମଧ୍ୟ ସାକ୍ଷାତ କରିବେ ବୋଲି ଜଣାପଡିଛି। ଆସନ୍ତା ୨୦ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ ନବୀନ ଦଳର ସାଂସଦମାନଙ୍କୁ ଭେଟିପାରନ୍ତି। ସେ ଆସନ୍ତା ୨୨ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି। ଆଜି ନବୀନଙ୍କ ଦିଲ୍ଲୀ ଯାତ୍ରା ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ମନ୍ମଥ ରାଉତରାୟ, ମୁଖପାତ୍ର ଲେଲିନ ମହାନ୍ତିଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

### ରାଜ୍ୟ କ୍ୟାବିନେଟ୍‌ରେ ୧୩ ପ୍ରସ୍ତାବକୁ ମଞ୍ଜୁରୀ

## ସଡ଼କ ଓ ସେତୁପାଇଁ ୩୧୪୬୭ କୋଟି

■ **ଭୁବନେଶ୍ୱର, ୧୪।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୩ଟି ପ୍ରସ୍ତାବକୁ ମିଳିଛି ଅନୁମୋଦନ। ଏହା ମଧ୍ୟରୁ ସଡ଼କ, ସେତୁ ନିର୍ମାଣ, ସମ୍ପ୍ରସାରଣ ତଥା ଉନ୍ନତୀକରଣ ସମ୍ପର୍କିତ ୬ଟି ପ୍ରସ୍ତାବ ଉପରେ ମୋହର ବାଜିଛି ଓ ଏଥିରେ ୩୧ ହଜାର ୪୬୭ କୋଟି ଟଙ୍କା ବ୍ୟୟ କରାଯିବ। ୫ ବର୍ଷ ମଧ୍ୟରେ ମୋଟ ୫୨୬୦୭ କିମି ନୂଆ ରାସ୍ତା ନିର୍ମାଣ କରାଯିବ।

କ୍ୟାବିନେଟ୍ ବୈଠକ ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ଦେଇଥିବା ସୂଚନା ଅନୁସାରେ ସେତୁ ବନ୍ଧନ ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ▶ପୃଷ୍ଠା-୭



- ୫ ବର୍ଷରେ ୫୨ ହଜାର କିମି ନୂଆ ରାସ୍ତା ନିର୍ମାଣ ଲକ୍ଷ୍ୟ
- ୧୭୫୦ ନୂଆ ସେତୁ ପାଇଁ ଖର୍ଚ୍ଚ ହେବ ୧୧୮୦୦ କୋଟି
- ନୂଆ କୃଷି ଓ ପଶୁ ସମ୍ପଦ ବିପଣନ ଆଇନ ପ୍ରଣୟନକୁ ମଞ୍ଜୁରୀ
- ରାଜ୍ୟ କୃଷି ନୀତି ଅଧୀନରେ ସବସିଡି ଯୋଜନା ୫ ବର୍ଷ ବୃଦ୍ଧି

## ଲଘୁଚାପ ପ୍ରଭାବ: ୩ ଦିନ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୧୪।୭ (ସମିସ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ। ଏହା ପ୍ରଭାବରେ ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିବ। ବିଶେଷ କରି ଉତ୍ତର ଉପକୂଳରେ ବୁଧବାର ରାତି ପର୍ଯ୍ୟନ୍ତ ଭଲ ବର୍ଷା ହେବା ସହ ପରେ ପରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ବଢ଼ିବ। କେତେକ ସ୍ଥାନରେ ଘନଘନ ବିଜୁଳି ଓ ଘଡ଼ଘଡ଼ି ସହ ତୁହାକୁ ତୁହା ବର୍ଷା ହେବ। ରଥଯାତ୍ରା ପୂର୍ବରୁ ପାଣିପାଗରେ ପରିବର୍ତ୍ତନ ଆସିବା ଯୋଗୁଁ ଏଥର ରଥଯାତ୍ରାରେ ଅନେକ ସ୍ଥାନରେ ବର୍ଷା ହେବା ସହ ଗୁଳୁଗୁଳି ମୁକ୍ତ ରଥଯାତ୍ରା ହେବ ବୋଲି ଆକଳନ କରାଯାଇଛି।



ବର୍ତ୍ତମାନ ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ନିକଟରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ପଶ୍ଚିମ ବାଂଲାଦେଶ ଉପକୂଳରେ ଏହି ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଲଘୁଚାପର ପ୍ରଭାବ ୧୭ ତାରିଖ ପର୍ଯ୍ୟନ୍ତ ରହିବ ଓ ଏହାଦ୍ୱାରା ରାଜ୍ୟର ଅଧିକାଂଶ ସ୍ଥାନରେ ▶ପୃଷ୍ଠା-୭

## ବନ୍ଦ ହୋଇଗଲା 'ଆମ ଜଙ୍ଗଲ' ଯୋଜନା

### ସୁରକ୍ଷିତ ଥିଲା ଜଙ୍ଗଲ; ସ୍ୱାବଲମ୍ବୀ ହୋଇଥିଲେ ନିକଟବର୍ତ୍ତୀ ଗ୍ରାମବାସୀ

■ **ବଲାଙ୍ଗିର, ୧୪।୭ (ସମିସ):** ଜଙ୍ଗଲ ସୁରକ୍ଷିତ ରଖିବା ପାଇଁ ବିଜେଡି ସରକାର ଯେଉଁ ଯୋଜନା ଆରମ୍ଭ କରିଥିଲେ, ୧୦ ବର୍ଷ ପରେ ସେହି ଯୋଜନାକୁ ବର୍ତ୍ତମାନର ବିଜେପି ସରକାର ବନ୍ଦ କରିଦେଲେ। ରାଜ୍ୟରେ 'ଆମ ଜଙ୍ଗଲ' ଯୋଜନାରେ ଜଙ୍ଗଲ ନିକଟବର୍ତ୍ତି ଗ୍ରାମବାସୀଙ୍କୁ ନେଇ ବନ ସୁରକ୍ଷା ସମିତି ଗଠନ, ଗ୍ରାମବାସୀଙ୍କ ଜୀବନ ଜୀବିକା ପାଇଁ ବ୍ୟବସ୍ଥା କରିବା ଓ ଜଙ୍ଗଲ ସୁରକ୍ଷାରେ ସେମାନଙ୍କୁ ନିୟୋଜିତ କରାଯାଇଥିଲା। ବଲାଙ୍ଗିର ଜିଲ୍ଲାରେ ଏହାର ସଫଳତା ହାର ଅନ୍ୟ ଜିଲ୍ଲା ଅପେକ୍ଷା ଅଧିକ ରହିଥିବା ବେଳେ ଏହି ଯୋଜନାକୁ ସରକାର ବନ୍ଦ କରିଦେଇଛନ୍ତି। ଏହାଫଳରେ ୧୦ ବର୍ଷ ଧରି ଘରୋଇ କର୍ମଚାରୀ ଭାବେ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି କର୍ମଚାରୀଙ୍କ ଭବିଷ୍ୟତ ଭଳି ବଲାଙ୍ଗିର ଜିଲ୍ଲାରେ ସୁରକ୍ଷିତ ଜଙ୍ଗଲର ମଧ୍ୟ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

ପ୍ରାୟତଃ ଜଙ୍ଗଲ ନିକଟରେ ଥିବା ଗାଁ ଲୋକଙ୍କ ଦ୍ୱାରା ଜଙ୍ଗଲରେ ଶିକାର ସଂଖ୍ୟା ବୃଦ୍ଧି ପାଇଥାଏ। ସେମାନଙ୍କ ଜୀବନ ଜୀବିକା ପାଇଁ ଗ୍ରାମବାସୀ ଜଙ୍ଗଲ ଉପରେ ହିଁ ନିର୍ଭର କରିଥାନ୍ତି। ଏପରିକି ଶିକାରୀ ଓ ମାଫିଆମାନେ ମଧ୍ୟ ଏହି ଗ୍ରାମବାସୀଙ୍କୁ ଲୋଭ କିମ୍ବା ଭୟ ଦେଖାଇ ଜଙ୍ଗଲ ନଷ୍ଟ କରିଥାନ୍ତି। ଏଭଳି ସ୍ଥିତିରେ ବନ ବିଭାଗରେ କାର୍ଯ୍ୟରତ ଥିବା କର୍ମଚାରୀମାନେ ଏହାକୁ ରୋକିବା ଏକ ପ୍ରକାର ଅସମ୍ଭବ। ଏହାକୁ ଦୃଷ୍ଟିରେ ରଖି ୨୦୧୬-୧୭ ଆର୍ଥିକ ବର୍ଷରେ ତତ୍କାଳୀନ ବିଜେଡି ସରକାର 'ଆମ ଜଙ୍ଗଲ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା ଜଙ୍ଗଲକୁ ଲାଗି ରହିଥିବା ଗ୍ରାମବାସୀଙ୍କୁ ନେଇ ଏକ ବନ ସୁରକ୍ଷା ସମିତି ଗଠନ କରିବା, ସେହି କମିଟି ସହାୟତାରେ ଗାଁର ସର୍ଭେ କରି ଲୋକଙ୍କ ସାମାଜିକ, ଆର୍ଥିକ ପରିସ୍ଥିତିକୁ ବୁଝିବା ଓ ସେମାନଙ୍କୁ ▶ପୃଷ୍ଠା-୭

ଆମ ଜଙ୍ଗଲ ଯୋଜନା

କାର୍ଯ୍ୟରତ କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ

# ୱାଙ୍ଗଚୁକ ଗୁରୁତର; ଓଜନ ଖସିଲା ୮.୨ କେଜି



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତରଠାରେ ଆମରଣ ଅନଶନରେ ବସିଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶ କର୍ମୀ ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିବା ଜଣାପଡ଼ିଛି। ସୋମବାର ସୁଦ୍ଧା ତାଙ୍କ ଅନଶନ ୧୭ତମ ଦିନରେ ପହଞ୍ଚିଥିବା ବେଳେ ତାଙ୍କ ଓଜନ ୮.୨ କିଲୋଗ୍ରାମ ହ୍ରାସ ପାଇଥିବା ନେଇ କଙ୍ଗ୍ରେସ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ସୂଚନା ଦିଆଯାଇଛି। ୱାଙ୍ଗଚୁକଙ୍କ ରକ୍ତରେ ଶର୍କରା ସ୍ତର ଏବଂ ରକ୍ତଚାପ ହ୍ରାସ ପାଉଛି। ଲଗାତାର ୧୭ ଦିନ ଧରି ଖାଦ୍ୟ ତ୍ୟାଗ କରିବା ଫଳରେ ତାଙ୍କ ଶରୀର ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ପରୀକ୍ଷା ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ବିରୋଧ କରି ୱାଙ୍ଗଚୁକ

**ଆମରଣ ଅନଶନର ୧୭ ଦିନ**

ଏହି ଆନ୍ଦୋଳନ ଜାରି ରଖିଛନ୍ତି। ୱାଙ୍ଗଚୁକଙ୍କ ଏହି ଆନ୍ଦୋଳନକୁ ବିଭିନ୍ନ ଛାତ୍ର ସଙ୍ଗଠନ ଏବଂ ବିରୋଧୀ ଦଳ ସମର୍ଥନ ଜଣାଇଛନ୍ତି। ନିକଟରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ନେତୃତ୍ୱରେ ଏକ ଆପ୍ ପ୍ରତିନିଧି ଦଳ ଏବଂ ସିପିଆଇ(ଏମ) ସାଂସଦ ଅମରା ରାମ ପ୍ରତିବାଦ ସ୍ଥଳ ପରିଦର୍ଶନ କରି ୱାଙ୍ଗଚୁକଙ୍କ ସହ ଆଲୋଚନା କରିଛନ୍ତି। ଅନଶନ ପ୍ରତ୍ୟାହାର ଲାଗି ସେମାନେ ତାଙ୍କୁ ଅନୁରୋଧ କରିଛନ୍ତି। କିନ୍ତୁ ସେ ତାଙ୍କ ଜିଦରେ ଅଟଳ ରହିଛନ୍ତି।

ଆସନ୍ତା ଜୁଲାଇ ୨୦ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ, ଜନ୍ତରମନ୍ତରରୁ ସଂସଦ ଭବନ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ପାଇଁ ପ୍ରତିବାଦକାରୀମାନେ ଯୋଜନା ରଖିଛନ୍ତି।

# ପିଓକେ ଅସମ୍ଭାଳ, ଗୁଳିରେ ୮ ନିହତ



ମୁଜାଫରାବାଦ, ୧୪।୭ (ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଆୟୋଜିତ ହେବାକୁ ଥିବା ଏକ ବିଶାଳ ପଦଯାତ୍ରା ପୂର୍ବରୁ ପାକିସ୍ତାନୀ ସୁରକ୍ଷା ବାହିନୀର ଦମନଲୀଳା ଜାରି ରହିଛି। ପାକିସ୍ତାନୀ ସେନାର ଗୁଳିମାଡ଼ରେ ଆଜି ଆଉ ୮ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଛନ୍ତି।

ସୂଚନା ଅନୁଯାୟୀ, ଜୁଲାଇ ୧୫ରେ ମୁଜାଫରାବାଦରେ ଏକ ବଡ଼ ଧରଣର ବିକ୍ଷୋଭ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ଗୁଳି ମାଡ଼କରିଥିଲେ। ରାୱଲାକୋଟ୍ ବସ୍‌ଷ୍ଟାଣ୍ଡ ନିକଟରେ ଏକତ୍ରିତ ହୋଇଥିବା ଶତାଧିକ ମହିଳା ଓ ସାଧାରଣ ଜନତାଙ୍କ ଉପରକୁ ରେଞ୍ଜର୍ସମାନେ ଗୁଳି ଚଳାଇଥିଲେ। ଏହା ବ୍ୟତୀତ ସୁଧନୋତି ଅଞ୍ଚଳରୁ ମଧ୍ୟ ଗୁଳି ବିନିମୟ ହୋଇଥିବା ଜଣାପଡ଼ିଛି। ଭାଇରାଲ୍ ହୋଇଥିବା ଏକ ଭିଡିଓରେ ପ୍ରବଳ ଧୂଆଁ ଓ ଗୁଳିମାଡ଼ ମଧ୍ୟରେ ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ୁଥିବା ଦେଖିବାକୁ ମିଳୁଛି। ଏହି ଜନ ଆନ୍ଦୋଳନ ଜଏଣ୍ଟ ଆୱାମୀ ଆକ୍ସନ୍ କମିଟି' (ଜେଏଏସି)ର ନେତୃତ୍ୱରେ ଚାଲିଛି। ପ୍ରତିବାଦକାରୀମାନେ ମୁଖ୍ୟତଃ ବିଦ୍ୟୁତ୍ ଶୁଳ୍କ ହ୍ରାସ, ଗହମ ଉପରେ ସବସିଡି, ନିଯୁକ୍ତି ସୁଯୋଗ ଏବଂ ଉତ୍ତମ ଶାସନ ଭଳି ୩୮ ଦଫା ସମ୍ବଳିତ ଦାବି ରଖିଛନ୍ତି। ଜେଏଏସି ନେତା ସର୍ଦ୍ଦାର ଅମାନ ଖାନ ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ସରକାର ଏହି ଅଞ୍ଚଳକୁ ଶୋଷଣ କରୁଥିବା ବେଳେ ଏହାର ନିବାସୀଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ ରଖୁଛନ୍ତି। ସେ 'ପିଓକେ ପାକିସ୍ତାନର ଅଂଶ ନୁହେଁ' ବୋଲି ମଧ୍ୟ ଦାବି କରିଛନ୍ତି। ଆନ୍ଦୋଳନକୁ ଦମନ କରିବା ପାଇଁ ପାକିସ୍ତାନୀ କର୍ତ୍ତୃପକ୍ଷ ଅତ୍ୟନ୍ତ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଜେଏଏସିକୁ ଆତଙ୍କବାଦ ବିରୋଧୀ ଆଇନ ଅଧୀନରେ ନିଷିଦ୍ଧ କରାଯାଇଥିବା ବେଳେ ଅନେକ ନେତାଙ୍କ ବିରୋଧରେ

**ଭାରତର କଡ଼ା ନିନ୍ଦା**

ଅପରାଧିକ ମାମଲା ରୁଜୁ ହୋଇଛି। ବିଭିନ୍ନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରି ଦିଆଯାଇଛି ଏବଂ ରାସ୍ତାରେ ବ୍ୟାରିକେଡ୍ ଲଗାଇ ଲୋକଙ୍କୁ ମୁଜାଫରାବାଦ ଯିବାରୁ ଅଟକାଯାଉଛି। ପିଓକେରେ ଚାଲିଥିବା ଏହି ହିଂସାକାଣ୍ଡକୁ ଭାରତ କଡ଼ା ସମାଲୋଚନା କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଏହି ପ୍ରତିବାଦ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ବ୍ୟବସ୍ଥିତ ଶୋଷଣ ଏବଂ ପ୍ରଶାସନିକ ନିର୍ଯାତନାର ପରିଣାମ। ପାକିସ୍ତାନ ସରକାର ସାଧାରଣ ଜନତାଙ୍କ ଯଥାର୍ଥ ଦାବିକୁ ବନ୍ଧୁକ ମୁନରେ ଦମନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାରତ ପ୍ରକାଶ କରିଛି।



# ଭାରତୀୟ ବଂଶୋଦ୍ଭବ ଅନିଲ ମେନନଙ୍କ ମହାକାଶ ଯାତ୍ରା

ବାଇକୋନୁର, ୧୪।୭ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ ମଙ୍ଗଳବାର ମହାକାଶ ଯାତ୍ରା ଆରମ୍ଭ କରିଛନ୍ତି। କାଜାଖସ୍ତାନର ବାଇକୋନୁର କସମୋଡ୍ରୋମରୁ ରୁଷର ସୋୟୁଜ୍ ଏମ୍‌ଏସ୍-୨୯ ମହାକାଶ ଯାନ ଯୋଗେ ସେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଅଭିମୁଖେ ଯାତ୍ରା କରିଛନ୍ତି। ଆମେରିକାର ମହାକାଶ ସଂସ୍ଥା 'ନାସା'ର ଏହି ମିସନରେ

**ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ରହିବେ ୮ ମାସ**

ତାଙ୍କ ସହ ରୁଷୀୟ ମହାକାଶଚାରୀ ପ୍ୟୋଟର ଦୁବ୍ରୋଭ ଏବଂ ଆନ୍ନା କିକିନା ମଧ୍ୟ ସାମିଲ ଅଛନ୍ତି। ଆଜି ଭାରତୀୟ ସମୟ ରାତି ୮.୧୭ ମିନିଟରେ ଏହି ମହାକାଶ ଯାନ ଉତ୍କ୍ଷେପଣ କରାଯାଇଥିଲା। ପ୍ରାୟ ତିନି ଘଣ୍ଟାର ଯାତ୍ରା ପରେ ଏହା ମହାକାଶ କେନ୍ଦ୍ରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି ତିନିଜଣିଆ ଦଳ ପ୍ରାୟ ୮ ମାସ ପର୍ଯ୍ୟନ୍ତ ମହାକାଶରେ ରହିବେ। ନିଜ ରହଣୀ କାଳରେ ବିଭିନ୍ନ ବୈଜ୍ଞାନିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରିବେ। ସେମାନେ ୨୦୨୭ରେ ପୃଥିବୀକୁ ଫେରିବେ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ, ୪୯ ବର୍ଷୀୟ ଅନିଲ ମେନନ ଜଣେ ଦକ୍ଷ ଜରୁରୀକାଳୀନ ଚିକିତ୍ସା ବିଶେଷଜ୍ଞ ଏବଂ ଆମେରିକା ମହାକାଶ ବାହିନୀର ଜଣେ କର୍ଣ୍ଣେଲ। ସେ ଆମେରିକାର ମିନିଆପୋଲିସରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ଭାରତୀୟ ହୋଇଥିବା ବେଳେ ମାତା ୟୁକ୍ରେନର ନାଗରିକ। ସେ ନ୍ୟୁରୋବାୟୋଲୋଜି, ମେକାନିକାଲ୍ ଇଞ୍ଜିନିୟରିଂ ଏବଂ ମେଡିସିନରେ ଡିଗ୍ରୀ ହାସଲ କରିଛନ୍ତି। ଅନିଲ ପୂର୍ବରୁ ନାସାରେ ଫ୍ଲାଇଟ୍ ସର୍ଜନ ଭାବେ କାର୍ଯ୍ୟ କରିଛନ୍ତି।

# ଲାଲୁଙ୍କ ଜାମିନ କାଏମ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ବହୁଚର୍ଚ୍ଚିତ ଗୋଖାଦ୍ୟ ଦୁର୍ନୀତି ମାମଲାରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ସୋମବାର ବଡ଼ ଆଶ୍ୱସ୍ତି



ମିଳିଛି। ସର୍ବୋଚ୍ଚ ନ୍ୟାୟାଳୟ ଲାଲୁଙ୍କୁ ହାଇକୋର୍ଟ ପ୍ରଦାନ କରିଥିବା ଜାମିନ ଆଦେଶକୁ କାଏମ ରଖିବା ସହ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଆଜି ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ କହିଛନ୍ତି ଯେ, ସେମାନେ ହାଇକୋର୍ଟଙ୍କ ଆଦେଶରେ କୌଣସି ପରିବର୍ତ୍ତନ କରିବାକୁ ଇଚ୍ଛୁକ ନୁହନ୍ତି। ତେବେ ଏଥିସହିତ ଟ୍ରାଏଲ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଲାଲୁ ପ୍ରସାଦ ଯାଦବ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ପକ୍ଷରୁ ଦାୟର କରାଯାଇଥିବା ମୁଖ୍ୟ ଅପିଲଗୁଡ଼ିକର ଶୁଣାଣିକୁ ତ୍ୱରାନ୍ୱିତ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଖାଦ୍ୟ ଦୁର୍ନୀତି ମାମଲାରେ ସିବିଆଇ ଏବଂ ଲାଲୁ ଉଭୟ ପକ୍ଷରୁ ହାଇକୋର୍ଟରେ ପୃଥକ ଭାବେ ଆବେଦନ କରାଯାଇଛି। ସୁପ୍ରିମକୋର୍ଟ ଆଜି ଏହି ମୁଖ୍ୟ ଅପିଲଗୁଡ଼ିକ ଉପରେ ଶୀଘ୍ର ଶୁଣାଣି କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

# ହାଫିଜ ସୟିଦ ବିରୋଧରେ ଜାମିନ ବିହୀନ ୱାରେଣ୍ଟ

ଜାମ୍ମୁ, ୧୪।୭ (ଏଜେନ୍ସି): ଜାମ୍ମୁର ଏକ ସ୍ୱତନ୍ତ୍ର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କୋର୍ଟ, ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା (ଏଲ୍‌ଇଟି)ର ମୁଖ୍ୟ ହାଫିଜ ସୟିଦ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରିଛନ୍ତି। ଏନଆଇଏ ପକ୍ଷରୁ ଏହି ମାମଲାରେ ଏକ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବାର ୨ ଦିନ ପରେ ସ୍ୱତନ୍ତ୍ର କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ୭୬ ବର୍ଷୀୟ ହାଫିଜ ସୟିଦକୁ ବ୍ୟକ୍ତିଗତ ଭାବେ ଏବଂ ଏଲ୍‌ଇଟି ତଥା ଏହାର ପ୍ରକ୍ସି ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ'



(ଟିଆର୍‌ଏଫ୍)ର ମୁଖ୍ୟ ଭାବେ ଏହି ଚାର୍ଜସିଟ୍‌ରେ ନାମିତ କରାଯାଇଛି। ସୟିଦଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ଅଧିନିୟମ (ୟୁଏପିଏ)ର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି। କୋର୍ଟ ଅନୁଯାୟୀ, ପାକିସ୍ତାନର ପଞ୍ଜାବ ପ୍ରଦେଶର ସରଗୋଧାର ବାସିନ୍ଦା ହାଫିଜ ସୟିଦ ଜାଣିଶୁଣି ଗିରଫଦାରୀକୁ ଏଡ଼ାଇ ଯାଉଛନ୍ତି। ଏନଆଇଏ କୋର୍ଟରେ ଯୁକ୍ତି ବାଢ଼ିଥିଲା ଯେ, ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଅଭିଯୁକ୍ତର ଗିରଫଦାରୀ ଏବଂ ହେପାଜତରେ ପଚରାଉଚରା କରିବା ଅତ୍ୟନ୍ତ ଆବଶ୍ୟକ। ଏହାପରେ କୋର୍ଟ ଏହି ଆଦେଶ ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅପ୍ରେଲ ୨୨ରେ ଦକ୍ଷିଣ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିଲା। ହାଫିଜ ସୟିଦକୁ ଭାରତ ଏବଂ ଆମେରିକା ପୂର୍ବରୁ ଜଣେ ବିଶ୍ୱସ୍ତରୀୟ ଆତଙ୍କବାଦୀ ଭାବେ ଘୋଷଣା କରିସାରିଛନ୍ତି।

# ନାଗାଲାଣ୍ଡରେ ବିସ୍ଫୋରଣ; ଯବାନ ସହିଦ

କୋହିମା, ୧୪।୭ (ଏଜେନ୍ସି): ନାଗାଲାଣ୍ଡର ଚୁମୁକେଡିମା ଜିଲ୍ଲାରେ ଗତକାଲି ଆଇଇଡି ବିସ୍ଫୋରଣରେ ଆସାମ ରାଇଫଲ୍ସର ଜଣେ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେନାବାହିନୀର ଗାଡ଼ି ଏକ ଅପରେସନାଲ ମୁଭମେଣ୍ଟ କରୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ବି।।ସ୍ଫୋରଣରେ ହାବିଲଦାର ମହମ୍ମଦ ଇକବାଲ ସହିଦ ହୋଇଥିବା ଜଣାପଡ଼ିଛି।

# ଇରାନର ନୂଆ କ୍ଷମତା କେନ୍ଦ୍ର ଅଲି ଖାମେନେଇ!



ତେହେରାନ, ୧୪।୭ (ଏଜେନ୍ସି): ଇରାନର ରାଜନୈତିକ ଦୃଶ୍ୟପଟରେ ନୂଆ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଇସଲାମିକ ବିପ୍ଳବର ପ୍ରତିଷ୍ଠାତା ଆୟାତୋଲ୍ଲା ରୁହୋଲ୍ଲା ଖାମେନେଇଙ୍କ ନାତି ଅଲି ଖାମେନେଇ ଏବେ ଦେଶର ଏକ ନୂତନ ଶକ୍ତି କେନ୍ଦ୍ର ଭାବେ ସାମ୍ନାକୁ ଆସିଛନ୍ତି। ବର୍ତ୍ତମାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏପରିସ୍ଥଳେ ଅଲି ଖାମେନେଇଙ୍କୁ କଠୋରପନ୍ଥୀ 'ଇସଲାମିକ ଫ୍ରଣ୍ଟ' (ଜେବେ ପାୟଦାରି)ର ପୂର୍ଣ୍ଣ ସମର୍ଥନ ମିଳିଥିବା ରିପୋର୍ଟ ପ୍ରକାଶ ପାଇଛି। ଏକ କଠୋର ରକ୍ଷଣଶୀଳ ନେତା ଭାବେ ପରିଚିତ ଅଲି ଖାମେନେଇ କୁମ୍‌ଠାରେ ଆୟୋଜିତ ଏକ ସଭାରେ ଇରାନ ଆମେରିକା ସହିତ କୌଣସି ପ୍ରକାର ଚୁକ୍ତି ବା ବୁଝାମଣା କରିବା ଉଚିତ ନୁହେଁ ବୋଲି ଘୋଷଣା କରିଛନ୍ତି। ତାଙ୍କର ଏହି ଆଭିମୁଖ୍ୟକୁ ଇରାନର ଶକ୍ତିଶାଳୀ ସୈନ୍ୟବାହିନୀ ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ମଧ୍ୟ ସମର୍ଥନ କରିଛି। ଆୟାତୋଲ୍ଲା ଖାମେନେଇଙ୍କ ଉତ୍ତରାଧିକାରକୁ ଅଧିକ ମଜବୁତ କରିବା ଏବଂ ସମଗ୍ର ମୁସଲିମ ଜଗତରେ ନିଜର ପ୍ରଭାବ ବିସ୍ତାର କରିବା ଲକ୍ଷ୍ୟରେ କଠୋରପନ୍ଥୀମାନେ ଅଲିଙ୍କୁ ପ୍ରୋତ୍ସାହିତ କରୁଥିବା ଜଣାପଡ଼ିଛି। ବିଶେଷଜ୍ଞଙ୍କ ଅନୁସାରେ, ଅଲି ଖାମେନେଇ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର ପ୍ରଭାବ ହ୍ରାସ କରିବା ଏବଂ ପଡ଼ୋଶୀ ଦେଶଗୁଡ଼ିକୁ ତେହେରାନର ପ୍ରଭାବ ବଳୟକୁ ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି ନୂତନ ନେତୃତ୍ୱ ଯୋଗୁଁ ଇରାନରେ ସଂସ୍କାରବାଦୀ ଗୋଷ୍ଠୀଙ୍କ ପାଇଁ ସୁଯୋଗ ସଙ୍କୁଚିତ ହେବା ସମ୍ଭାବନା ରହିଛି। ଏଥିସହ ହିଜବୁଲ୍ଲା, ହାମାସ ଓ ହୁତି ବିଦ୍ରୋହୀଙ୍କୁ ମିଳୁଥିବା ଆର୍ଥିକ ତଥା ସାମରିକ ସହାୟତା ମଧ୍ୟ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍‌ର ନିୟନ୍ତ୍ରଣ ହାତେଇଥିବା ଦାବି କରିଛନ୍ତି। ସେ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ସାମ୍ପ୍ରତିକ ଉତ୍ତେଜନା ମଧ୍ୟରେ ଇରାନ ପକ୍ଷରୁ ବାହାରିନ, କୁଏତ ଏବଂ କତାର ଉପରେ ଡ୍ରୋନ ଆକ୍ରମଣ କରାଯାଇଛି। ଏହାର ଜବାବରେ ଆମେରିକା ବୁସେହର ଏବଂ କେଶମ ଭଳି ସ୍ଥାନରେ ଏୟାରଷ୍ଟ୍ରାଇକ କରିଛି। ଏହି ଯୁଦ୍ଧ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ପ୍ରାୟ ୪ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୭୯ ଡଲାରରେ ପହଞ୍ଚିଛି।

# 'ଭୋଜଶାଳା' ନିକଟରେ ନମାଜ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି


ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଅବସ୍ଥିତ ବିବାଦୀୟ ଭୋଜଶାଳା ପରିସର ନିକଟରେ ଶୁକ୍ରବାର ନମାଜ ପାଠ ପାଇଁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମୁସଲିମ ସମ୍ପ୍ରଦାୟକୁ ଶୁକ୍ରବାର ପ୍ରାର୍ଥନା ପାଇଁ ଭୋଜଶାଳା ସ୍ଥଳ ସଂଲଗ୍ନ ଏକ ଖୋଲା ସ୍ଥାନ ଯୋଗାଇ ଦିଆଯିବ।



ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଏକ ପୂର୍ବ ଆଦେଶ ବିରୋଧରେ ଦାୟର ହୋଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ସାମୟିକ ବ୍ୟବସ୍ଥା କରିଛନ୍ତି। ହାଇକୋର୍ଟଙ୍କ ଆଦେଶ ଉପରେ କୌଣସି ଅନ୍ତରୀଣ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ଏବଂ ମଧ୍ୟପ୍ରଦେଶ ସରକାରଙ୍କଠାରୁ ଜବାବ ତଲବ କରାଯାଇଛି। ନ୍ୟାୟାଳୟ ଏହି ମାମଲାର ଶୁଣାଣି କରିବା ସହିତ ଏଏସ୍‌ଆଇକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, କୋର୍ଟଙ୍କ ପୂର୍ବ ଅନୁମତି ବିନା ସମ୍ପୃକ୍ତ ସ୍ଥାନରେ କୌଣସି ପ୍ରକାରର ଗଠନମୂଳକ ପରିବର୍ତ୍ତନ କରାଯାଇପାରିବ ନାହିଁ। ଶୁଣାଣି ସମୟରେ ଖଣ୍ଡପୀଠ ଏହି ବିଷୟର ସମ୍ବେଦନଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶାନ୍ତି ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ପକ୍ଷଙ୍କୁ କୌଣସି ପ୍ରକାରର ଉତ୍ତେଜନାମୂଳକ ମନ୍ତବ୍ୟ ଦେବାରୁ ବିରତ ରହିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଶୁଣାଣି ସମୟରେ ପ୍ରଶ୍ନ ଉଠାଯାଇଥିଲା ଯେ, ଦୁଇ ମାସ ତଳେ ହାଇକୋର୍ଟ ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରିବାରେ ଏତେ ବିଳମ୍ବ କାହିଁକି ହେଲା? ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ତିନି ସପ୍ତାହ ପରେ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।

# ହର୍ମୁଜରେ ଫସିଛି ଭାରତ ପତାକାଧାରୀ ୭ ଜାହାଜ

**ଅଟକିଛନ୍ତି ୧୪୮ ନାବିକ**




ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ସାମରିକ ଉତ୍ତେଜନା ଯୋଗୁଁ ପର୍ସିଆନ୍ ଗଲ୍ ଅଞ୍ଚଳରେ ୧୪୮ ଜଣ ଭାରତୀୟ ନାବିକଙ୍କ ସମେତ ୭ଟି ଭାରତୀୟ ପତାକାଧାରୀ ଜାହାଜ ଫସି ରହିଛନ୍ତି। ଏହି ଅଶାନ୍ତ ପରିସ୍ଥିତି ମଧ୍ୟରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିବା ସୂଚନା ମିଳିଛି। ଆମେରିକା-ଇରାନ ମଧ୍ୟରେ ସାମରିକ ସଂଘର୍ଷ ବୃଦ୍ଧି ପାଇବା ପୂର୍ବରୁ ଏହି ୭ଟି ଭାରତୀୟ ଜାହାଜ ହର୍ମୁଜ୍ ଅଞ୍ଚଳର ପଶ୍ଚିମ ପାର୍ଶ୍ୱରେ ଥିଲେ। ବର୍ତ୍ତମାନର ସ୍ଥିତିରେ ଏହି ଜାହାଜଗୁଡ଼ିକ ସେହି ଅଞ୍ଚଳ ଛାଡ଼ି ବାହାରକୁ ଆସିବା ସମ୍ଭବ ହେଉନାହିଁ। ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀରେ ୨ଟି ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି।

ସୂଚନା ଅନୁଯାୟୀ, ଇରାନର କ୍ରୁଜ୍ ମିସାଇଲ୍ ଆକ୍ରମଣର ଶିକାର ହୋଇଥିବା ୟୁଏଇ ପତାକାଧାରୀ ଦୁଇଟି ଟ୍ୟାଙ୍କର 'ଅଲ୍ ବାହିୟା' ଏବଂ 'ମୋମ୍ବାସା'ରେ ସମୁଦାୟ ୨୯ ଜଣ ଭାରତୀୟ ନାବିକ କାର୍ଯ୍ୟରତ ଥିଲେ। ଅଲ୍ ବାହିୟା ଜାହାଜରେ ୧୨ ଜଣ ଭାରତୀୟଙ୍କ ସମେତ ମୋଟ ୨୩ ଜଣ କ୍ରୁ ସଦସ୍ୟ ଥିଲେ। ଏହି ଆକ୍ରମଣରେ ଜଣେ ଭାରତୀୟ କ୍ରୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ ନିଶ୍ଚିତ କରାଯାଇଛି। ମୋମ୍ବାସା ଜାହାଜରେ ୧୭ ଜଣ ଭାରତୀୟ ଏବଂ ଅନ୍ୟ ଦେଶର ୬ ଜଣ ସଦସ୍ୟ ରହିଛନ୍ତି। ଆକ୍ରମଣରେ ଅଲ୍ ବାହିୟାରେ ଜଣେ ଭାରତୀୟ ପ୍ରାଣ ହରାଇଥିବା ବେଳେ ମୋମ୍ବାସାରେ ୯ ଜଣ ଭାରତୀୟ ନାବିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବର୍ତ୍ତମାନର ସୁରକ୍ଷା ପରିସ୍ଥିତି ଯୋଗୁଁ ପାରସ୍ୟ ଉପସାଗରରେ ଭାରତ ସହ ଜଡିତ ପ୍ରାୟ ୧୧ଟି ବାଣିଜ୍ୟିକ ଜାହାଜ ଅଟକି ରହିଛି। ଏହି ଜାହାଜଗୁଡ଼ିକରେ ୧୪୮ ଜଣ ଭାରତୀୟ ନାବିକ ଥିବା ବେଳେ ସେମାନେ ହର୍ମୁଜ ଦେଇ ସୁରକ୍ଷିତ ଯାତାୟାତ ପାଇଁ ଅପେକ୍ଷା କରିଛନ୍ତି। ସରକାରୀ ସୂତ୍ର ଅନୁଯାୟୀ, ଗତ ଫେବୃଆରୀ ୨୮ରୁ ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଏହି ଯୁଦ୍ଧ ଯୋଗୁଁ ଏପର୍ଯ୍ୟନ୍ତ ୧୩ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି।


# ସ୍ୱାମୀଙ୍କୁ ୩ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗିଥିଲେ ସ୍ତ୍ରୀ ଓ ପ୍ରେମିକ

ମୁମ୍ବଇ, ୧୪।୭ (ଏଜେନ୍ସି): ମହାରାଷ୍ଟ୍ରର ନଭି ମୁମ୍ବାଇରେ ଏକ ଅତି ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ଜଣେ ମହିଳା ନିଜ ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ହତ୍ୟା କରିବା ପରେ ତାଙ୍କ ଶରୀରକୁ ୩ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ପ୍ରାୟ ୧୧ ମାସ ପରେ ଏହି ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୁଲିସ ଅନୁଯାୟୀ, ମୃତ ବ୍ୟକ୍ତି ହେଉଛନ୍ତି ବଳିରାମ ସୂର୍ଯ୍ୟନାଥ କୁଶୱାହା (୫୦)। ତାଙ୍କ ପତ୍ନୀ ସୁନୀତା କୁଶୱାହା (୪୦) ଏବଂ ତାଙ୍କର କଥିତ ପ୍ରେମିକ ରାହୁଲ ଦଶରଥ ପ୍ରଜାପତି (୩୦) ମିଶି ଏହି ହତ୍ୟାକାଣ୍ଡର ଯୋଜନା କରିଥିଲେ। ବଳିରାମ ନିଜ ପତ୍ନୀଙ୍କର ରାହୁଲଙ୍କ ସହ ଥିବା ଅବୈଧ ସମ୍ପର୍କକୁ ବିରୋଧ କରୁଥିବାରୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଏହି ଷଡ଼ଯନ୍ତ୍ର କରାଯାଇଥିଲା। ୨୦୨୫ ଅଗଷ୍ଟ ୯ରେ, ଅଭିଯୁକ୍ତମାନେ ପ୍ରଥମେ ବଳିରାମଙ୍କ ଦୁଇ ସନ୍ତାନଙ୍କୁ ସେମାନଙ୍କ ମାଉସୀ ଘରକୁ ପଠାଇ ଦେଇଥିଲେ। ବଳିରାମ ଶୋଇଯିବା ପରେ ଉଭୟ ମିଶି ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ ଏବଂ ପରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ ଅଲଗା କରିବା ସହ ଶରୀରକୁ ତିନି ଖଣ୍ଡ କରି କାଟି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ଶରୀରର ଅଂଶଗୁଡ଼ିକୁ ପୃଥକ ଭାବେ ବସ୍ତା ଓ ବେଡସିଟ୍‌ରେ ଗୁଡ଼ାଇ ରଖିଥିଲେ। ପରେ ରାହୁଲଙ୍କ ଅଟୋରିକ୍ସାରେ ନେଇ ଗାଭଲି ଦେବ ପାହାଡ଼ ଜଙ୍ଗଲର ତିନୋଟି ଭିନ୍ନ ସ୍ଥାନରେ ଫିଙ୍ଗି ଦେଇଥିଲେ।

# ବଙ୍ଗୋପସାଗରରେ ସକ୍ରିୟ ହେଉଛି ମୌସୁମୀ



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): କିଛି ଦିନର ଶୁଖିଲା ପାଣିପାଗ ଏବଂ ଗୁଳୁଗୁଳି ପରେ ଏବେ ଦେଶରେ ମୌସୁମୀ ପୁଣି ସକ୍ରିୟ ହେବାକୁ ଯାଉଛି। ପ୍ରଶାନ୍ତ ମହାସାଗରରୁ ଆସିଥିବା ଏକ ବାୟୁ ପ୍ରବା ବଙ୍ଗୋପସାଗରରେ ପହଞ୍ଚିଛି। ଏହା ଆଗାମୀ ଦିନରେ ଭାରତରେ ମୌସୁମୀ ବର୍ଷାକୁ ପୁନର୍ଜୀବିତ କରିବ ବୋଲି ଆଶା କରାଯାଉଛି। ସାଟେଲାଇଟ୍ ଚିତ୍ର ଅନୁଯାୟୀ, ବଙ୍ଗୋପସାଗର ଉପରେ ଏକ ବାୟୁମଣ୍ଡଳୀୟ ଚଳନ ସୃଷ୍ଟି ହୋଇଛି। ଏହା ଘନ ବାଦଲ ଏବଂ ଶକ୍ତିଶାଳୀ ବାୟୁ ପ୍ରବାହ ସୃଷ୍ଟି କରୁଛି। ଏହି ପ୍ରକ୍ରିୟାରେ ଏକ ଲଘୁଚାପ କ୍ଷେତ୍ର ପରିଣତ ହେବାର ସମ୍ଭାବନା ରହିଛି। ଏପରି ହେଲେ ଏହି ଲଘୁଚାପ କ୍ଷେତ୍ର ସମୁଦ୍ରରୁ ଆର୍ଦ୍ର ବାୟୁକୁ ଟାଣି ଆଣିବ ଏବଂ ଭାରତରେ ବ୍ୟାପକ ବର୍ଷା କରାଇବ। ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ଆଗାମୀ ୨-୩ ଦିନ ମଧ୍ୟରେ ଏହି ବାୟୁ ପ୍ରବାହ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଅଭିମୁଖେ ଅଗ୍ରସର ହେବ। ଏହାର ପ୍ରଭାବରେ ପୂର୍ବ ଭାରତରେ ବର୍ଷାର ପରିମାଣ ବଢ଼ିବ ଏବଂ ପରବର୍ତ୍ତୀ ସମୟରେ ଏହା ମଧ୍ୟ ଓ ଉତ୍ତର ଭାରତକୁ ବ୍ୟାପିବ। ଚଳିତ ବର୍ଷ ମୌସୁମୀର ଗତିପଥ ଅନିୟମିତ ରହିଛି। ଜୁଲାଇ ପ୍ରଥମ ସପ୍ତାହରେ ପଶ୍ଚିମ ଭାରତର କିଛି ସହରରେ ପ୍ରବଳ ବର୍ଷା ହୋଇଥିବା ବେଳେ, ମାସର ମଧ୍ୟଭାଗରେ ମୌସୁମୀ ସାମାନ୍ୟ ଦୁର୍ବଳ ହୋଇଥିଲା। ଶୁଖିଲା ପାଣିପାଗ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବା ସହ ବର୍ଷାର ଅଭାବ ଦେଖାଦେଇଥିଲା। ଫଳରେ ଦେଶରେ ଖରିଫ ଚାଷ କାର୍ଯ୍ୟକୁ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଧାନ ପରି ପ୍ରମୁଖ ଫସଲ ବୁଣା କାର୍ଯ୍ୟ ମନ୍ଥର ହୋଇଯାଇଛି। ତେବେ ବଙ୍ଗୋପସାଗରରେ ସୃଷ୍ଟ ଏହି ନୂତନ ବାୟୁ ପ୍ରବାହ ବର୍ଷାର ଅଭାବକୁ ଦୂର କରିବାରେ ସାହାଯ୍ୟ କରିବ। ଏହା ଚାଷୀଙ୍କୁ ଆଶ୍ୱସ୍ତି ଆଣିଦେବ ବୋଲି ଆଶା ସଞ୍ଚାର ହୋଇଛି। ଏହାଦ୍ୱାରା ପ୍ରବଳ ଗୁଳୁଗୁଳିରୁ ମଧ୍ୟ ତ୍ରାହି ମିଳିବାର ସମ୍ଭାବନା ରହିଛି।





### ଘର ଭିତରକୁ ପଶିଗଲା ଟ୍ରକ

# ମା' ମୃତ, ଶିଶୁ ଗୁରୁତର



ସମ୍ବଲପୁର, ୧୪।୭ (ସମିସ) : ସମ୍ବଲପୁର ଜିଲ୍ଲା ସଦର ଥାନା ଅଧୀନ ଜାତୀୟ ରାଜପଥ ନଂ. ୫୩ ବାରିବନ୍ଧରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବାରିବନ୍ଧ ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ

### ଶବ ରଖି ରାସ୍ତା ଅବରୋଧ

ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଘର ଭିତରକୁ ପଶିଯାଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଘର ଭିତରେ ଶିଶୁକୁ ସ୍ତନ୍ୟପାନ କରାଉଥିବା ମା'ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଅଢ଼େଇ ବର୍ଷର ଶିଶୁ କନ୍ୟା ମଧ୍ୟ ଗୁରୁତର ଆହତ ହୋଇଛି। ମୃତ ମହିଳା ଜଣକ ହେଲେ ଦୀପାଞ୍ଜଳି ଭୋଇ (୩୪)। ସ୍ଥାନୀୟ ଲୋକେ ଆହତ ଶିଶୁ କନ୍ୟାକୁ ଉଦ୍ଧାର କରି ବୁର୍ଲା ଭିମସାର୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଉପରେ ମୃତକଙ୍କ ଶବ ରଖି ଲୋକେ ଅବରୋଧ କରିଥିଲେ। ଏହାଫଳରେ ଜାତୀୟ ରାଜପଥ ଉପରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଯୁଯୋମୁରା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଦେବାସହ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବାପରେ ଅବରୋଧ ହଟିଥିବା ସୂଚନା ମିଳିଛି।

### ଭିମସାର୍‌ରେ ଚିକିତ୍ସା ଅବହେଳା ଅଭିଯୋଗ

# ଗର୍ଭରୁ ବାହାରି ବାଲ୍‌ଟିରେ ପଡ଼ିଲା ନବଜାତକ

ସମ୍ବଲପୁର, ୧୪।୭ (ସମିସ) : ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ରେ ପୁଣି ଚିକିତ୍ସା ଅବହେଳା ଅଭିଯୋଗ ହୋଇଛି। ଗର୍ଭରୁ ନବଜାତକ ବାହାରି ଆସି ବାଲ୍‌ଟିରେ ପଡ଼ିବା ଯୋଗୁଁ ଗୁରୁତର ହୋଇଛି। ଏହି ଘଟଣାର ଦୁଇଘଣ୍ଟା ପରେ ମହିଳାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତେବେ ଏହି ଅସ୍ତ୍ରୋପଚାରରେ ବାହାର କରାଯାଇଥିବା ଶିଶୁଟି ମୃତ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଗର୍ଭବତୀଙ୍କ ମାଆଙ୍କ ସୂଚନା ଅନୁଯାୟୀ, ଗତ ୯ ତାରିଖରେ ବଲାଙ୍ଗିରରୁ ଏକ ଜାଆଁଳା ଶିଶୁଥିବା ଗର୍ଭବତୀ ପ୍ରସବ ପାଇଁ ଭିମ୍‌ସାରରେ ଭର୍ତ୍ତି ହୋଇଥିଲେ। ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ କରିବାସହ ଇଞ୍ଜେକ୍ସନ୍ ଓ ସାଲାଇନ୍ ଦିଆଯାଉଥିଲା। ରବିବାର ରାତିରେ ବର୍ଭବତୀଙ୍କୁ

### ଅସ୍ତ୍ରୋପଚାର ବେଳେ ଅନ୍ୟ ଜାଆଁଳା ଶିଶୁ ମୃତ!

କଷ୍ଟ ହେବାରୁ ସେ ଡାକିଲେ ମଧ କେହି ଡାକ୍ତର ଆସି ନ ଥିଲେ। ଗୋଟେ ଶିଶୁ ଗର୍ଭରୁ ବାହାରି ବାଲ୍‌ଟିରେ ପଡ଼ିଯାଇଥିଲା। ଜଣେ ନର୍ସ ଆସି ଶିଶୁଟିକୁ ନେଇଯାଇ ଓଜନ କରି ଏସ୍‌ଏନ୍‌ସିୟୁରେ ରଖିଲେ। ଏହାପରେ ଡାକ୍ତର ଆସଥିଲେ। ଦେଢ଼ଘଣ୍ଟା ପରେ ଅପରେସନ କରାଯାଇ ଅନ୍ୟ ଶିଶୁକୁ ବାହାର କରାଯାଇଥିବା ବେଳେ ଉକ୍ତ ଶିଶୁଟିର ମୃତ୍ୟୁ ଘଟିଥିଲା। ତୁରନ୍ତ ଅପରେସନ୍ କରାଯାଇଥିଲେ, ଶିଶୁଟି ବଞ୍ଚି ଯାଇଥାନ୍ତା ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସକାଳେ ପରିବାରଲୋକେ ଭିମ୍‌ସାର ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ନିର୍ଦ୍ଦେଶକ ସେମାନଙ୍କୁ ଘଟଣାର ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ। ଏହି ଘଟଣାକୁ ନେଇ ଭିମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ତିନିଜଣିଆ ତଦନ୍ତ କମିଟି ଗଠନ କରାଯାଇଛି ଏବଂ ତଦନ୍ତ ରିପୋର୍ଟ ଦୁଇଦିନ ମଧ୍ୟରେ ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

ଭିମସାର୍‌ରେ ବିଭିନ୍ନ ସମୟରେ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସୁଛି। ପ୍ରାୟ ଦୁଇମାସ ତଳେ ଭିମ୍‌ସାରରେ ୬ ଦିନରେ ୭ ଜଣ ପ୍ରସୂତି ମୃତ୍ୟୁବରଣ କରିଥିବାବେଳେ ମାସକ ତଳେ ଗୋଟିଏ ସାଧାରଣ ଅପରେସନ ପାଇଁ ଯାଇଥିବା ୨୪ ବର୍ଷୀୟ ଯୁବକ ସଙ୍କେତ ସାହୁଙ୍କ ମୃତ୍ୟୁକୁ ନେଇ ବିବାଦ ଲାଗି ରହିଛି।

# ସମୂହ ଛୁଟିରେ ଯୋଗାଣ ସହାୟକ

### ୨୦ ଜିଲ୍ଲାରେ ପିଡିଏସ୍ ବଣ୍ଟନ ବାଧାପ୍ରାପ୍ତ

ଭୁବନେଶ୍ୱର,୧୪।୭(ସମିସ): ସମୂହ ଛୁଟିରେ ଯାଇଛନ୍ତି ରାଜ୍ୟର ସମସ୍ତ ଯୋଗାଣ ସହାୟକ। ଏହାଦ୍ୱାରା ରାଜ୍ୟରେ ୨୦ ଜିଲ୍ଲାରେ ଯୋଗାଣ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ୧୧ ଦଫା ଦାବି ପୂରଣ ଆଶାରେ ଯୋଗାଣ ସହାୟକମାନେ ରାଜଧାନୀର ଗାନ୍ଧୀ ମାର୍ଗରେ ବର୍ଷାରେ ଭିଜି ଭିଜି ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ବର୍ଷ ଧରି ପଞ୍ଚାୟତସ୍ତରରେ ଯୋଗାଣ ସହାୟକମାନେ ସରକାରୀ ଜନସେବାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହିତ ସମ୍ପାଦନ କରିଆସୁଛନ୍ତି। ଏଥିରେ ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଏବଂ ବର୍ତ୍ତମାନ ଚାଲିଥିବା ଇ-କେୱାଇସି କାର୍ଯ୍ୟ ସାମିଲ ରହିଛି। ମାତ୍ର ଦୀର୍ଘଦିନର ସେବା ଏବଂ ଅଭିଜ୍ଞତା ସତ୍ତ୍ୱେ ସେମାନେ ଏପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ କାର୍ଯ୍ୟରତ ଅଛନ୍ତି ଏବଂ ମାତ୍ର ୮ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଛନ୍ତି। ବର୍ତ୍ତମାନ ସମୟରେ ଏହି ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହୋଇପଡ଼ିଛି ବୋଲି ସେମାନେ କହିଛନ୍ତି। ଧାରଣା ସ୍ଥଳରେ ଆଜି ବିଜେଡି ବିଧାୟକ ଅରୁଣ ସାହୁ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିବା ସହ ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ଆଗାମୀ ଦିନରେ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଯିବ ବୋଲି ସେ କହିଛନ୍ତି। ଏହାସହିତ ଆମ୍ ଆଦମୀ ପାର୍ଟି ରାଜ୍ୟ ସଭାପତି ନିଶିକାନ୍ତ





ମହାପାତ୍ର ମଧ ଧାରଣସ୍ଥଳରେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ୮ ହଜାର ଟଙ୍କା ଦରମାରେ କାମ କରୁଥିବା ଯୋଗାଣ ସହାୟକ କର୍ମଚାରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲା ବେଳେ ରାଜ୍ୟ ସରକାର ଏଥିନେଇ ସହୃଦୟତା ପ୍ରକଟ କରୁ ନଥିବାରୁ ଶ୍ରୀ ମହାପାତ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସଂଘ ସଭାପତି ସଞ୍ଜୀବ ଦାଶଙ୍କ ନେତୃତ୍ୱରେ ପ୍ରାୟ ୩୫୦୦ ଯୋଗାଣ ସହାୟକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଗ୍ରାମ ରୋଜଗାର ସେବକ ବା ଜିଆର୍‌ଏସ୍‌ମାନଙ୍କୁ ପୂର୍ବରୁ ସ୍ଥାୟୀକରଣ କରି ଏଡିଇଓ ପଦବୀ ପ୍ରଦାନ କରାଯାଇଥିବା ବେଳେ, ଯୋଗାଣ ସହାୟକମାନଙ୍କ ପ୍ରତି ମଧ ସମାନ ନ୍ୟାୟ ଦିଆଯିବା ଆବଶ୍ୟକ। ଦାବି ହାସଲ ନ ହେବା ଯାଏ ସେମାନଙ୍କ ଆନ୍ଦୋଳନ ଜାରି ରହିବ ଓ ରାଜରାସ୍ତା ଛାଡ଼ିବେ ନାହିଁ ବୋଲି ସଂଘ ଚେତାବନୀ ଦେଇଛି। ଚୁକ୍ତିଭିତ୍ତିକ ଯୋଗାଣ ସହାୟକଙ୍କ ସ୍ଥାୟୀକରଣ, ସିଧାସଳଖ ବ୍ୟାଙ୍କ ଖାତାକୁ ଦରମା ପ୍ରଦାନ, ଜିଲ୍ଲା କ୍ୟାଡରରେ ଅନ୍ତର୍ଭୁକ୍ତି, ଜିଲ୍ଲାପାଳଙ୍କ ଦ୍ୱାରା ନିଯୁକ୍ତି, ଅନୁକମ୍ପାମୂଳକ ନିଯୁକ୍ତି, ନିର୍ଦ୍ଧାରିତ କାର୍ଯ୍ୟ ସମୟ ଓ ଛୁଟି, ଅଣ-ଯୋଗାଣ କାର୍ଯ୍ୟରୁ ମୁକ୍ତି, କ୍ଷେତ୍ର ସ୍ତରରେ ସୁରକ୍ଷା, ଯାତ୍ରା ଓ ମୋବାଇଲ୍ ଭତ୍ତା, ପଦୋନ୍ନତିର ସୁଯୋଗ ଏବଂ ଗ୍ରେଡ୍ ପେ ସହ ସମ୍ମାନଜନକ ପାରିଶ୍ରମିକ ପ୍ରଦାନ ଆଦି ଦାବିରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।







ସକାଳ
THE SAKALA



## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ନେଇ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଡ୍ରେନେଜ୍ ସମସ୍ୟା, ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ

ସମ୍ବଲପୁର, ୧୪।୭ (ସମିସ)



ଆଜି ସମଗ୍ର ଶିକ୍ଷା ଅଭିଯାନ ସଭାକକ୍ଷରେ ଜିଲ୍ଲାର ସାମଗ୍ରୀକ ବିକାଶ, ଭିତ୍ତିଭୂମି ସମ୍ପ୍ରସାରଣ ତଥା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ପ୍ରମୁଖ ବିକାଶମୂଳକ ଯୋଜନା ଏବଂ ପ୍ରଶାସନିକ କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଭାରତମାଳା ଯୋଜନା ଅଧୀନରେ ନିର୍ମାଣାଧୀନ ସମ୍ବଲପୁର ରିଙ୍ଗ୍ ରୋଡ୍ ଏବଂ ୫୫ ନମ୍ବର ଜାତୀୟ ରାଜପଥ (ସମ୍ବଲପୁର-ଅନୁଗୁଳ) କାର୍ଯ୍ୟ, ରେଳ ଯୋଗାଯୋଗର ଉନ୍ନତିକରଣ ଲକ୍ଷ୍ୟରେ ଜରପଡ଼ାରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ୩ୟ ଏବଂ ୪ର୍ଥ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ, ସମ୍ବଲପୁର ମୁଖ୍ୟ ଷ୍ଟେସନରୁ ସମ୍ବଲପୁର ସିଟି ଷ୍ଟେସନକୁ ସଂଯୋଗ କରୁଥିବା ରେଳ ଫ୍ଲାଏଓଭର ପ୍ରକଳ୍ପ, ମା’ ସମଲେଶ୍ୱରୀଙ୍କ ପୀଠର ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନତି ପାଇଁ ସମଲେଇ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ, ସରକାରୀ ଜମିର ସୁରକ୍ଷା ପାଇଁ ଜବରଦଖଲ ମାମଲାଗୁଡ଼ିକର ରୁଜୁ ଏବଂ ଏହାର ଫଇସଲାର ମାସିକ ଅଗ୍ରଗତି, ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକ ସପକ୍ଷରେ ଜମିର ନିୟମିତକରଣ ପ୍ରକ୍ରିୟାକୁ ସହଜ ଏବଂ ଦ୍ରୁତ କରିବା ନେଇ, ଜନସାଧାରଣଙ୍କ ସୁବିଧା ନିମନ୍ତେ ପଟ୍ଟା ବା ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ରେ କଲମ୍-୨ ସଂଶୋଧନ ପ୍ରକ୍ରିୟାକୁ ସମୟବଦ୍ଧ ଭାବେ ଶେଷ କରିବା, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ‘ବସୁନ୍ଧରା ଯୋଜନା’ ମାଧ୍ୟମରେ ଭୂମିହୀନ ପରିବାରମାନଙ୍କୁ ପଟ୍ଟା ପ୍ରଦାନ ସ୍ଥିତିର ତଦାରଖ, ନୂତନ ଭାବେ ଲାଗୁ ହୋଇଥିବା ଭିବିଜି-ରାମ୍‌ଜି ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ବର୍ଷାଋତୁକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ଡ୍ରେନେଜ୍ ସମସ୍ୟା, ବନ୍ୟା ପରିସ୍ଥିତି ମୁକାବିଲା ଏବଂ ସାମଗ୍ରିକ ବିପର୍ଯ୍ୟୟ ପରିଚାଳନା ପାଇଁ ଆଗୁଆ ପ୍ରସ୍ତୁତିକୁ ନେଇ ଆଲୋଚନା କରିଥିଲେ । ଏହାସହ ମନ୍ତ୍ରୀ ଶ୍ରୀ ପୂଜାରୀ ୪ଟି ଜିଲ୍ଲା ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଅନୁଗୋଳ ଜିଲ୍ଲାରେ ଥିବା ଶିଳ୍ପସଂସ୍ଥା ଗୁଡ଼ିକ ଦ୍ୱାରା ଫ୍ଲାଏ ଆସ୍‌ର ସଠିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ତଥା ସମସ୍ତ ଉପଜିଲ୍ଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଶିଳ୍ପ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଡିସେମ୍ବର ସୁଦ୍ଧା ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ନିଜସ୍ୱ ଜମିପଟ୍ଟା

ରାଜସ୍ୱ ସେବା ଏବଂ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ସମ୍ବଲପୁର ଜିଲ୍ଲା ଏକ ବଡ଼ ସଫଳତା ଆଡ଼କୁ ଅଗ୍ରସର ହେଉଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଏହାସହ ଆସନ୍ତା ଡିସେମ୍ବର ସୁଦ୍ଧା ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ନିଜସ୍ୱ ଜମି ପଟ୍ଟା ଯୋଗାଇ ଦିଆଯିବ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିସୁଟ୍ ଓ ଭୀମସାର ଭଳି ୪ଟି ବଡ଼ ଅନୁଷ୍ଠାନକୁ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଥିଲେ । ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ସମ୍ବଲପୁର ବାଇପାସ୍ / ରିଂରୋଡ୍ ସହ ସମ୍ବଲପୁର-ଝାରସୁଗୁଡ଼ା ମଧ୍ୟରେ ଏକ ନୂତନ ଜାତୀୟ ରାଜପଥ ନିର୍ମାଣ ହେବ । ସମ୍ବଲପୁର-ବରଗଡ଼, ସମ୍ବଲପୁର-ରେଢ଼ାଖୋଲ ଏବଂ ସମ୍ବଲପୁର-ଦେବଗଡ଼-ତିଲେଇବଣି ରାସ୍ତାର ଉନ୍ନତିକରଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯାଉଛି । ଏହାସହ ଜମାଦାରପାଲି ଏୟାରଷ୍ଟ୍ରିପ୍‌କୁ ସମ୍ପୂର୍ଣ୍ଣ ବିମାନ ବନ୍ଦରରେ ରୂପାନ୍ତରିତ କରିବାକୁ ଅଧ୍ୟୟନ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ।

● କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଲକ୍ଷଲକ୍ଷ ତୋଳାଳି ଓ ପଛୁଆ ବର୍ଗର ମହିଳା ନିରାଶ: ସଂଘ

ସମ୍ବଲପୁର, ୧୪।୭ (ସମିସ): ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିମାନଙ୍କ କେରି ପ୍ରତି ପତ୍ରଦର ଓ ତୋଳାଳି, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବୋନସ ତଥା ପ୍ରୋତ୍ସାହନ ସହାୟତା ଘୋଷଣା କରିଥିବାରୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଏହାକୁ ସ୍ୱାଗତ କରିଛନ୍ତି । ଏହାସହ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, କେନ୍ଦୁପତ୍ର ସଂଗ୍ରହ ମେ’ ମାସରୁ ଶେଷ ହୋଇଥିଲେ ମଧ୍ୟ ବହୁ ବିଳମ୍ବରେ କେନ୍ଦୁପତ୍ର କେରି ପ୍ରତି ଦର କେବଳ ମାତ୍ର ୧୦ ପଇସା ବୃଦ୍ଧି ହୋଇଛି । ଏଥିରେ ଲକ୍ଷଲକ୍ଷ ତୋଳାଳି ତଥା ଆଦିବାସୀ ପଛୁଆ ବର୍ଗର ମହିଳା ମାନଙ୍କୁ ସନ୍ତୁଷ୍ଟ କରିବା ପରିବର୍ତ୍ତେ ତୀବ୍ର ଅସନ୍ତୋଷ ତଥା ନୈରାଶ୍ୟ ସୃଷ୍ଟି କରିବ । ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ଦର ବୃଦ୍ଧିକୁ ଅପେକ୍ଷା କରିଥିଲେ - ଇତି ମଧ୍ୟରେ କେନ୍ଦୁପତ୍ର ମୂଲ୍ୟ ପଇଠ କରିସାରିଲେଣି । କେରି ପ୍ରତି ୧୦ ପଇସା ବୃଦ୍ଧିରେ ତୋଳାଳିମାନେ ଆର୍ଥିକ ଦୃଷ୍ଟିରୁ ବିଶେଷ ଉପକୃତ ହେବେନାହିଁ । ଗତ ୨୦୧୬ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଅଧିକାଂଶ ବର୍ଷ ବାଦ୍ ଦେଲେ ଅନ୍ୟାନ୍ୟ ପ୍ରତି ଦୁଇବର୍ଷରେ ଥରେ କେରି ପ୍ରତି ୨୦ ପଇସା ବୃଦ୍ଧି ହୋଇଥିଲା । ସେହିପରି ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ପାଇଁ ବୋନସ ଘୋଷଣା ଉତ୍ସାହଜନକ ନୁହେଁ । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, ସିଜିନାଲ କର୍ମଚାରୀମାନଙ୍କ ମାସିକ ମଜୁରୀ ଗତ ୨୦୨୪ ମସିହା ଜୁଲାଇ ୧୮ ତାରିଖର ସର୍ବନିମ୍ନ ମଜୁରୀ ବୃଦ୍ଧି ଘୋଷଣାରେ ତାର ଶତକଡା ଅନୁପାତରେ ଘୋଷଣା ହେବ ବୋଲି ସିଜିନାଲ କର୍ମଚାରୀ ମାନେ ଆଶା କରିଥିଲେ । ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ ଏ ସମ୍ପର୍କରେ ସ୍ଥାନ ପାଇଲା ନାହିଁ । ବଜେଟରେ ଯଥାକ୍ରମେ ଗତ ତିନିବର୍ଷ ନହେଲେ ୧୦୦ କୋଟି, ୧୨୦ କୋଟି ଏବଂ ଚଳିତବର୍ଷ ବଜେଟରେ ୧୧୭ କୋଟି ଟଙ୍କା ପ୍ରାବଧାନ କରିଛନ୍ତି । କିନ୍ତୁ ବାସ୍ତବରେ ଏଥିରୁ ୫୦ କୋଟି, ୯୨ କୋଟି ଏବଂ ୧୦୦ କୋଟି ଟଙ୍କା କେନ୍ଦୁପତ୍ର ସଂସ୍ଥାକୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ତଥା ସରକାରୀ ଉଚ୍ଚ କର୍ତ୍ତୃପକ୍ଷ ଉପରୋକ୍ତ ପ୍ରସଙ୍ଗକୁ ଅନୁଧ୍ୟାନ ତଥା ସମୀକ୍ଷା କରି ସମାଧାନ କରିବାକୁ ଶ୍ରୀ ମହାନ୍ତି ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ବନ୍ଦ ହେଲା ହୀରାକୁଦ ନଦୀବନ୍ଧର ସମସ୍ତ ଗେଟ୍

ସମ୍ବଲପୁର, ୧୪।୭ (ସମିସ): ଗତ ୯ ତାରିଖ ପୂର୍ବାହ୍ଣ ୧୧ଟାରେ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା । ପ୍ରଥମ ଦିନ ମୋଟ୍ ୧୦ଟି ଖୋଲା ଯାଇଥିଲା । ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଥିଲା । ଏହାପରେ ଗତକାଲି ସକାଳ ୯ଟା ସମୟରେ ଆଉ ଗୋଟିଏ ଗେଟ୍ ବନ୍ଦ କରାଯାଇଥିଲା । ହୀରାକୁଦ ନଦୀବନ୍ଧର ମାତ୍ର ଗୋଟିଏ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବାବେଳେ ଆଜି ସନ୍ଧ୍ୟା ସାଢ଼େ ୬ଟା ସମୟରେ ତାହାକୁ ମଧ୍ୟ ବନ୍ଦ କରିଦିଆଯାଇଛି । ମଙ୍ଗଳବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦.୦୬ ଫୁଟ୍ ରହିଛି । ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୯, ୯୨୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୭, ୯୪୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୪, ୧୬୨ କ୍ୟୁସେକ୍, ପାୱାର ଚେନାଲ ଦେଇ ୧୯୧୪୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୪୩୮୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୧୪, ୪୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଖଇରମାଲଠାରେ ୪୭, ୮୦୦ କ୍ୟୁସେକ୍, ବାରମୁଲଠାରେ ୬୬, ୪୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧, ୦୫, ୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ଆଦୌ ବର୍ଷା ହୋଇ ନ ଥିବାବେଳେ ତଳମୁଣ୍ଡରେ ୦.୨୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି ।

## ବାମରା ରେଳଷ୍ଟେସନରେ ଘଣ୍ଟାଏ ଧରି ହଙ୍ଗାମା

କୁଚିଣ୍ଡା, ୧୪। ୭(ସମିସ): ବାମରା ରେଳଷ୍ଟେସନରେ ଘଟିଥିବା ଏକ ଲୁଟ୍ ଘଟଣା ରେଳଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ସୃଷ୍ଟି କରିଛି । ସାଉଥବିହାର ଏକ୍ସପ୍ରେସର ଜଣେ ଯାତ୍ରୀଙ୍କଠାରୁ ପର୍ସ ଓ ମୋବାଇଲ ଲୁଟି ଫେରାର ହେଉଥିବା ଜଣେ ଦୁର୍ବୃତ୍ତକୁ ସାଧାରଣ ଲୋକେ କାବୁ କରିଥିଲେ । ଫଳରେ ପ୍ରାୟ ଘଣ୍ଟାଏକ ଧରି ଷ୍ଟେସନରେ ହଙ୍ଗାମା ଚାଲିଥିଲେ ମଧ୍ୟ ଆରପିଏଫ୍‌ର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିନଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଦୁର୍ଗଦାନାପୁର ସାଉ୍‌ବିହାର ଏକ୍ସପ୍ରେସରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କ ପର୍ସ ଓ ମୋବାଇଲ ଲୁଟି ଜଣେ ଯୁବକ ବାମରା ଷ୍ଟେସନରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପୀଡ଼ିତ ଯାତ୍ରୀଙ୍କ ପାଟି ଶୁଣି ସ୍ଥାନୀୟଲୋକେ ଦୁର୍ବୃତ୍ତକୁ କାବୁ କରି ଲୁଟ୍ ସାମଗ୍ରୀ ଉଦ୍ଧାର କରି ଫେରାଇ ଦେଇଥିଲେ । ଘଟଣାକୁ କେନ୍ଦ୍ରକରି ଦୀର୍ଘ ସମୟ ଧରି ଷ୍ଟେସନ ପରିସରରେ ଉତ୍ତେଜନା ଲାଗି ରହିଥିଲା । ଘଟଣା ସମ୍ପର୍କରେ ଆରପିଏଫ କିମ୍ବା ରେଳପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ ।

## ବିଦେଶୀ ମଦ ଜବତ, ଜଣେ ଗିରଫ

ସମ୍ବଲପୁର, ୧୪।୭(ସମିସ): ଅଇଁଠାପାଲି ପୁଲିସକୁ ବଡ଼ ସଫଳତା । ମଙ୍ଗଳବାର ଅପରାହ୍ନରେ ଚଢ଼ଉ କରି ବୋଲେରୋ ଗାଡ଼ି ସହ ବିପୁଳ ମାତ୍ରାରେ ବିଦେଶୀ ମଦ ଜବତ କରିଛି । ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ସେ ହେଉଛି ବୁର୍ଲା ଥାନା କଣ୍ଟ୍ରାକ୍ଟର କୋଲୋନୀର ଅ୍‌ରବିନ ରାୟ(୨୫) । ବେଆଇନ ଭାବେ ବିଦେଶୀ ମଦ ଚାଲାଣ ହେଉଥିବା ନେଇ ଅଇଁଠାପାଲି ପୁଲିସ ଖବର ପାଇଥିଲା । ତଳି ଛକରେ ନାକାବନ୍ଦୀ କରି ଯାଞ୍ଚ ବେଳେ ଗାଡ଼ି(ଓଆର୦୫ଏଭି୧୬୦୬)ରୁ ବିପୁଳ ମାତ୍ରାରେ ମଦ ବାହାରିଥିଲା । ଗାଡ଼ିରୁ ୧୬୮ ବୋତଲ ବିୟର ଓ ୨୩୭ ବୋତଲ ଅନ୍ୟାନ ମଦ ଜବତ କରିଛି ।

## ଜିଲ୍ଲାପାଳ ଓ ମହାନଗର ନିଗମ ଆୟୁକ୍ତଙ୍କ ମହାବୀର ପଡ଼ା ପରିଦର୍ଶନ



ସମ୍ବଲପୁର, ୧୪।୭(ସମିସ): ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ମହାନଗର ଆୟୁକ୍ତ ରେହାନ କ୍ଷେତ୍ରୀ ସମ୍ବଲପୁର ମହାନଗର ନିଗମସ୍ଥ ୱାର୍ଡ ୩୭ ମହାବୀରପଡ଼ା ପରିଦର୍ଶନ କରିଛନ୍ତି । ପଡ଼ାର ବରିଷ୍ଠ ସଭ୍ୟ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ଉଭୟ ଅଧିକାରୀଙ୍କୁ ପଡ଼ାର ବିଭନ୍ନ ସମସ୍ୟା ଯଥା ମହାବୀର ପଡ଼ା ଖେଳପଡ଼ିଆର ଉନ୍ନତୀକରଣ, ଷ୍ଟ୍ରିଟ୍‌ଲାଇଟ ଅଚଳ, ଧନୁପାଲି ଛକରୁ ସିନ୍ଦୁରପଙ୍କ, ନକ୍ସାପାଲି ଓ ଖଣ୍ଡୁଆଲ ରାସ୍ତା ସବୁ ସମ୍ପୂର୍ଣ୍ଣ ଅନ୍ଧାର ହେବା, ପରିମଳ ବ୍ୟବସ୍ଥା, ସ୍ୱେରେଜ ସମସ୍ୟା, ବିଦ୍ୟୁତ ବିଭ୍ରାଟ, ପାନୀୟଜଳ, ରାସ୍ତାଘାଟ ଇତ୍ୟାଦି ବିଷୟରେ ଜଣାଇଥିଲେ । ଜିଲ୍ଲାପାଳ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟାସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ପଡ଼ାର ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ ଓ ମହିଳା ତଥା ବିଭିନ୍ନ ଗଳିର ବାସିନ୍ଦା ଉପସ୍ଥିତ ରହି ନିଜ ନିଜ ସମସ୍ୟା ଜଣାଇଥିଲେ । ଏହି ପରିଦର୍ଶନ ସମୟରେ ସ୍ଥାନୀୟ ବାସିନ୍ଦା ସୁଧୀର ଦାଶ, କାହ୍ନୁ ଶର୍ମା, ସଞ୍ଜୀବ ପାଣିଗ୍ରାହୀ, ବିବେକାନନ୍ଦ ନାୟକ, ପ୍ରଶାନ୍ତ ନାୟକ, ପ୍ରଦୀପ ଧର, ବିହାରୀଲାଲ ବିଶ୍ୱାଳ, ଅନୀଲ ପ୍ରଧାନ, ବିବେକ ପଣ୍ଡା, ପୂଜା ମିଶ୍ର, ମେନକା ପ୍ରଧାନ, ମମତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ହୀରାକୁଦର ସମସ୍ୟା ନେଇ କମିଶନରଙ୍କ ସହ ଆଲୋଚନା



ସମ୍ବଲପୁର, ୧୪।୭(ସମିସ): ହୀରକୁଦର ବିଭିନ୍ନ ୱାର୍ଡ ଓ ପଡ଼ାର ସମସ୍ୟା ଏବଂ ସମାଧାନ ନିମନ୍ତେ ଆଜି ସମାଜସେବୀ କାର୍ତ୍ତିକ କଲେତ, ଜ୍ଞାନେନ୍ଦ୍ରୀୟ ଦାଶ, ପ୍ରହଲ୍ଲାଦ ତାଣ୍ଡି, ଦିଲ୍ଲୀପ ସୁନା ପ୍ରମୁଖ ମହାନଗର ନିଗମ କମିଶନରଙ୍କ ସହ ଆଲୋଚନା କରିଛନ୍ତି । ବିଭିନ୍ନ ପଡ଼ାରେ ଉପୁଜିଥିବା ସମସ୍ୟା, ରାସ୍ତା ମରାମତି, ଡ୍ରେନ ସମସ୍ୟା, ଟ୍ରାଫିକ ସମସ୍ୟା ଆଦିର ତୁରନ୍ତ ସମାଧାନ କରିବା ପାଇଁ କହିଥିଲେ । ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ କମିଶନର ପ୍ରତିଶ୍ରୁତି ଦେଇଥିଲେ ।

## ଦୁର୍ଗା ପ୍ରସାଦ ନାଥଙ୍କ ରଚନାବଳୀ ଲୋକାର୍ପିତ

ସମ୍ବଲପୁର, ୧୪।୭ (ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଡା. ନାରାୟଣୀ ପଣ୍ଡା ଆଇ.ଟି. ସେଲ୍‌ଫର ରିସୋର୍ସ ସେଣ୍ଟର୍‌ଠାରେ ପ୍ରାକ୍ତନ ବନବିଭାଗ ଅଧିକାରୀ ତଥା ବର୍ଷିଆନ ସାହିତ୍ୟିକ ଦୁର୍ଗା ପ୍ରସାଦ ନାଥଙ୍କ ସମଗ୍ର ରଚନାବଳୀ ଗ୍ରନ୍ଥକୁ ଲୋକାର୍ପିତ କରାଯାଇଛି । ସାରସ୍ୱତ ସମାରୋହରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିବାବେଳେ ସାମଗ୍ରିକ ରଚନାବଳୀକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉନ୍ମୋଚନ କରିଥିଲେ । ଅଧ୍ୟାପକ ତୁଷାର ରଞ୍ଜନ ବାରିକ ଓ ରୋଶନୀ ବାବୁଙ୍କ ସଂଯୋଜନାରେ ଛଅ ଜଣ ସମୀକ୍ଷକ ଓ ଦୁଇଜଣ ନିମନ୍ତ୍ରିତ ବକ୍ତା ଲେଖକଙ୍କ ଏହି ରଚନାବଳୀରେ ସନ୍ନିବେଶିତ ୧୦ଟି ସ୍ୱତନ୍ତ୍ର ପୁସ୍ତକର ବିଭିନ୍ନ ପ୍ରସଙ୍ଗ ଓ ବିଚାରକୁ ଦୃଷ୍ଟାନ୍ତସହ ଆଲୋଚନା କରିଥିଲେ । ସେମାନେ ହେଲେ ବିଶିଷ୍ଟ ଐତିହାସିକ ଓ ସାହିତ୍ୟିକ ଡ. ଶଶାଙ୍କ ଶେଖର ପଣ୍ଡା, ପ୍ରାକ୍ତନ ଆର୍ଥିକ ପ୍ରଶାସିକା ଓ ଲେଖିକା ପାର୍ବତୀ



ସେଠ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ.ଗୋପୀନାଥ ବାଗ, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ସଂସ୍କୃତି ଗବେଷକ ଡ. ସପନ ମିଶ୍ର, ନିମନ୍ତ୍ରିତ ବକ୍ତା ଡ. ଶ୍ୟାମସୁନ୍ଦର ଧର ଓ ପ୍ରଫେସର ସବିତା ତ୍ରିପାଠୀ । ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ପୂର୍ବତନ ଶିକ୍ଷା ପ୍ରଶାସକ ରତ୍ନ ଭୂଷଣ ପୃଷ୍ଟେଠ, ଶିକ୍ଷାବିଦ ଭକ୍ତପ୍ରସାଦ ନନ୍ଦ, ସାଧକ ସଦାନନ୍ଦ ପଣ୍ଡା, ବୀମା ପ୍ରଶାସକ ପ୍ରସନ୍ନ ଆଚାର୍ଯ୍ୟ ଓ ଗୋଲକ ବିହାରୀ ମିଶ୍ର ସ୍ୱାଗତ ସମ୍ଭାଷଣ ଜଣାଇଥିଲେ । ଏହି ଅବସରରେ ଲେଖକଙ୍କ ଝିଅ, ରଚନାବଳୀ ସଂକଳନର ପ୍ରକାଶିକା ସଂଯୁକ୍ତା ତ୍ରିପାଠୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ସାହିତ୍ୟ ସମାରୋହରେ ଲେଖକ ଦୁର୍ଗା ପ୍ରସାଦ ନାଥଙ୍କୁ ‘ଲୋକ ଶ୍ରୀ’ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରସନ୍ନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

● ପୁଣି ଚାଉଁରପୁର ବ୍ରିଜ୍‌ରେ ଅଘଟଣା

## ମହାନଦୀକୁ ଡେଇଁ ଯୁବକଙ୍କ ହାଇଡ୍ରାମା

ସମ୍ବଲପୁର, ୧୪।୭ (ସମିସ): ପୁଣି ମହାନଦୀ ଦ୍ୱିତୀୟ ସେତୁ କହୁଥିବା ଚାଉଁରପୁର ବ୍ରିଜ୍‌ରେ ଅଘଟଣ । ବ୍ରିଜ୍‌ରୁ ମହାନଦୀକୁ ଡେଇଁ ଯୁବକ ହାଇଡ୍ରାମା କରିଛନ୍ତି । ପୁଲିସ ଓ ଅଗ୍ନିଶମ ବିଭାଗ ତୁରନ୍ତ ଖବର ପାଇଁ ଉକ୍ତ ଯୁବକକୁ ସୁରକ୍ଷିତ ଉଦ୍ଧାର କରିଛି । ଯୁବକ ଜଣକ ହେଉଛନ୍ତି କୁମ୍ଭାରପଡ଼ାର ଅଜୁ ବଗର୍ତ୍ତି । ସୂଚନା ଅନୁସାରେ ଆଜି ଅପରାହ୍ନ ୧୨ଟାରେ ଅଜୁ ଚାଉଁରପୁର ବ୍ରିଜରୁ ମହାନଦୀକୁ ଡେଇଁ ଦେଇଥିଲେ । ପରିବାର ସହ ଝଗଡ଼ା ଲାଗିବା ସହ ବ୍ରିଜ ଉପରକୁ

**୪ ଦିନରେ ୨ ଆତ୍ମହତ୍ୟା ଉଦ୍ୟମ**



ଆସିଥିଲେ । ପରେ ମହାନଦୀକୁ ଲମ୍ଫ ପ୍ରଦାନ କରିଥିଲେ । ଖବରପାଇ ଟାଉନ ଥାନା ପୁଲିସ, ଅଗ୍ନିଶମ ବାହିନୀ, ଏସଡିପିଓ ତୋଫାନ ବାଗ ପହଞ୍ଚିଥିଲେ । ଲାଇଫ ଜ୍ୟାକେଟ ସହାୟତାରେ ଅଗ୍ନିଶମର କିଛି କର୍ମଚାରୀ ନଦୀକୁ ଓହ୍ଲାଇ ଅଜୁଙ୍କୁ କାବୁ କରିଥିଲେ । କିନ୍ତୁ ନଦୀ ମଝିରେ ଏକ ଘଣ୍ଟା ଧରି ଅଜୁ ହାଇଡ୍ରାମା କରିଥିଲେ । ବୋଟ ସାହାର୍ଯ୍ୟରେ ଯୁବକକୁ ଉଦ୍ଧାର କରାଯାଇଥିଲା । ସେପଟେ ଶନିବାର ରାତିରୁ ମହାନଦୀକୁ ଡେଇଁ ନିଖୋଜ ଥିବା ନାବାଳିକାଙ୍କ ଖବର ଆଜିପର୍ଯ୍ୟନ୍ତ ମିଳିପାରି ନାହିଁ । ଗତ ୪ ଦିନରେ ଚାଉଁରପୁର ବ୍ରିଜରେ ଦୁଇଥର ଏଭଳି ଘଟଣା ଘଟିସାରିଲାଣି । ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଚାଉଁରପୁର ବ୍ରିଜର ଦୁଇ ପାର୍ଶ୍ୱରେ ତାରଜାଲି ଲାଗିପାରୁନାହିଁ ।

## ମଦବିକ୍ରି ବନ୍ଦ ପାଇଁ ରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା



ରେଢ଼ାଖୋଲ, ୧୪।୭ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ କୁକୁଡ଼ାବାହାଲୀ ଗ୍ରାମରେ ବେଆଇନ ମଦ ବିକ୍ରି ବନ୍ଦ କରିବା ପାଇଁ ମଙ୍ଗଳବାର ଗ୍ରାମର ୨୦ଟି ଏସ୍‌ଏଚ୍‌ଜି ମହିଳା ସଂଘର ଶତାଧିକ ମହିଳା ଆନ୍ଦୋଳନକୁ ଓହ୍ଲାଇଛନ୍ତି । ମଦ ଯୋଗୁଁ ଗାଁରେ ସାମାଜିକ ଅଶାନ୍ତି ଓ ପାରିବାରିକ ହିଂସା ବଢୁଥିବା ଅଭିଯୋଗ କରି ମହିଳା ମାନେ ଆଜି ଉପଜିଲ୍ଲାପାଳଙ୍କ ଠାରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ କରିଛନ୍ତି ଯେ ଗ୍ରାମରେ ବେଆଇନ ଭାବରେ ରନ୍ଧା ମଦ ସହିତ ମଦଭାଟି ହୋଇଥିବାରୁ ମଦ ଯୋଗୁଁ ରାସ୍ତା ଘାଟରେ କଳହ ସୃଷ୍ଟି ହେଉଛି, ରାସ୍ତାରେ ଯାତାୟତ କରିବା ପାଇଁ ମହିଳା ମାନେ ଭୟଭୀତ ହେଉଛନ୍ତି । ଯଦି ମଦ ବିକ୍ରି ବନ୍ଦ ନ ହୁଏ ତେବେ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି । ଏଥିରେ ପଞ୍ଚାୟତ ସରପଞ୍ଚ ଅନୀମା ପ୍ରଧାନ, ଲିଲିରାଣୀ ପ୍ରଧାନ, ରୋଜାଲିନ ସାହୁ, ପୁଷ୍ପାଞ୍ଜଳି ବାଜେଣି, କୁମୁଦିନୀ ପ୍ରଧାନ, ସୁଷମା ସାହୁ, ଶାନ୍ତିଲତା ରାଉତ, ସ୍ୱାଗତିକା ସାହୁ ପ୍ରମୁଖ ସମେତ ଗ୍ରାମର ଶତାଧିକ ସଂଖ୍ୟାରେ ମହିଳା ମାନେ ସାମିଲ ରହିଥିଲେ ।

# ଜିଲ୍ଲା ଜନଗଣନା ହସ୍ତପୁସ୍ତିକା ପ୍ରଶିକ୍ଷଣ ଉଦ୍‌ଯାପିତ

ସମ୍ବଲପୁର, ୧୪।୭(ସମିସ): ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ଡେପୁଟୀ କଲେକ୍ଟର (ସେନ୍‌ସସ୍) ତିଲୋତ୍ତମା ବିଭାର ପ୍ରଶିକ୍ଷଣ ପରିଚାଳନା କରିଥିଲେ । ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ସୀମା ସବିତା କୁଲ୍ଲୁ ଉପସ୍ଥିତ ଥିଲେ । ଭୁବନେଶ୍ୱରସ୍ଥିତ ଓଡ଼ିଶା ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ




ଲକ୍ଷ୍ମଣ ମୁଖୀ ଡିଷ୍ଟ୍ରିକ୍ଟ ସେନ୍‌ସସ୍ ହ୍ୟାଣ୍ଡବୁକ୍ (ଡିସିଏଚବି) ପ୍ରସ୍ତୁତିର ବିଭିନ୍ନ ବୈଷୟିକ ଓ ପ୍ରାୟୋଗିକ ଦିଗ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣରେ ଜିଲ୍ଲାର ସମସ୍ତ ତହସିଲଦାର ତଥା ଭାରପ୍ରାପ୍ତ ଜନଗଣନା ଅଧିକାରୀ, ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଭାରପ୍ରାପ୍ତ ଜନଗଣନା ଅଧିକାରୀ, ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ (ଆରଆଇ), ଅମିନ, ବୈଷୟିକ ସହାୟକ ଓ ଅନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀ ପ୍ରାୟ ୬୦ ଜଣ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣରେ ଡିସିଏଚବିରେ ସମ୍ମିଳିତ ହେବାକୁ ଥିବା ଜିଲ୍ଲାର ଭୌଗୋଳିକ, ସାମାଜିକ, ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଭିତ୍ତିଭୂମି ଓ ଅନ୍ୟାନ୍ୟ ସମ୍ବଳ ସମ୍ପର୍କିତ ତଥ୍ୟର ସଠିକ୍ ସଂଗ୍ରହ, ସଂକଳନ ଓ ଯାଞ୍ଚ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ, ଜିଲ୍ଲା ଜନଗଣନା ହସ୍ତପୁସ୍ତିକା କେବଳ ଏକ ପରିସଂଖ୍ୟାନ ପୁସ୍ତକ ନୁହେଁ, ଏହା ଜିଲ୍ଲାର ସାମଗ୍ରିକ ବିକାଶର ଏକ ପ୍ରାମାଣିକ ଦଲିଲ । ଏଥିରେ ସଂକଳିତ ତଥ୍ୟ ଆଗାମୀ ୧୦ ବର୍ଷ ପାଇଁ ସରକାରଙ୍କ ଉନ୍ନୟନ ଯୋଜନା ପ୍ରସ୍ତୁତି, ନୀତି ନିର୍ଦ୍ଧାରଣ, ସମ୍ବଳର ସୁଚିନ୍ତିତ ବଣ୍ଟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହାୟକ ହେବ । ତେଣୁ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନିର୍ଭୁଲ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦିଆଯାଇଥିଲା । ଭାରତ ସରକାରଙ୍କ ପକ୍ଷରୁ ୨୦୨୭ ଜନଗଣନା ସକାଶେ ଏହି ହ୍ୟାଣ୍ଡବୁକ୍ କାର୍ଯ୍ୟର ବିଭିନ୍ନ ପର୍ଯ୍ୟାୟ ସକାଶେ ନିର୍ଦ୍ଦିଷ୍ଟ ସମୟ ଅବଧି ଦିଆଯାଇଛି ।

# ଚାଷୀ ସମସ୍ୟାକୁ ନେଇ ସମ୍ବଲପୁରରେ ଗର୍ଜିଲା କିଷାନ କଂଗ୍ରେସ

ସମ୍ବଲପୁର, ୧୪।୭ (ସମିସ)



**ଦାବିପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ ଚେତାବନୀ**

ସମ୍ବଲପୁରର ମା’ ସମଲେଶ୍ୱରୀଙ୍କ ପୀଠରୁ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ୭ଟି ଜିଲ୍ଲାର ପ୍ରତିନିଧିଙ୍କୁ ନେଇ ଆୟୋଜିତ ଏହି ବୈଠକରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଆଗାମୀ ରଣନୀତି ଉପରେ ଚର୍ଚ୍ଚା କରାଯାଇଛି । ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁଙ୍କ ସୂଚନା ଅନୁସାରେ, ରାଜ୍ୟକୁ ୬ଟି ଜୋନ୍‌ରେ ବିଭକ୍ତ କରାଯାଇଥିବାବେଳେ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ଅବିଭାଜିତ ସମ୍ବଲପୁରରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି । ବର୍ତ୍ତମାନ ରାଜ୍ୟରେ ଚାଷୀମାନେ ସାର ଓ କୀଟନାଶକର ଘୋର ଅଭାବ ସାଙ୍ଗକୁ କଳାବଜାରୀର ସମ୍ମୁଖୀନ ହେଉଛନ୍ତି । କଂଗ୍ରେସ ପକ୍ଷରୁ ଦାବି କରାଯାଇଛି ଯେ, ଚାଷୀଙ୍କ ସମସ୍ତ ବିକ୍ରିଯୋଗ୍ୟ ବଳକା ଧାନକୁ କୌଣସି କଟନୀ-ଛଟନୀ କିମ୍ବା ମାନ ନିର୍ଦ୍ଧାରଣ ବିନା, ଅଖା ଦର ଓ ପରିବହନ ଖର୍ଚ୍ଚ ସହ କ୍ୱିଣ୍ଟାଲ ପ୍ରତି ୩୨୪୧ ଟଙ୍କାରେ ସରକାର କିଣନ୍ତୁ । ଏଥିମଧ୍ୟରେ ପୁରୁଣା ଏମଏସପି ୨୩୦୦ ଟଙ୍କା, ଗତବର୍ଷର ବର୍ଦ୍ଧିତ ୬୯ ଟଙ୍କା, ଚଳିତ ବର୍ଷ କେନ୍ଦ୍ର ସରକାର ବଢ଼ାଇଥିବା ୭୨ ଟଙ୍କାକୁ ମିଶାଇ ଏମଏସପି ୨୪୪୧ ଟଙ୍କା ହେଉଥିବା ବେଳେ, ରାଜ୍ୟ ସରକାରଙ୍କ ୮୦୦ ଟଙ୍କାର ଇନପୁଟ୍ ସବସିଡିକୁ ଅନ୍ତର୍ଭୁକ୍ତ କରି ଏହି ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଯଦି ସରକାର ଏହି ମୂଲ୍ୟ ପ୍ରଦାନ ନ କରନ୍ତି, ତେବେ ଆଗାମୀ ଦିନରେ କିଷାନ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ । ଆଜି କିଷାନ କଂଗ୍ରେସ ତରଫରୁ ଏକ ସଭା ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବଲପୁର କିଷାନ କଂଗ୍ରେସ ସଭାପତି ଗୋବିନ୍ଦ ମିଶ୍ରଙ୍କ ନେତୃତ୍ୱରେ କରାଯାଇଛି । ଏଥିରେ କଂଗ୍ରେସ ଜିଲ୍ଲା ସଭାପତି ଇଂ. ଅମିତ କୁମାର ଗୁରୁ ଯୋଗ ଦେଇଥିଲେ । ସାରର ଆକାଶଛୁଆଁ ଦରବୃଦ୍ଧି, ମନମୁଖୀ କଟନିଛଟନି ଆଦି ଚାଷୀର ବିଭିନ୍ନ ସମସ୍ୟା ପ୍ରତିବାଦ କରାଯାଇ ସରକାରଙ୍କ ଚେତାବନୀ ଦିଆଯାଇଥିଲା । ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ, ରାଜ୍ୟ କିଷାନ କଂଗ୍ରେସ ଉପାଧ୍ୟକ୍ଷ କାର୍ତ୍ତିକ ବରାଳ, ରାଜ୍ୟ କିଷାନ କଂଗ୍ରେସ ସଂଯୋଜକ ଦାଶରଥି ସାହୁ, ନିରଞ୍ଜନ ସାମଲ, ବରଗଡ଼ କିଷାନ କଂଗ୍ରେସ ସଭାପତି ଗୁଣମଣି ସାହୁ, ଅନୁଗୋଳ କିଷାନ କଂଗ୍ରେସ ସଭାପତି ସୌମେନ୍ଦ୍ର ଦେହୁରୀ, ଝାରସୁଗୁଡ଼ା କିଷାନ କଂଗ୍ରେସ ସଭାପତି ଲିଙ୍ଗରାଜ ବାଡେଇ, ଅନୁଗୋଳ (ବାଆଁରପାଲ୍) ବ୍ଲକ କିଷାନ କଂଗ୍ରେସ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଅନୁଗୋଳ କିଷାନ କଂଗ୍ରେସ ଉପଦେଷ୍ଟା ଭଜମନ ଦାସ, ସମ୍ବଲପୁର ଜିଲ୍ଲା ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ମାନେଶ୍ୱର ବ୍ଲକ ସଭାପତି ସଞ୍ଜୟ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ● ନେତ୍ରୋତ୍ସବରେ ଝଲସିଲା ମା' ତାରିଣୀ ମନ୍ଦିର

# ନବଯୌବନ ବେଶରେ ଦର୍ଶନଦେଲେ ଚତୁର୍ଦ୍ଧା ମୂର୍ତ୍ତି

ରାଉରକେଲା, ୧୪।୭ (ସମିସ): ସ୍ଥାନୀୟ ସିଭିଲ ଟାଉନସିପ୍ ସ୍ଥିତ ମା' ତାରିଣୀ ମନ୍ଦିରରେ ପବିତ୍ର ନେତ୍ରୋତ୍ସବ ଅବସରରେ ରବିବାର ଭକ୍ତିମୟ ପରିବେଶ ମଧ୍ୟରେ ବିଭିନ୍ନ ଧାର୍ମିକ ନୀତିକାନ୍ତି ସମ୍ପନ୍ନ ହୋଇଛି। ଅଣସରଘରେ ୧୫ ଦିନ ଅବସ୍ଥାନ ପରେ ଶ୍ରୀ ବଳଭଦ୍ର, ମା' ସୁଭଦ୍ରା, ପ୍ରଭୁ ଜଗନ୍ନାଥ ଓ ସୁଦର୍ଶନ ମହାପ୍ରଭୁ ଭକ୍ତମାନଙ୍କୁ ଆଜି ନବଯୌବନ ବେଶରେ



ଦର୍ଶନ ଦେଇଥିଲେ। ନବଯୌବନ ବେଶରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅପୂର୍ବରୂପ ଦର୍ଶନ କରି ଉପସ୍ଥିତ ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ସକାଳ ପ୍ରାୟ ସାଢେ ୯ଟାରେ ମନ୍ଦିରରେ ପବିତ୍ର ନେତ୍ର ଧ୍ୱଜା ଉତ୍ତୋଳନ କରାଯାଇଥିଲା। ପରେ ସକାଳ ୧୦ଟାରେ ନବଯୌବନ ବେଶ ଅନୁଷ୍ଠିତ ହୋଇ ଅନ୍ୟାନ୍ୟ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଏକ ହଜାରରୁ ଅଧିକ ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ଶ୍ରୀ ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟ ପକ୍ଷରୁ ଏହି ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ପରିଚାଳନା କମିଟି ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ମୁଖ୍ୟ ସେବକ ଭାବେ ରୁଷିନାଥ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ସେହିପରି ଟ୍ରଷ୍ଟି ପ୍ରଭାତ କୁମାର ମିଶ୍ର, ଦେବବ୍ରତ ବିହାରୀ, ବିଜୟ ସାମଲ, ଦିବ୍ୟସିଂହ ସାମଲ, କାଶୀନାଥ ସାହୁ, ବୁଧିରାମ ମହାନ୍ତି ଓ ଅଖିଳ ଦାଶଙ୍କ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ପୁରୀ ରଥଯାତ୍ରା ପାଇଁ ୧.୪୫ ଲକ୍ଷ ପ୍ୟାକେଟ ପାଣି ବୋତଲ ପ୍ରଦାନ




ରାଉରକେଲା, ୧୪।୭ (ସମିସ): ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରିବାରେ ସହାୟତା ପାଇଁ ସେଲ୍‌ଫ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପକ୍ଷରୁ ୧.୪୫ ଲକ୍ଷ ପ୍ୟାକେଜ୍‌ଡ ୫୦୦ ମିଲି ଲିଟର ବିଶିଷ୍ଟ ପାଣି ବୋତଲ ପ୍ରଦାନ କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ଆରଏସ୍‌ପିର ମହାପ୍ରବନ୍ଧକ ଦଣ୍ଡେଶ୍ୱର ଠାକୁରିଆ ଏହି ପାଣି ବୋତଲଗୁଡ଼ିକୁ ୱାଟକୋ, ପୁରୀ ସବ୍-ଡିଭିଜନକୁ ହସ୍ତାନ୍ତର କରିଛନ୍ତି। ରଥଯାତ୍ରା ଦର୍ଶନ ପାଇଁ ଆସୁଥିବା ଅଗଣିତ ଭକ୍ତଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଏହି ବୋତଲଗୁଡ଼ିକୁ ବିନା ମୂଲ୍ୟରେ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି।

## ରଥଯାତ୍ରା ପ୍ରସ୍ତୁତି ବୈଠକ

# ରାଉରକେଲାର ୫୭ ଓ ବଣାଇଁରେ ୫୫ ସ୍ଥାନରେ ହେବ ରଥଯାତ୍ରା

ରାଉରକେଲା, ୧୪।୭ (ସମିସ)



ଆସନ୍ତା ୧୬ ତାରିଖ ଦିନ ହେବ ପବିତ୍ର ଘୋଷଯାତ୍ରା। ରାଉରକେଲା ସହରର ମୋଟ ୫୭ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହେବ। ସେହିପରି ବଣାଇଁ ଉପଖଣ୍ଡରେ ମୋଟ ୫୫ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ତେବେ ରାଉରକେଲାରେ ଅନୁଷ୍ଠିତ ୫୭ଟି ସ୍ଥାନରେ ହେବାକୁ ଯାଉଥିବା ରଥଯାତ୍ରା ମଧ୍ୟରୁ ୪୨ଟି ସ୍ଥାନରେ ଆସନ୍ତା ୨୪ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ସେହିପରି ୧୦ଟି ସ୍ଥାନରେ ୨୫ ଜୁଲାଇ ରେ, ୪ଟି ସ୍ଥାନରେ ୨୬ ତାରିଖରେ ଏବଂ ୨୭ ତାରିଖରେ ଗୋଟିଏ ସ୍ଥାନରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସେହିପରି ବଣାଇଁ ଉପଖଣ୍ଡରେ ଅନୁଷ୍ଠିତ ୫୫ଟି ସ୍ଥାନରେ ହେବାକୁ ଯାଉଥିବା ରଥଯାତ୍ରା ମଧ୍ୟରୁ ୩୬ଟି ସ୍ଥାନରେ ଆସନ୍ତା ୨୪ ତାରିଖରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ସେହିପରି ୧୧ଟି ସ୍ଥାନରେ ୨୫ ଜୁଲାଇରେ, ୫ଟି ସ୍ଥାନରେ ୨୬ ତାରିଖରେ, ୨୭ ତାରିଖରେ ୨ଟି ଏବଂ ୨୮ ତାରିଖରେ ଗୋଟିଏ ସ୍ଥାନରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଆସନ୍ତା ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ରାଉରକେଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆଜି ସ୍ଥାନୀୟ ଏସ୍‌ପି ଅଫିସଠାରେ ସମସ୍ତ ରଥଯାତ୍ରା ପରିଚାଳନା କମିଟିର ସଭାପତି ଓ ସାଧାରଣ ସମ୍ପାଦକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗିର, ଡିଏଫ୍‌ଓ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ବଣାଇଁ ଅତିରିକ୍ତ ଏସ୍‌ପି ହୃଷିକେଶ ନାୟକ, ରମାକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ରଥ ଯିବା ରାସ୍ତା ପରିଷ୍କାର, ମରାମତି ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି ଅବସରରେ ରାଉରକେଲା ସହରରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର କମିଟିର ପ୍ରାୟ ୧୨୦ ଜଣ କର୍ମକର୍ତ୍ତାମାନେ ଉପସ୍ଥିତ ହୋଇ ସେମାନଙ୍କ ଅଞ୍ଚଳରେ ରଥଟଣା ବେଳେ ସମ୍ଭାବ୍ୟ ରାସ୍ତାଘାଟ ସମସ୍ୟା ଉପରେ ସୂଚନା ଦେଇ ଏହାକୁ ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ରାସ୍ତା ମରାମତି କରିବା, ବିଜୁଳି ଓ କେବୁଲ ତାର ହଟାଇବା, ରାସ୍ତା ଉପରକୁ ମାଡି ଆସିଥିବା ଗଛ ଡ଼ାଳ କାଟିବା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଆଦି ସମସ୍ୟା ଉପରେ ବିଭିନ୍ନ ରଥଯାତ୍ରା କମିଟିର ସଦସ୍ୟମାନେ ଅବଗତ କରାଇଥିଲେ। ଏହି ଦିଗ ଉପରେ ଧ୍ୟାନ ଦିଆଯାଇ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ସମାଧାନ କରାଯିବ ବୋଲି ଏସପି ଶ୍ରୀ ୱାଧୱାନୀ କହିଥିଲେ। ରଥଯାତ୍ରା ସମୟରେ ଯେପରି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ସମସ୍ତେ ସହଯୋଗ କରିବାକୁ ଉପସ୍ଥିତ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଏହାସହ ଯେଉଁ ସବୁ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହେବ ସେଠାକାର ସ୍ଥାନୀୟ ପୁଲିସ ଥାନା ସହ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ରଥଯାତ୍ରା ସମୟରେ ଭାଇଚାରା ଅବଲମ୍ବନ କରି ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଡିଆଇଜି ଶ୍ରୀ ରାଏ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ନିବେଦନ କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ ଓ ପ୍ରଶାସନର ସମସ୍ତ ଗାଇଡ ଲାଇନ ପାଳନ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦସ୍ତଗିର କହିଲେ ବିନା ପ୍ରତିବନ୍ଧକରେ କିପରି ରଥଯାତ୍ରା ଅନୁଷ୍ଠିତ ହେବ ସେଥିପାଇଁ ସମସ୍ତ ମନ୍ଦିର କମିଟି ସଦସ୍ୟ ତତ୍ପରତା ପ୍ରକାଶ କରି ନିଜ ନିଜ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ମହାନଗର ନିଗମ ଓ ପ୍ରଶାସନ ନିକଟରୁ କାମ କରାଇନେବାକୁ ପରାମର୍ଶ ଦେଇଥିଲେ। କେଉଁ କେଉଁ ଅଞ୍ଚଳରେ କି କି ସମସ୍ୟା ରହିଛି ତାହା ତୁରନ୍ତ ଜଣାଇବାକୁ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ କହିଥିଲେ। ସେକ୍ଟର-୩ ଐରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିର, ସେକ୍ଟର-୫ ଗୁଣ୍ଡିଚା ମନ୍ଦିର, ନୟାବଜାର ଜଗନ୍ନାଥ ମନ୍ଦିର, ସାରନଗରୀ ଶ୍ରୀଜଗନ୍ନାଥ ମନ୍ଦିର, ସେକ୍ଟର-୬ ଶ୍ରୀ ଜଗନ୍ନାଥ ମନ୍ଦିର, ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିର ସମେତ ସହରର ବିଭିନ୍ନ ମନ୍ଦିର କମିଟିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଡିଆଇବି ଡିଏସପି ରାମୁରାଏ ମୁର୍ମୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ରଥଯାତ୍ରା କମିଟିର ସଦସ୍ୟ, ସଂଖ୍ୟା ଲଘୁ ସମ୍ପ୍ରଦାୟର ସଦସ୍ୟ, ସମସ୍ତ ଜୋନର ଡିଏସ୍‌ପି, ବିଭିନ୍ନ ଥାନା ଇନ୍‌ସପେକ୍ଟର ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଣାଇଁ ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ

ବଣାଇଁ, ୧୪।୭ (ସମିସ): ବଣାଇଁର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାକୁ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ପ୍ରକାଶ ପାଇଛି। ପ୍ରକାଶିତ ନୀତି ଅନୁଯାୟୀ, ଜୁଲାଇ ୧୪ ସକାଳ ୯ଟାରୁ ୧୧ଟା ମଧ୍ୟରେ ମହାପ୍ରଭୁଙ୍କ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଛି। ଦିନ ୧୨ଟାରେ ନବଯୌବନ ଦର୍ଶନ ହୋଇ ଥିବାବେଳେ ଦିନ ୧ଟାରେ ଅନ୍ନଭୋଗ ନୀତି ସମ୍ପନ୍ନ ହୋଇଛି। ସେହିପରି ଦିନ ୧ଟାରୁ ୨ଟା ମଧ୍ୟରେ ରଥ ପ୍ରତିଷ୍ଠା ଓ ରଥରେ ପତାକା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୁଲାଇ ୧୬ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ ଦିନ ୨ଟା ୩୦ ମିନିଟରେ ସେନାପଟା ଲାଗି ନୀତି ଆରମ୍ଭ ହେବ। ଦିନ ୩ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଯାତ୍ରା ପୂଜା ଓ ମଙ୍ଗଳାରୋପଣ ପରେ ଦିନ ୩ଟା ୩୦ ମିନିଟରେ ପହଣ୍ଡି ବିଜେ ଆରମ୍ଭ ହେବ। ଦିନ ୪ଟାରେ ରାଜବାଟୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା ଅନୁଷ୍ଠିତ ହେବ। ଅପରାହ୍ନ ୫ଟାରେ ବଣାଇଁ ରାଜା ସାହେବଙ୍କ ଦ୍ୱାରା ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ରଥ ଟଣା ଆରମ୍ଭ ହେବ। ସନ୍ଧ୍ୟା ୬ଟା ୩୦ ମିନିଟରେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ବିଜେ କରିବେ ଏବଂ ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆରତୀ ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୨୦ ପବିତ୍ର ହେରା ପଞ୍ଚମୀ ଅବସରରେ ରାତି ୮ଟାରୁ ୯ଟା ମଧ୍ୟରେ ମା' ଶ୍ରୀଲକ୍ଷ୍ମୀଦେବୀଙ୍କ ଦ୍ୱାରା ପାରମ୍ପରିକ ନନ୍ଦିଘୋଷ ରଥ ଭଙ୍ଗା ନୀତି ସମ୍ପନ୍ନ ହେବ। ରଥଯାତ୍ରାର ସମସ୍ତ ନୀତିକାନ୍ତି ଶୃଙ୍ଖଳାର ସହ ଏବଂ ପାରମ୍ପରିକ ରୀତିନୀତି ଅନୁସାରେ ସମ୍ପାଦନ କରାଯିବ। ଏହି ଅବସରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା କରାଯାଉଛି।

# ଆର୍‌ଏସ୍‌ପି ପକ୍ଷରୁ ସ୍ଥାନାନ୍ତରିତ ୫୧୪ଟି ପରିବାରକୁ ୨୧.୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ

ରାଉରକେଲା, ୧୪।୭ (ସମିସ): ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏହାର ବର୍ତ୍ତମାନର ସୁବିଧାସୁଯୋଗ ସଂଲଗ୍ନ ନିଜ ଜମିରେ ଏକ ବୃହତ ଗ୍ରୀନ୍ ଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟକାରୀ କରିବା ପାଇଁ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି, ଯାହା ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୪.୬୫ ମିଲିୟନ୍ ଟନ୍‌ରୁ ୯.୮ ମିଲିୟନ୍ ଟନ୍‌କୁ ବୃଦ୍ଧି କରିବ। ଏଥିପାଇଁ ୩୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯିବ। ଏହି ଭବିଷ୍ୟତବାଦୀ ସମ୍ପ୍ରସାରଣ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ, ଆର୍‌ଏସ୍‌ପିର ଚିହ୍ନିତ ଜମିରେ ଥିବା ବସ୍ତି ବା କୁଡ଼ିଆ ଘରଗୁଡ଼ିକରେ ରହୁଥିବା ଲୋକମାନଙ୍କୁ ଆର୍ଥିକ ସହାୟତା ସହିତ ଦେଓଗାଁ ନିକଟରେ ବାସଗୃହ ପ୍ଲଟ୍, ଚୁକ୍ତିଭିତ୍ତିକ ନିଯୁକ୍ତି



ଏବଂ ଚିକିତ୍ସା ସୁବିଧା ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ସୁରୁଖୁରୁରେ ସ୍ଥାନାନ୍ତରଣ ପ୍ରକ୍ରିୟା ପାଇଁ ଅସ୍ଥାୟୀ ରହିବା ସ୍ଥାନ (ଟ୍ରାଞ୍ଜିଟ୍ ଆକୋମୋଡେସନ୍) ମଧ୍ୟ ପ୍ରଦାନ କରାଯାଉଛି। ଏପର୍ଯ୍ୟନ୍ତ ସ୍ଥାନାନ୍ତରିତ ହୋଇଥିବା ୫୧୪ଟି ପରିବାରକୁ ୨୧.୧୭ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଥିବା ବେଳେ, ୨୦୦ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଛି। ୩୧୮ଟି କୁଡ଼ିଆ ବା ବସ୍ତି ଘରେ ରହୁଥିବା ଲୋକମାନେ ଅସ୍ଥାୟୀ ରହିବା ସ୍ଥାନ ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇସାରିଛନ୍ତି। ଦେଓଗାଁ ନିକଟରେ ଏକ ପ୍ରମୁଖ ସ୍ଥାନର ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି, ଯେଉଁଠାରେ ସ୍ଥାନାନ୍ତରିତ ବସ୍ତିବାସିନ୍ଦାମାନଙ୍କୁ ହସ୍ତାନ୍ତର କରିବା ପାଇଁ ରାସ୍ତା ସଂଯୋଗ, ବିଦ୍ୟୁତ୍, ଜଳ ଯୋଗାଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଭଳି ଭିତ୍ତିଭୂମି ସହିତ ପ୍ଲଟ୍ ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଆର୍‌ଏସ୍‌ପିରେ ପ୍ରାୟ ୧୨, ୦୦୦ ପ୍ରତ୍ୟକ୍ଷ ଏବଂ ୧୨, ୦୦୦ ପରୋକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ନିୟମିତ କର୍ମଚାରୀଙ୍କ ମଧ୍ୟରୁ ୮୭% ରୁ ଅଧିକ ବ୍ୟକ୍ତି ଓଡ଼ିଶା ରାଜ୍ୟର ହୋଇଥିବା ବେଳେ, ସେଥିମଧ୍ୟରୁ ସମୁଦାୟ କର୍ମଚାରୀଙ୍କ ପ୍ରାୟ ୨୮% ସୁନ୍ଦରଗଡ଼ ଜିଲ୍ଲାର ଅଟନ୍ତି। ଭାରୀ ଶିଳ୍ପ ଜଗତରେ, ଏକ ଇସ୍ପାତ କାରଖାନା ଏକ ଶକ୍ତିଶାଳୀ ୧:୧୦ ଗୁଣାତ୍ମକ ପ୍ରଭାବ ବହନ କରିଥାଏ, ଯାହାର ଅର୍ଥ ହେଉଛି ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଜଣେ ବ୍ୟକ୍ତିଙ୍କ ପାଇଁ ଅନ୍ୟ ଦଶ ଜଣ ବ୍ୟକ୍ତି ପରିବହନ ଏବଂ ସେବା କ୍ଷେତ୍ରରେ ନିଜର ଜୀବିକା ପାଇଥାନ୍ତି। ଯେହେତୁ ଇସ୍ପାତ କାରଖାନା ଏହାର ଉତ୍ପାଦନ କ୍ଷମତାରେ ଏକ ବୃହତ ସଫଳତା ହାସଲ କରିବାକୁ ଯାଉଛି, ଏହା କାର୍ଯ୍ୟବଳର ଏକ ବଡ଼ ଆବଶ୍ୟକତା ସୃଷ୍ଟି କରିବ, ଯାହା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ପାଇଁ ଏକ ବଡ଼ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ବ୍ୟତୀତ ସମ୍ପ୍ରସାରଣର ଏହି ପର୍ଯ୍ୟାୟ ସ୍ଥାନୀୟ ବାଣିଜ୍ୟର ରୂପାନ୍ତରଣକୁ ତ୍ୱରାନ୍ୱିତକରି ଏବଂ ସମଗ୍ର ଅଞ୍ଚଳରେ ସମୃଦ୍ଧିର ଏକ ନୂଆ ସ୍ରୋତ ଆଣି ଆଉଥରେ ଏହି ଅଞ୍ଚଳର ଅର୍ଥନୈତିକ ଦିଗବଳୟକୁ ନୂତନ ରୂପ ଦେବ ବୋଲି ଜଣାପଡ଼ିଛି।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ



ରାଉରକେଲା, ୧୪।୭ (ସମିସ): ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ବରିଷ୍ଠ ସଦସ୍ୟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶାନ୍ତି ପାଠ ସହ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଡାକ୍ତର ଗୋକୁଳାନନ୍ଦ ସାହୁ, ସବିତା ସାହୁ, ସୁବାସ ଚନ୍ଦ୍ର ମହାପାତ୍ର, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଶଙ୍କର ପ୍ରସାଦ ତ୍ରିପାଠୀ, ରାଜୀବ ପାଣି, ଦିବାକର ପାଣିଗ୍ରାହୀ, ନୃସିଂହଚରଣ ବିଶ୍ୱାଳ ଏବଂ ରବି ନାରାୟଣ ସିଂହ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉପସଭାପତି ଗିରିଜାଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ବିମଳ କୁମାର ବିଶି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତଥା ବିଶିଷ୍ଟ ଗବେଷକ ଡ. ନଗେନ କୁମାର ଦାସ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଲକ୍ଷ୍ମଣ ନାଥ ଦାସ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ବିଶ୍ୱନାଥ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଚିନ୍ମୟୀ ପୁରୋହିତ ତାଙ୍କୁ ସହଯୋଗ କରିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ସରାଫ ଧନ୍ୟବାଦ ଦେଇଥିଲେ। ହରିହର ନାୟକ, କୈଳାସ ଚନ୍ଦ୍ର ସାମଲ, ଅଜିତ ବାର୍‌ୱା, ରମେଶ ଚନ୍ଦ୍ର ସିଂହ ପ୍ରମୁଖ ସହାୟତା କରିଥିଲେ। ନଗେନ ସାମନ୍ତରାୟ, ଉମେଶ ଚନ୍ଦ୍ର ଜେନା, ଦେବରାଜ ଗଉଡ଼, ଶରତଚନ୍ଦ୍ର ମହାନ୍ତି, ଅଶୋକ କୁମାର ଶୁକ୍ଲ, ସୁରେନ୍ଦ୍ର କୁମାର ପଣ୍ଡା, ମୁରାରୀ ପ୍ରଧାନ, ସାଧୁଚରଣ ନାୟକ, ସଞ୍ଜୀବ କୁମାର ଦାସ, ହରିହର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# ଡାଲମିଆ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମ

କୁତ୍ରା, ୧୪।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ +୩ ଛାତ୍ରୀମାନଙ୍କ ପାଇଁ ଶକ୍ତିଶ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶକ୍ତିଶ୍ରୀର ସଂଯୋଜିକା ରେଶମ ୟାସମିନ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଡିଏସ୍‌ପି କାଦମ୍ବିନୀ ସାମଲ ଝିଅ ପିଲାମାନଙ୍କୁ ସବୁବେଳେ ଗ୍ରୁପ ହୋଇ ରହିବାକୁ ସଚେତନ କରିଥିଲେ। ହିନ୍ଦୀ ବିଭାଗର ଅଧ୍ୟାପିକା ଡ ତବୋସୁମ ବାନୋ, ଓଡ଼ିଆ ଅଧ୍ୟାପିକା ପଙ୍କଜିନୀ ପଟେଲ ତଥା ଅନ୍ୟାନ୍ୟ ଅଧ୍ୟାପିକା ଉପସ୍ଥିତ ଥିଲେ। ଶ୍ରୀଜଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ସେକ୍ଟର-୬ ପତିତପାବନ ଜୀଉଙ୍କ ନେତ୍ରଉତ୍ସବ ଓ ନବଯୌବନ ଦର୍ଶନ

ରାଉରକେଲା, ୧୪।୭ (ସମିସ): ମଙ୍ଗଳବାରସେକ୍ଟର-୬ ଠାରେ ମହାପ୍ରଭୁ ପତିତପାବନଜିଉଙ୍କ ନେତ୍ରଉତ୍ସବ ଓ ନବଯୌବନ ଦର୍ଶନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପ୍ରଧାନ ସେବକ ଦେବେନ୍ଦ୍ର ନାଥ ଆଚାର୍ଯ୍ୟ ଠାକୁର ରାଜା ଭୂମିକାରେ ରୀତିନୀତି ଓ ପହଣ୍ଡି କାର୍ଯ୍ୟକ୍ରମରେ ଛେରାପହରା କରିଥିଲେ। ଅଶୋକ ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ସୁବାସ ଚନ୍ଦ୍ର ପାତ୍ର, ଚିରଞ୍ଜିବୀ ଡୋରା, ଅମୂଲ୍ୟନାୟକ, ରାମମୋହନ ନାୟକ, ସରୋଜ ନାୟକ, ମନୋଜ ମିରକାପ, ସୋମିୟ ରାଉତ, ଉତ୍ତମ ସାହୁ, ରାମାକାନ୍ତ ବେହେରା, ମନୋରଞ୍ଜନ ସାମଲ, ବିଭୁତି ପରିଡ଼ା, ତାପସ ବାରିକ, ସତ୍ୟ ଜିତି ସ୍ୱାଇଁ, ଶ୍ରୀମନ୍ତ ନନ୍ଦ, ଆଦିତ୍ୟ ରାଉତରାୟ, କୃଷ୍ଣ ତନ୍ତୀ ପ୍ରମୁଖ ଠାକୁରଙ୍କୁ ଅଣସର ଘରୁ ଗର୍ଭ ଗୃହକୁ ପହଣ୍ଡି ବିଜେ କରାଇଥିଲେ। ଦଇତାପତି, ଶରତ ଜେନା, ହୃଷିକେଶ ପ୍ରଧାନ, ପ୍ରସନ୍ନ ମହାପାତ୍ର, ତ୍ରିନାଥ ପ୍ରଧାନ, ଜଗଦୀଶ ମୁନା, ଦିବ୍ୟ ରଞ୍ଜନ ଦାସ, ସୁଧୀର ପାଣ୍ଡବ, ଅନହଳି ନାୟକ, ରାଜୁ ତନ୍ତୀ, ରୋଶନ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ପ୍ରକଳ୍ପ ଆରୋଗ୍ୟମ୍' ଜରିଆରେ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା

ରାଉରକେଲା, ୧୪।୭ (ସମିସ)



ସାରା ଭାରତରେ ମହିଳା ଏବଂ କିଶୋରୀମାନଙ୍କ ପାଇଁ ଋତୁସ୍ରାବ ଜୀବନର ଏକ ସ୍ୱାଭାବିକ ଅଂଶ ହୋଇଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁଠାରୁ କମ୍ ଆଲୋଚିତ ଦିଗ ମଧ୍ୟରୁ ଗୋଟିଏ ହୋଇ ରହିଛି। ଏହି ଆହ୍ୱାନକୁ ସ୍ୱୀକାର କରି ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର କୁରାଲୋଇ, ଜାମଖାନୀ ଏବଂ ଘୋଘରପଲ୍ଲୀ କୋଇଲା ଖଣି ଆଖପାଖ ଅଞ୍ଚଳରେ ପ୍ରକଳ୍ପ ଆରୋଗ୍ୟମ ମାଧ୍ୟମରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ସଚେତନତାକୁ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସର ଅଂଶବିଶେଷ ସ୍ୱରୂପ, କମ୍ପାନୀ ନିକଟରେ ଏକ ସପ୍ତାହବ୍ୟାପୀ ଋତୁସ୍ରାବ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ଋତୁସ୍ରାବ ସ୍ୱଚ୍ଛତା, ପୋଷଣ, ଯନ୍ତ୍ରଣା ଉପଶମ ଏବଂ ଦୀର୍ଘସ୍ଥାୟୀ ଋତୁସ୍ରାବ ଉତ୍ପାଦ ସଂକ୍ରାନ୍ତରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ ମାଧ୍ୟମରେ ୬୭୦ ରୁ ଅଧିକ ମହିଳା ଏବଂ କିଶୋରୀଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚିଥିଲା। ଏହି ପଦକ୍ଷେପ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଥିବା ଭୁଲ୍ ସୂଚନାକୁ ବଦଳାଇବାକୁ ଉତ୍ସାହିତ କରିଥିଲା। ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, 'ବେଦାନ୍ତ ଆଲୁମିନିୟମ କୋଇଲା ଖଣିରେ, ଆମେ ବିଶ୍ୱାସ କରୁ ଯେ ଜ୍ଞାନ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ସହିତ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ଆରମ୍ଭ ହୁଏ। 'ପ୍ରକଳ୍ପ ଆରୋଗ୍ୟମ୍ ' ଜରିଆରେ ଆମେ ସୁରକ୍ଷିତ ସ୍ଥାନମାନ ସୃଷ୍ଟି କରୁଛୁ, ଯେଉଁଠି ମହିଳା ଏବଂ କିଶୋରୀମାନେ ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରିପାରିବେ, ସୁଚିନ୍ତିତ ପସନ୍ଦ କରିପାରିବେ ଏବଂ ସ୍ୱାସ୍ଥ୍ୟକର ଜୀବନଯାପନ କରିପାରିବେ। ଗୋଷ୍ଠୀସ୍ତରୀୟ ଯୋଗଦାନ ବ୍ୟତୀତ, ପ୍ରକଳ୍ପ ଆରୋଗ୍ୟମ୍ ସ୍କୁଲ ପିଲାମାନଙ୍କ ସହିତ ଯୌବନ ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ, ଉତ୍ସର୍ଗୀକୃତ ସଚେତନତା ଅଧିବେଶନ ମାଧ୍ୟମରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ୧୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ଏହି ପଦକ୍ଷେପ ପହଞ୍ଚିଥିଲା। ଋତୁସ୍ରାବ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ପ୍ରକଳ୍ପ ଆରୋଗ୍ୟମ୍ ର ବ୍ୟାପକ ପ୍ରଭାବର ଏକ ଅଂଶ, ଯାହା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍, ବିଶେଷଜ୍ଞ ଚିକିତ୍ସା ଶିବିର ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ର ୫୦, ୦୦୦ରୁ ଅଧିକ ଲୋକଙ୍କୁ ସକରାତ୍ମକ ଭାବରେ ପ୍ରଭାବିତ କରିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କୋଇଲା ଖନନ କାର୍ଯ୍ୟକଳାପକୁ ନେଇ ବ୍ୟାପକ ଗୋଷ୍ଠୀ ବିକାଶ ପଦକ୍ଷେପ ଦ୍ୱାରା ପରିପୂରକ, ଯାହା ୨୬ ଟି ଗାଁର ୨ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି।


# ଅଗଷ୍ଟ ୨ରୁ ବେଦବ୍ୟାସ ପୀଠରେ ଶ୍ରାବଣୀ ମେଳା



ରାଉରକେଲା, ୧୪।୭ (ସମିସ): ଆସନ୍ତା ଅଗଷ୍ଟ ୨ରୁ ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଶ୍ରାବଣୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହାର ସଫଳ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମେଳାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସେ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ଏହି ଅବସରରେ ମେଳାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯଥେଷ୍ଟ ପରିମାଣରେ ପୁଲିସ ମୁତୟନ ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ନିୟମିତ ଭାବେ ଷ୍ଟଲ୍ ଗୁଡ଼ିକରେ ଖାଦ୍ୟ ଓ ପାନୀୟର ମାନ ପରୀକ୍ଷଣ କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ଶ୍ରଦ୍ଧାଳୁମାନଙ୍କ ସଂଖାରେ ବୃଦ୍ଧି ଓ ଜିଲ୍ଲାରେ ଲଗାଣବର୍ଷା ହେବାର ସମ୍ଭାବନା ଯୋଗୁଁ ପ୍ରଶାସନ ପକ୍ଷରୁ ବିଶେଷ ନଜର ରଖାଯିବାପାଇଁ ବୈଠକରେ ସ୍ଥିର କରାଯାଇଛି। ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ଭକ୍ତମାନଙ୍କ ପାଇଁ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ ସଂସ୍ଥାପକ୍ଷରୁ ଦିଆଯାଉଥିବା ଖାଦ୍ୟର ତଥା ପାନୀୟଜଳର ମାନ ଯାଚ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ବହୁ ସଂଖ୍ୟାରେ ଜନସମାଗମକୁ ଲକ୍ଷ୍ୟରେ ରଖି ମନ୍ଦିର ବେଢ଼ା ସହ ନଦୀ ଘାଟ ଗୁଡ଼ିକରେ ପୁରୁଷ ଓ ମହିଳା ମାନଙ୍କ ପାଇଁ ଅଲଗା -ଅଲଗା ବ୍ୟାରିକେଡ ବ୍ୟବସ୍ଥା କରିବା ପାଇଁ ସେ ପିଡବ୍ଲୁଡି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ ଏବଂ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପାଇଁ ରାଉରକେଲା ମହାନଗର ନିଗମ ତରଫରୁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ପ୍ରାଥମିକ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ସହ ୨ଟି ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବ। ଏଥିସହ ମେଳାକୁ ସଫଳ ଭାବେ ପରିଚାଳନା ପାଇଁ ନିମନ୍ତେ ବେସାମରିକ ସଂଗଠନର ସ୍ୱେଚ୍ଛାସେବୀଙ୍କୁ ନିୟୋଜନ କରାଯିବ। ଲଗାଣବର୍ଷା ଯୋଗୁଁ ନଦୀଜଳସ୍ତର ବଢ଼ିବାର ସମ୍ଭାବନା ରହିଛି। ଏଥିପାଇଁ ଓଡ୍ରାଫ୍ ବୋଟ୍ ସହିତ ୧୨ ଜଣିଆ ଦଳ ମୁତୟନ ରହିବେ। ଏହା ସହିତ ଅଗ୍ନିଶମ ବିଭାଗ ଓ ପିଡବ୍ଲୁଡି ବିଭାଗ ପ୍ରସ୍ତୁତ ରହିବାକୁ ସୁଶ୍ରୀ ଦସ୍ତଗୀର ପରାମର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକଙ୍କ ସହ ତହସିଲଦାର ଲାଠିକଟା ମୁରଲୀଧର ଉର୍ମାଲ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ସଦସ୍ୟ ପ୍ରମୁଖ ଭାବେ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମାନବଜାତିର ସର୍ବୋତ୍କୃଷ୍ଟ ମୁକ୍ତିପଥ ହେଉଛି ପାରସ୍ପରିକ ସହଯୋଗ।
-ବର୍ଟ୍ରାଣ୍ଡ ରସେଲ୍

## 'ଅଚ୍ଛେଦିନ'ର ଦୁର୍ଦ୍ଦିନ

୨୦୧୪ ସାଧାରଣ ନିର୍ବାଚନ ଫଳାଫଳକୁ ଦଶବର୍ଷର ରିମୋଟ କଣ୍ଟ୍ରୋଲ୍ ତଥା ଦୁର୍ନୀତିଗ୍ରସ୍ତ ଶାସନ ବିରୋଧୀ ଜନମତ ସହିତ ଆଉ ଯେଉଁକେତେକ କାରକ ପ୍ରଭାବିତ କରିଥିଲା, ସେଥିମଧ୍ୟରେ ମୁଖ୍ୟ ଥିଲା 'ଅଚ୍ଛେଦିନ'(ଭଲଦିନ) ଆସିବାର ନିର୍ଭରଯୋଗ୍ୟ ଓ ଦୃଢ଼ ପ୍ରତିଶ୍ରୁତି। କିନ୍ତୁ ଆଜିର 'ଅଚ୍ଛେଦିନ'ର ଅନୁଭବ ଆମ ଭିତରୁ ଯେକେହି ଅନ୍ତେବହୁତ ଅନୁଭବ କରିପାରୁଛନ୍ତି। କାଗଜକଲମରେ ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣାଧୀନ ରହିଥିବା ଦର୍ଶାଯାଉଛି; କିନ୍ତୁ ବଜାର ଦର ଯେ ଉପଭୋକ୍ତାମାନଙ୍କୁ ଅତିଷ୍ଠ କରିସାରିଲାଣି ଏହା ଆଉ ଅସ୍ୱୀକାର କରଯାଇପାରିବ ନାହିଁ। ଏଥିସହିତ ଆୟ ସଂକୋଚନ, କ୍ରମବର୍ଦ୍ଧିଷ୍ଣୁ ଋଣ ଭାର, ବିପର୍ଯ୍ୟସ୍ତ ଶିକ୍ଷା ଓ ବ୍ୟୟବହୁଳ ଚିକିତ୍ସା ଭାରତୀୟଙ୍କୁ ୨୦୧୪ ପୂର୍ବବର୍ତ୍ତୀ ସମୟକୁ ସ୍ମରଣ ଓ ତୁଳନା କରିବାକୁ ବାଧ୍ୟ କରୁଛି। ପୂର୍ବ ସରକାର ଅମଳର ତଥାକଥିତ 'ବୁରେଦିନ'(ଖରାପ ସମୟ)ର ବ୍ୟାଖ୍ୟାନ ଓ ବର୍ତ୍ତମାନର 'ଅଚ୍ଛେଦିନ'ର ବାସ୍ତବତା ସହିତ ତୁଳନା କରିବା ବେଳେ ଆଇନାଟିଏ ଆବଶ୍ୟକ ପଡୁଛି ଏବଂ ଏହାର ପ୍ରତିଛବି କେତେ ଚିନ୍ତାଜନକ ତାହା ବୁଝାପଡୁଛି।

ନିଜର ଓ ପରିବାରର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ଏବଂ ଜରୁରିକାଳୀନ ସମୟରେ ଉପଯୋଗ କରି ଜନଜୀବନକୁ ଦୁର୍ଦ୍ଦିନରୁ ସୁରକ୍ଷା ଦେବାର ମହତ୍ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ବୀମା ଯୋଜନା। ଏଥିସହିତ ଜଡ଼ିତ ପ୍ରିମିୟମ ଏକପ୍ରକାର ଦୀର୍ଘମିଆଦୀ ସଞ୍ଚୟ ମନୋବୃତ୍ତିକୁ ପ୍ରୋତ୍ସାହିତ କରିବା ସହିତ ବଦ୍‌ଖର୍ଚ୍ଚରୁ ବୀମାଧାରୀଙ୍କୁ ଆଟକ କରେ। ତେଣୁ ସାଧାରଣତଃ ବୀମା ଅବଧି(ମାଚ୍ୟୁରିଟି) ପୂରଣ ନ ହେବା ପର୍ଯ୍ୟନ୍ତ କିମ୍ବା ଅତ୍ୟାବଶ୍ୟକ ନଥିବା ପର୍ଯ୍ୟନ୍ତ ବୀମା ଯୋଜନାକୁ କେହି କେବେ ବନ୍ଦ କରନ୍ତି ନାହିଁ। ଅବଧି ସରିବା ପୂର୍ବରୁ ଯୋଜନା ବନ୍ଦ କରିବାର ମାନସିକତାକୁ ନିରୁତ୍ସାହିତ କରିବା ପାଇଁ ଆର୍ଥିକ ଜୋରିମାନାର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଗତ ପାଞ୍ଚ ବର୍ଷ ଭିତରେ ବୀମାଧାରୀମାନେ ବୀମା ଜମା ପ୍ରତ୍ୟାହାର କରିବାର ଅଭୂତପୂର୍ବ ଧାରା ଦେଖିବାକୁ ମିଳିଛି। ଏହି ତଥ୍ୟ ଅଧୁନା କେନ୍ଦ୍ର ସରକାରଙ୍କ ଅଦୃଶ୍ୟ ଇଚ୍ଛାରେ ପରିଚାଳିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଦେଇଥିବାରୁ ଏହାକୁ କପୋଳକଳ୍ପିତ କିମ୍ବା ବିଭ୍ରାନ୍ତିକର ବୋଲି ଅଭିଯୋଗ କରାଯାଇପାରିବ ନାହିଁ। ବିଶେଷକରି ଜୀବନବୀମା କ୍ଷେତ୍ରରେ ଏଭଳି ବିଡ଼ମ୍ବନା ଅଧିକ ପରିଲକ୍ଷିତ ହୋଇଛି। ଅବଧି ପୂର୍ବରୁ ପ୍ରତ୍ୟାହାର ବାବଦକୁ ବୀମାଧାରୀମାନେ ସାମଗ୍ରିକ ଭାବେ ୩୧ ହଜାର କୋଟି ଟଙ୍କା କ୍ଷତି ସହିଛନ୍ତି ବା ଜୋରିମା।ନା ବାବଦକୁ ବିଭିନ୍ନ ବୀମା କମ୍ପାନୀକୁ ଦେଇଛନ୍ତି। ଅପରପକ୍ଷରେ ବୀମା କମ୍ପାନୀମାନେ ଏହି ପରିମାଣର ଅତିରିକ୍ତ ଲାଭ ପାଇଛନ୍ତି।

ଆରବିଆଇର ତଥ୍ୟାନୁଯାୟୀ ଗତ ଚାରିବର୍ଷ ଭିତରେ ପ୍ରତି ଶହେ ଜଣରେ ୩୮ ଜଣ ବୀମା ଅଧାରୁ ବନ୍ଦ କରୁଛନ୍ତି ବା ପ୍ରତ୍ୟାହାର କରି ନେଇଛନ୍ତି। ସେହିପରି ଆଇଆରଡିଏ(ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ)ଙ୍କ ସୂଚନା ଅନୁଯାୟୀ ଗତ ପାଞ୍ଚବର୍ଷ ଭିତରେ ବୀମା ଅବଧି ପୂରଣ କରୁଥିବା ବୀମାଧାରୀଙ୍କ ସଂଖ୍ୟା ୪୮%ରୁ ୩୬.୯%କୁ ହ୍ରାସ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବଧି ପୂରଣ କରିଥିବା ବୀମାଧାରୀଙ୍କୁ ୨.୬୯ ଲକ୍ଷ କୋଟି ଟଙ୍କା ଦିଆଯାଇଥିବା ବେଳେ ଅବଧି ପୂରଣ ପୂର୍ବରୁ ଦାବି କରିଥିବା ବୀମାଧାରୀଙ୍କୁ ଟଙ୍କା ଫେରସ୍ତ ପରିମାଣ ଥିଲା ୨.୮ ଲକ୍ଷ କୋଟି ଟଙ୍କା। ଆର୍ଥିକ ଜୋରିମାନା ବା କ୍ଷତି ସହି ମଧ୍ୟ ବୀମାଧାରୀମାନେ ବୀମା ପ୍ରତ୍ୟାହାର କରିନେବା ପଛରେ ଭାରତୀୟ ଉପଭୋକ୍ତାମାନଙ୍କର ଦେଶର ଅର୍ଥନୀତି ପ୍ରତି ଅସୁରକ୍ଷିତ ଭାବନା ଏବଂ ଦୈନନ୍ଦିନ ଜୀବନ ନିର୍ବାହ କରିବାରେ ଆର୍ଥିକ ପ୍ରତିବନ୍ଧକ ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତ ପାଞ୍ଚବର୍ଷ ଭିତରେ ସ୍ୱାସ୍ଥ୍ୟ ବୀମା ବାବଦ ଦାବିରେ ୫୫% ବୃଦ୍ଧି ଘଟିଛି। ଏଥିରୁ ସ୍ୱାସ୍ଥ୍ୟ ସେବା ଆମ ଦେଶରେ କିଭଳି ମହଙ୍ଗା ହୋଇଚାଲିଛି ତାହା ଅନୁମେୟ। ଅର୍ଥାତ୍ 'ଅଚ୍ଛେଦିନ'ର 'ବର୍ତ୍ତମାନ' ଏଭଳି ଦୁର୍ବିସହ ହୋଇପଡ଼ିଛି ଯେ ଲୋକମାନେ ଭବିଷ୍ୟତର ସୁରକ୍ଷା ପାଇଁ ଯୋଜନା ଓ ସଞ୍ଚୟ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି।

ବିଜ୍ଞାପନ ଓ ତୁଳନାତ୍ମକ ଜୀବନଚର୍ଯ୍ୟାରେ ପ୍ରଲୋଭିତ ହୋଇ ନିମ୍ନ-ମଧ୍ୟବିତ୍ତ ଓ ମଧ୍ୟବିତ୍ତମାନେ ଅଧିକରୁ ଅଧିକ ବିଳାସପୂର୍ଣ୍ଣ ଓ ଆରାମଦାୟକ ସାମଗ୍ରୀମାନ ଆହରଣ କରିବାରେ ଲାଗିଛନ୍ତି। ଏବେ ଋଣରେ ସବୁକିଛି ଉପଲବ୍ଧ ହେଉଥିବାରୁ ଇଚ୍ଛା କରିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ସେ ସବୁ ଘରେ ପହଞ୍ଚି ଯାଉଛି। ତା'ପରେ ଆସୁଛି ଋଣ କିସ୍ତି ପରିଶୋଧ ବାବଦ ଆର୍ଥିକ ଚାପ, ଯାହା ସାଧାରଣତଃ ମାସିକ ଆୟ ବା ରୋଜଗାରରୁ ଭରଣା ହୋଇଥାଏ। ଏବେ ସାଧାରଣ ଜୀବନଚର୍ଯ୍ୟା ଏତେ ମହଙ୍ଗା ହୋଇଯାଇଛି ଯେ ନିତ୍ୟବ୍ୟବହାର୍ଯ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀରେ ରୋଜଗାର ନିଅଣ୍ଟ ପଡୁଛି। ସଞ୍ଚୟ ଦୂରେ ଥାଉ କିସ୍ତି ପରିଶୋଧ ପାଇଁ ହାତରେ ଆଉ କିଛି ବଳକା ରହୁନାହିଁ। ତେଣୁ ବାଧ୍ୟହୋଇ ବୀମା ଯୋଜନାରେ ଯାହା କିଛି ସଞ୍ଚିତ ରହିଛି ତାହାକୁ ପ୍ରତ୍ୟାହାର କରି କିସ୍ତି ପରିଶୋଧରେ ବିନିଯୋଗ କରିବା ଛଡ଼ା ଉପାୟ ନାହିଁ।

ଗତ ୧୨ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଋଣ ଭାର ୭୦% ବୃଦ୍ଧି ପାଇ ୭୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପୁଞ୍ଜି ବ୍ୟୟ ବରାଦ ଲକ୍ଷ୍ୟ ପୂରଣ ପାଇଁ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି କିମ୍ବା ଘରୋଇ କମ୍ପାନୀକୁ ହସ୍ତାନ୍ତର କରୁଛନ୍ତି। ଏହିକ୍ରମରେ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ରୁ ମଧ୍ୟ ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର ହୋଇଛି। ଆରବିଆଇର ଲାଭାଂଶରୁ ଏକ ବଡ଼ ଅଂଶ କେନ୍ଦ୍ରୀୟ ରାଜକୋଷକୁ ଯାଉଛି। ତେଣୁ ଅଚ୍ଛେଦିନର ଆର୍ଥିକ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡ଼ି ଯାଉଥିବା ଅନୁଭୂତ ହେଉଛି। ଆର୍ଥିକ ସାକ୍ଷର, ସଚେତନ ଓ ସ୍ୱଚ୍ଛଳ ବୀମାଧାରୀମାନେ ବୀମାବାବଦ ଜମାକୁ ପ୍ରତ୍ୟାହାର କରିନେଇ ଅନ୍ୟାନ୍ୟ ଲାଭଜନକ କ୍ଷେତ୍ରରେ ବିନିଯୋଗ କରିବାକୁ ଉଚିତ ମଣୁଛନ୍ତି। ଆଉ କେତେକ ବିଭିନ୍ନ ବ୍ୟାଙ୍କ ଓ ଡାକଘର ଦୀର୍ଘମିଆଦୀ ଜମାରେ ନିବେଶ କରୁଛନ୍ତି। ଏସବୁକୁ ନିରବରେ ଅନୁଧ୍ୟାନ କରୁଥିବା ମଧ୍ୟବିତ୍ତ ଓ ନିମ୍ନ-ମଧ୍ୟବିତ୍ତ 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ଭବିଷ୍ୟତ ପିଢ଼ିଙ୍କ ଭବିଷ୍ୟତ ଚିନ୍ତା ମଧ୍ୟ ଛାଡ଼ି ଦେଉଛନ୍ତି। ଯାହା କିଛି ଖାଇବାକୁ ମିଳୁଛି ତାହା ମଧ୍ୟ ଆଗାମୀ ଦିନରେ ଏଆଇ ଛଡ଼େଇ ନେବାର କ୍ଷେତ୍ର ପ୍ରସ୍ତୁତ ହୋଇସାରିଛି। କାରଣ ଏଆଇ ଡାଟାସେଣ୍ଟର ହବ୍ ହେବା ପାଇଁ ଭାରତ ଘୋଷଣା କରିସାରିଥିବାରୁ ଚାଷ କରିବା ଦୂରେ ଥାଇ ପିଇବା ପାଇଁ ବିଶୁଦ୍ଧ ପାଣି ମଧ୍ୟ ମିଳିବାର ସମ୍ଭାବନାମାନ ସରି ଯାଉଛି। 'ଅଚ୍ଛେଦିନ'ର ଅବାଦନ ଏହାଠାରୁ ବଳି ଆଉ କ'ଣ ହୋଇପାରେ!।

# ବଦଳୁଛି ପରିବେଶ, ହଜୁଛି ପରିଚୟ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଜଳବାୟୁ ପରିବର୍ତ୍ତନ କେବଳ ପ୍ରକୃତିର ଏକ ଭୌଗୋଳିକ ସଙ୍କଟ ନୁହେଁ, ବରଂ ଏହା ମାନବ ସଭ୍ୟତା ଓ ଅସ୍ତିତ୍ୱ ପ୍ରତି ସବୁଠାରୁ ବଡ଼ ଆହ୍ୱାନ। ସାଧାରଣତଃ ଆମେ ଜଳବାୟୁ ପରିବର୍ତ୍ତନ କହିଲେ ହିମବାହ ତରଳିବା, ତାପମାତ୍ରା ବଢ଼ିବା କିମ୍ବା ସମୁଦ୍ର ପତ୍ତନ ବୃଦ୍ଧି ପାଇବା ଭଳି ପରିବେଶ ଜନିତ ସମସ୍ୟାକୁ ବୁଝିଥାଉ। କିନ୍ତୁ ଏହାର ଏକ ଭୟଙ୍କର ସାମାଜିକ ଦିଗ ରହିଛି, ଯାହା ଉପରେ ଖୁବ୍ କମ୍ ଆଲୋଚନା ହୋଇଥାଏ। ସାରା ବିଶ୍ୱରେ ଏଭଳି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନଙ୍କୁ ବନ୍ୟା, ସାମୁଦ୍ରିକ କୂଳବର୍ତ୍ତୀ କ୍ଷୟ, ମରୁଡ଼ି ଓ ବାତ୍ୟା ଭଳି ଚରମ ପାଣିପାଗ ପରିସ୍ଥିତି ଘର ଛାଡ଼ିବାକୁ ବାଧ୍ୟ କରୁଛି। ଭାରତ ଭଳି ଦ୍ରୁତବିକାଶଶୀଳ ଦେଶରେ ଏହି ସମସ୍ୟା ଗମ୍ଭୀର ରୂପ ଧାରଣ କଲାଣି। ଯେଉଁଠାରେ ସୁନ୍ଦରବନରୁ ବ୍ରହ୍ମପୁତ୍ରର ଉପତ୍ୟକା ଏବଂ ଉତ୍ତରାଖଣ୍ଡର ପାର୍ବତ୍ୟ ଅଞ୍ଚଳ ପର୍ଯ୍ୟନ୍ତ କୋଟି କୋଟି ଲୋକ ଆଭ୍ୟନ୍ତରୀଣ ବିସ୍ଥାପନର ଶିକାର ହେଉଛନ୍ତି।

ଆଭ୍ୟନ୍ତରୀଣ ବିସ୍ଥାପନ ନିରୀକ୍ଷଣ କେନ୍ଦ୍ର(ଆଇଡିଏମ୍‌ସି) ଅନୁଯାୟୀ, ୨୦୧୫ ରୁ ୨୦୨୪ ମସିହା ମଧ୍ୟରେ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୩.୨୩ କୋଟିରୁ ଅଧିକ ଆଭ୍ୟନ୍ତରୀଣ ବିସ୍ଥାପନ ରେକର୍ଡ କରାଯାଇଛି। କେବଳ ୨୦୨୪ ମସିହାରେ ହିଁ ପ୍ରାୟ ୫୪ ଲକ୍ଷ ଲୋକ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପାଣିପାଗ ଜନିତ ବିପର୍ଯ୍ୟୟ ଯୋଗୁଁ ବିସ୍ଥାପିତ ହୋଇଛନ୍ତି। ଏହି ପରିସଂଖ୍ୟାନ ମଧ୍ୟରେ ଏମିତି ପରିବାର ଅଛନ୍ତି, ଯେଉଁମାନଙ୍କ ଘର ଭାସି ଯାଇଛି, ଚାଷଜମି ପାଣିରେ ବୁଡ଼ି ଯାଇଛି, ରୋଜଗାର ନାହିଁ ଏବଂ ପିଲାମାନଙ୍କର ଶିକ୍ଷା ମଝିରୁ ବନ୍ଦ ହୋଇଯାଇଛି। ବିସ୍ଥାପନର ସବୁଠାରୁ ବଡ଼ ଦୁଃଖ ଏହା ଯେ, ଏହି ଲୋକମାନେ କେବଳ ଭୌଗୋଳିକ ଭାବେ ନୁହେଁ, ବରଂ ସାମାଜିକ ଏବଂ ସାଂସ୍କୃତିକ ଭାବେ ମଧ୍ୟ ଅଲଗା ହୋଇଯା'ନ୍ତି। ସୁନ୍ଦରବନ ଅଞ୍ଚଳକୁ ଏହି ବିପତ୍ତିର ସବୁଠାରୁ ଜୀବନ୍ତ ଉଦାହରଣ କୁହାଯାଇପାରେ। ସେଠାରେ ସମୁଦ୍ରର ବଢୁଥିବା ଜଳପତ୍ତନ, ବାତ୍ୟା ଓ ଉପକୂଳ କ୍ଷୟ ହେତୁ ହଜାର ହଜାର ପରିବାର ବାରମ୍ବାର ବିସ୍ଥାପିତ ହୋଇଛନ୍ତି। କେବେ ହଜାର ହଜାର ଲୋକଙ୍କ ଘର ଥିବା ଘୋରାମାରା ଦ୍ୱୀପ କ୍ରମାଗତ ଭାବେ ସଙ୍କୁଚିତ ହେବାରେ ଲାଗିଛି। ଚାଷଜମିରେ ଲୁଣାପାଣି ପଶିଯିବା ଯୋଗୁଁ ବହୁସଂଖ୍ୟାରେ ଲୋକ କୋଲକାତା ଓ ଅନ୍ୟାନ୍ୟ ସହର ଆଡ଼କୁ ପଳାୟନ କରୁଛନ୍ତି। ଆସାମର ବ୍ରହ୍ମପୁତ୍ର ଅଞ୍ଚଳ ଭିନ୍ନ ଏକ ଚିତ୍ର ଉପସ୍ଥାପନ କରେ। ବ୍ରହ୍ମପୁତ୍ର ନଦୀ ପ୍ରତିବର୍ଷ ହଜାର ହଜାର ପରିବାରକୁ ବାସହରା କରିଥାଏ। ଅନେକ ପରିବାର ବର୍ଷା ଦିନେ ରିଲିଫ୍ କ୍ୟାମ୍ପରେ ରହନ୍ତି ଏବଂ ପାଣି କମିଯିବା ପରେ ପୁଣି ସେହି ଅସୁରକ୍ଷିତ ଜମିକୁ ଫେରିଆସନ୍ତି। ଉତ୍ତରାଖଣ୍ଡ ଏବଂ ଅନ୍ୟାନ୍ୟ ପାର୍ବତ୍ୟ ରାଜ୍ୟଗୁଡ଼ିକର ସ୍ଥିତି ମଧ୍ୟ ଅନୁରୂପ। ଏଠାରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ଆକସ୍ମିକ ବନ୍ୟା ଗାଁଗୁଡ଼ିକୁ ଅସୁରକ୍ଷିତ କରିଦେଉଛି।

ଯୋଶୀମଠର ଭୂ-ଧସିବା ହେଉ କିମ୍ବା କେଦାରନାଥ କ୍ଷୟକ୍ଷତି, ଏହିସବୁ ଘଟଣା ଏହି ବାର୍ତ୍ତା ଦେଇଛି ଯେ ଜଳବାୟୁ ପରିବର୍ତ୍ତନ ଏବେ ପାହାଡ଼ଗୁଡ଼ିକୁ ମଧ୍ୟ ସୁରକ୍ଷିତ ରଖୁନାହିଁ। ପାଣିପାଗ ଜନିତ ବିପର୍ଯ୍ୟୟ ଯୋଗୁଁ ଦେଶରେ ଲୋକଙ୍କ ଜୀବନ ଯିବାର ସଂଖ୍ୟା ଗତ ପଚିଶ ବର୍ଷ ମଧ୍ୟରେ ୨୬୯ ପ୍ରତିଶତ ବୃଦ୍ଧି ପାଇଛି। ବିହାର, ଝାଡ଼ଖଣ୍ଡ ଓ ବୁନ୍ଦେଲଖଣ୍ଡ ଭଳି ଅଞ୍ଚଳରେ ଏହି ସଙ୍କଟର ରୂପ ଭିନ୍ନ। ଏଠାରେ ମରୁଡ଼ି ଏବଂ କୃଷି କ୍ଷେତ୍ର ହ୍ରାସ ଲୋକଙ୍କୁ ରୋଜଗାର ସନ୍ଧାନରେ ପଳାୟନ କରିବାକୁ ବାଧ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅସୁରକ୍ଷିତତା ମିଶି ଏଭଳି ଏକ ଧୀମା ବିସ୍ଥାପନକୁ ଜନ୍ମ ଦେଉଛି, ଯାହା ହଠାତ୍ ଦେଖାଯାଏ ନାହିଁ; କିନ୍ତୁ ସମାଜକୁ ଭିତରୁ ବଦଳାଇ ଦିଏ। ସବୁଠାରୁ ଚିନ୍ତାର ବିଷୟ ହେଉଛି ଜଳବାୟୁ ଶରଣାର୍ଥୀଙ୍କର କୌଣସି ସ୍ୱଷ୍ଟ ଆଇନଗତ ପରିଚୟ ନଥାଏ। ସମସ୍ୟା ହେଉଛି ସାମ୍ବିଧାନିକ ଅଧିକାର ଥିବା ସତ୍ତ୍ୱେ ଜଳବାୟୁ ବିସ୍ଥାପିତଙ୍କ ପୁନର୍ବାସ, ପରିଚୟ ଓ ସାମାଜିକ ସୁରକ୍ଷା ପାଇଁ କୌଣସି ସ୍ୱଷ୍ଟ ଜାତୀୟ ଆଇନ ନାହିଁ। ଫଳସ୍ୱରୂପ, ଅନେକ ପରିବାର ବର୍ଷ ବର୍ଷ ଧରି ଅସ୍ଥାୟୀ ବସ୍ତି, ଭଡ଼ା ଘର କିମ୍ବା ଅନୌପଚାରିକ ଶ୍ରମ ବଜାରରେ ଜୀବନ ଅତିବାହିତ କରନ୍ତି। ବିଶେଷକରି ଦଳିତ, ଆଦିବାସୀ ଓ ଭୂମିହୀନ ସମ୍ପ୍ରଦାୟ ପୁନର୍ବାସ ଯୋଜନାରୁ ବାଦ୍ ପଡ଼ିଯା'ନ୍ତି। କାରଣ ସେମାନଙ୍କ ପାଖରେ ଜମି ମାଲିକାନାର କୌଣସି ଆନୁଷ୍ଠାନିକ ଦଲିଲ ନଥାଏ।

୧୯୫୧ ମସିହାର ଶରଣାର୍ଥୀ ସମ୍ମିଳନୀ(ରେଫ୍ୟୁଜି କନ୍‌ଭେନ୍‌ସନ୍) କେବଳ ନିର୍ଯାତନା, ଯୁଦ୍ଧ କିମ୍ବା ରାଜନୈତିକ କାରଣରୁ ବିସ୍ଥାପିତ ଲୋକଙ୍କୁ ହିଁ ଶରଣାର୍ଥୀ ବୋଲି ଗ୍ରହଣ କରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିସ୍ଥାପିତ ବ୍ୟକ୍ତି ଏହି ସଂଜ୍ଞା ଅଧୀନରେ ଆସନ୍ତି ନାହିଁ। ତେଣୁ ଅଧିକାଂଶ ଜଳବାୟୁ ଶରଣାର୍ଥୀଙ୍କୁ ଏହି ଅନ୍ତର୍ଜାତୀୟ ଆଇନର ସୁରକ୍ଷା ମିଳିପାରେ ନାହିଁ। ଅବଶ୍ୟ ବିଶ୍ୱର ଅନେକ ଦେଶ ଏହି ଦିଗରେ ପଦକ୍ଷେପ ନେଇଛନ୍ତି। ନ୍ୟୁଜିଲାଣ୍ଡ ଜଳବାୟୁ ବିପଦରେ ଥିବା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରବାସନ ମାର୍ଗ ଉପରେ ବିଚାର କରୁଛି। ଫିଜି ଯୋଜନାବଦ୍ଧ ପୁନର୍ବାସ ନୀତି ଆପଣେଇଛି। ଆଫ୍ରିକୀୟ ଦେଶଗୁଡ଼ିକରେ 'କମ୍ପାଲା କନଭେନସନ' ଆଭ୍ୟନ୍ତରୀଣ ବିସ୍ଥାପନର ମୁକାବିଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଢାଞ୍ଚା ପ୍ରଦାନ କରେ। ମିଳିତ ଜାତିସଂଘ ଓ ଅନ୍ତର୍ଜାତୀୟ ପ୍ରବାସନ ସଂଗଠନ ମଧ୍ୟ ଜଳବାୟୁ-ପ୍ରେରିତ ବିସ୍ଥାପନକୁ ଏକ ଭିନ୍ନ ନୀତି ଶ୍ରେଣୀ ଭାବେ ବୁଝିବା ଏବଂ ସେମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବିକଶିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି।

ଜଳବାୟୁ ପରିବର୍ତ୍ତନର ସଙ୍କଟ କେବଳ ବଢୁଥିବା ତାପମାତ୍ରା ନୁହେଁ, ବରଂ ଏହା ଲୋକଙ୍କୁ ନିଜ ଘରେ ହିଁ ଅସୁରକ୍ଷିତ କରିଦେଉଛି। ଭାରତ ସମେତ ବିଶ୍ୱର ଅନେକ ଭାଗରେ କୋଟି କୋଟି ଲୋକ ଅଛନ୍ତି, ଯେଉଁମାନଙ୍କ ପ୍ରଶ୍ନ ଏହା ଯେ ସେମାନେ ଆସନ୍ତା ବର୍ଷଗୁଡ଼ିକରେ ନିଜ ଗାଁ, ନିଜ ଚାଷଜମି ଏବଂ ନିଜ ଘରେ ରହିପାରିବେ କି ନାହିଁ? କୌଣସି ପରିବାର ନିଜ ଘର ଛାଡ଼ିଲେ ସ୍ମୃତି, ସାମାଜିକ ସମ୍ପର୍କ, ସାଂସ୍କୃତିକ ପରିଚୟ ଓ ସୁରକ୍ଷିତ ଭବିଷ୍ୟତ ମଧ୍ୟ ହରାଇଥା'ନ୍ତି।

ଆମ ପାଖରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ଅଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଛନ୍ତି। ରିଲିଫ୍ ଓ ପୁନର୍ବାସର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ସେମାନଙ୍କର ଧ୍ୟାନ ପ୍ରାୟତଃ ବିପର୍ଯ୍ୟୟର ତତ୍କାଳୀନ ପ୍ରଭାବ ମଧ୍ୟରେ ସୀମିତ ଥାଏ। ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟି ହେଉଥିବା ଦୀର୍ଘକାଳୀନ ବିସ୍ଥାପନ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱଷ୍ଟ ଜାତୀୟ ନୀତି ନାହିଁ। ଫଳସ୍ୱରୂପ ପ୍ରଭାବିତ ଲୋକମାନେ ଶାରୀରିକ କଷ୍ଟ ସହିତ ଭବିଷ୍ୟତକୁ ନେଇ ଗଭୀର ଅନିଶ୍ଚିତତା ଓ ଭୟ ମଧ୍ୟରେ ବଞ୍ଚନ୍ତି।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ସୁସନ୍ତାନ ଖୋଜା ପଡୁଛି

ସ୍ମୃତିରେଖା ମହାକୁଡ଼

ବେଳେବେଳେ ଆମ ମନରେ ପ୍ରଶ୍ନ ଉଠେ ରାମକୃଷ୍ଣ, ବିବେକାନନ୍ଦ, ବୁଦ୍ଧ, ଗୋପବନ୍ଧୁ, ଶ୍ରୀମା, ଅରବିନ୍ଦଙ୍କ ପରି ଯଶସ୍ୱୀ ସନ୍ତାନ କାହିଁକି ଆଉ ଧରାବତରଣ କରୁନାହାନ୍ତି? ଦାସିଆବାଉରୀ ହାତରୁ ମହାପ୍ରଭୁ ନଡ଼ିଆ ନେବା ଅବା ସାଲବେଗ ପାଇଁ ରଥ ଅଟକିବା ଭଳି ଅଲୌକିକତା କାହିଁ ଆମ ଜୀବନରେ ତ ଘଟୁନାହିଁ? ବାସ୍ତବରେ କ'ଣ ଆମ ସମାଜରେ ଉତ୍ତମ ଗୁଣସମ୍ପନ୍ନ ମଣିଷ ଆଦୌ ନାହାନ୍ତି? ସେଥିପାଇଁ ବୋଧେ ସେଦିନ ଗ୍ରୀକ୍ ଦାର୍ଶନିକ ଡାଇଓଜିନିଜ ଏଥେନ୍ସ ନଗରୀର ରାଜରାସ୍ତାରେ ସ୍ୱଷ୍ଟ ଦିବାଲୋକରେ ପାଗଳ ପ୍ରାୟ ହାତରେ ଜଳନ୍ତା ମଶାଲ ଧରି ଭଲ ମଣିଷଟିଏ ଖୋଜୁଥିଲେ, କିନ୍ତୁ ପାଇନଥିଲେ।

ବର୍ତ୍ତମାନ ବ୍ୟକ୍ତି ମଧ୍ୟରେ ମନର ପବିତ୍ରତା, ସତ୍ୟନିଷ୍ଠା ଓ ମାନବସେବା କ୍ରମଶଃ ଲୋପ ପାଇଯାଉଛି। ପ୍ରେମ, ଦୟା, କ୍ଷମା ଓ ସହଯୋଗ ପରି ମାନବୀୟ ମୂଲ୍ୟବୋଧ ଜୀବନରେ ଗ୍ରହଣ କରିବାକୁ ଯୁବସମାଜ ଅଗ୍ରାହ୍ୟ ପ୍ରକାଶ କରୁଛନ୍ତି। ଆମେ ଆଜି ଅଧୋପତନର ଅତଳ ଗହ୍ୱରରେ ପଡ଼ି ପଶୁତ୍ୱ ଆମକୁ ଆକ୍ରମଣ କରି ତଳିତଳାନ୍ତ କରିଦେଉଛି। ସମ୍ପ୍ରତି ଉନ୍ନତ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଆମେ ଉତ୍ପାଦନ ବୃଦ୍ଧି କରିପାରିଛୁ। ବିଭିନ୍ନ ଜୀବଜନ୍ତୁ ଓ ଉଦ୍ଭିଦର ଜନ୍ମ ଓ ବିକାଶ ଯେପରି ଉନ୍ନତ ହେବ, ସେଥିପାଇଁ ପ୍ରଜନ୍ମ ବିଜ୍ଞାନୀମାନେ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଉତ୍ତମ ମାନବ ସମ୍ବଳ ଗଠନ ଦିଗରେ କାହାରି ଉଦ୍ୟମ ନାହିଁ। ଆଜି ପରିବାରରେ କେହି କାହା କଥା ମାନିବାକୁ ନାରାଜ। ବିଶେଷ କରି ଯୁବଗୋଷ୍ଠୀ ନିଶାଗ୍ରସ୍ତ ହୋଇ ଅନେକ ଦୌରାତ୍ମ୍ୟ ରଚୁଛନ୍ତି। ତେଣୁ ସୁସନ୍ତାନ ସୃଷ୍ଟି ପାଇଁ ପିତାମାତା ମଧ୍ୟ ଶ୍ରେଷ୍ଠ ବିଚାରଧାରା ସମ୍ପନ୍ନ ହେବା ଆବଶ୍ୟକ। ଆଜିକାଲି ବିବାହର ଅର୍ଥ ଲୋକେ ବୁଝନ୍ତି ମଦ୍ୟନିଶାରେ ଚୁର ହୋଇ ବାଜା ବାଣରେ ଆକାଶ ପୃଥିବୀ କମ୍ପାଇ, ନିରୀହ ପଶୁପକ୍ଷୀଙ୍କ ହାତଗୋଡ଼ ଚୋବାଇ ମତୁଆଲା ହେବା। ଦାମ୍ପତ୍ୟ ଜୀବନର ପ୍ରମୁଖ ଉଦ୍ଦେଶ୍ୟ ପରିବାରକୁ ଶ୍ରେଷ୍ଠ ସଦସ୍ୟ ଅର୍ଥାତ୍ ସର୍ବଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରଦାନ ଏବଂ ସମାଜକୁ ଉତ୍କୃଷ୍ଟ ନାଗରିକ ପ୍ରଦାନ କରିବା। ସନ୍ତାନମାନଙ୍କ ଶାରୀରିକ, ମାନସିକ ଏବଂ ଭାବନାତ୍ମକ ବିକାଶ କରିବାର କ୍ଷମତା ଯଦି ନିଜ ଠାରେ ନଥାଏ, ତେବେ ସନ୍ତାନ ଉତ୍ପାଦନର ଦୁଃସାହସ କରିବା ଅନାବଶ୍ୟକ। ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଅଜ୍ଞ ଭାବରେ ଯନ୍ତ୍ର ପରି ଗୁଡ଼ାଏ ପିଲାଙ୍କୁ ସଂସାରକୁ ଆଣିବା ଯେପରିକି ଠେକୁଆମାନେ କରିଥା'ନ୍ତି, ତାହାକୁ ଯଥାର୍ଥରେ ମାତୃତ୍ୱ କୁହାଯାଇ ପାରିବ ନାହିଁ।

ବ୍ୟକ୍ତିର ଶିକ୍ଷା ଜନ୍ମ ପୂର୍ବରୁ ଆରମ୍ଭ ହୋଇଥାଏ, ଯାହା ତା'ର ଜୀବନବ୍ୟାପୀ ଚାଲିଥାଏ। ଜନ୍ମ ନେବାକୁ ଯାଉଥିବା ଶିଶୁର ସ୍ୱଭାବ କିପରି ହେବ ତାହା ଅଧିକ ଭାବରେ ମାତାଙ୍କ ଉପରେ ନିର୍ଭର କରେ। କାରଣ ସେ ତାଙ୍କର ଆସ୍ପୃହା ଓ ଇଚ୍ଛାଶକ୍ତି ସାହାଯ୍ୟରେ ଏବଂ ନିଜେ ଯେଉଁ ପାରିପାର୍ଶ୍ୱିକ ଆବେଷ୍ଟନୀ ମଧ୍ୟରେ ବାସ କରନ୍ତି ସେ ଅନୁଯାୟୀ ଶିଶୁ ଗଢ଼ି ହୋଇଥାଏ। ସେଦିନ ପତି ପରାୟଣା ସୀତାଦେବୀ ଅନ୍ତଃସତ୍ତ୍ୱା ଅବସ୍ଥାରେ ମୁନି ବାଲ୍ମୀକି ଆଶ୍ରମର ତରୁଛାୟାରେ ନିର୍ବାସନ ଦଣ୍ଡ ଭୋଗୁଥିବା ବେଳେ ଶତଶତ ଶିଷ୍ୟଙ୍କ ବେଦଧ୍ୱନି ପ୍ରଭାବରେ ଲବକୁଶ ପରି ଯାଆଁଳା ବିଦ୍ୱାନ ସନ୍ତାନ ଜନ୍ମ ଦେଇଥିଲେ। ଶକୁନ୍ତଳାଙ୍କ ତ୍ୟାଗ ଓ ଆତ୍ମବଳର ପ୍ରଭାବରେ ପୁତ୍ର ଭରତ ଓ ଜୀଜାବାଈଙ୍କ ଶିକ୍ଷା, ସଂସ୍କାରରେ ଶିବାଜୀ ପ୍ରଚଣ୍ଡ ଅନୁପ୍ରାଣିତ ହୋଇଥିଲେ। ଫଳରେ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ତେଣୁ ମା' ଯଦି ଗର୍ଭବତୀ ସମୟରେ ଅପରାଧ-ମନସ୍କ ଅବା ମାନସିକ ଅବସାଦଗ୍ରସ୍ତ ହୋଇଥାଏ, ତେବେ ଗର୍ଭସ୍ଥ ସନ୍ତାନ ଉପରେ ଖୁବ୍ ପ୍ରଭାବ ପକାଇଥାଏ।

ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରେ ଯେ, ମାଆ ଯେତେବେଳେ ଅଧିକ ଚିନ୍ତା ବା ଉଦାସରେ ରହେ କର୍ଟିସଲ, ଆଡ୍ରେନାଲିନ ଓ ନରଆଡ୍ରେନାଲିନ ନାମକ ହରମୋନ୍ ବହୁତ ପରିମାଣରେ ନିର୍ଗତ ହୋଇଥାଏ। ଫଳରେ ଶିଶୁର ଶାରୀରିକ, ମାନସିକ ଗଠନ ବାଧାପ୍ରାପ୍ତ ହୋଇଥାଏ। ସେଥିପାଇଁ ମା'ମାନଙ୍କୁ ଯଥାସମ୍ଭବ ସକାରାତ୍ମକ ଚେତନାରେ ରହିବା ପାଇଁ ପରାମର୍ଶ ଦିଆଯାଏ। ଗର୍ଭବତୀ ମା'ମାନଙ୍କର ଚିନ୍ତା ସବୁବେଳେ ସୁନ୍ଦର ଓ ପବିତ୍ର ତଥା ମନୋଭାବ ସର୍ବଦା ମହତ୍ ଓ ବିଶୁଦ୍ଧ ହେଲେ ତାହା ପିଲା ଉପରେ ପ୍ରଭାବ ପକାଇଥାଏ। ସମର୍ଥ ବ୍ୟକ୍ତିତ୍ୱ ନିର୍ମାଣ କରିବାର କ୍ଷମତା ଅର୍ଜନ କରା ନ ଗଲେ ସନ୍ତାନ ଲାଭ କରିବା ନିଜ ପାଇଁ ଦୁଃଖଦାୟକ ଓ ସମାଜ ପାଇଁ ବୋଝ ସଦୃଶ। ଜନକଙ୍କର ଶ୍ରେଷ୍ଠ ସୁକୃତର ମୂର୍ତ୍ତି ଜାନକୀ ଏବଂ ଦଶରଥଙ୍କ ସୁକୃତର ପ୍ରତିମା ରାମ ଅଟନ୍ତି। ଯେପରି କୌଣସି ଉଚ୍ଚକୋଟୀର ଉପକରଣ ତିଆରି କରିବାକୁ ହେଲେ ଉପଯୁକ୍ତ କଞ୍ଚାମାଲ ଠାରୁ ଆରମ୍ଭ କରି ଉନ୍ନତ ଯନ୍ତ୍ରପାତି ଓ କୁଶଳୀ କାରିଗର ବ୍ୟବସ୍ଥା ବହୁପୂର୍ବରୁ କରିବାକୁ ପଡ଼େ, ସେହିପରି ଶ୍ରେଷ୍ଠ ସନ୍ତାନ ସୃଷ୍ଟି ଏକ ବଡ଼ ମହତ୍ତ୍ୱପୂର୍ଣ୍ଣ ଓ ସମୟସାଧ୍ୟ କାର୍ଯ୍ୟ।

ଗୁଣବାନ ସନ୍ତାନ ପ୍ରାପ୍ତି ପାଇଁ ମାତାପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। କାରଣ ଆସୁଥିବା ସନ୍ତାନଟି ତାଙ୍କର ଆତ୍ମାର ପ୍ରତିରୂପ। ସେଥିପାଇଁ ପୁତ୍ରକୁ 'ଆତ୍ମା' ଓ ପୁତ୍ରୀକୁ 'ଆତ୍ମଜା' କୁହାଯାଏ। ଏଥିପାଇଁ ହିନ୍ଦୁଧର୍ମରେ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ। ପତିପତ୍ନୀଙ୍କ ମିଳନରୁ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ସେମାନଙ୍କ ଚିନ୍ତା, ଚେତନାରେ କୌଣସି ଜାଗତିକ କାମନା ବାସନା ରହିବା ଉଚିତ ନୁହେଁ। ଭଗବତ ନାମ ଚିନ୍ତନ, ଗୁଣକୀର୍ତ୍ତନ ତଥା ଅଶ୍ଳୀଳତା ଠାରୁ ନିବୃତ୍ତ ରହି ଗୀତା, ଭାଗବତ ପରି ପବିତ୍ର ପୁସ୍ତକ ପଠନ କଲେ ନିଶ୍ଚିତ ଭାବରେ ଭକ୍ତ ପ୍ରହ୍ଲାଦ ଓ ଧ୍ରୁବଙ୍କ ପରି ଗୁଣୀ ସନ୍ତାନ ଗର୍ଭରେ ସଞ୍ଚରି ଉଠିବେ। ମାତ୍ର ଦୁଃଖର ବିଷୟ ଭଲ ସନ୍ତାନଟିଏ ସୃଷ୍ଟି ପାଇଁ ଯେଉଁମାନଙ୍କ ଉପରେ ଆଶା ରଖାଯାଏ, ସେମାନେ ପ୍ରେମରେ ଉନ୍ମତ୍ତ ହୋଇ ତୋଳୁଛନ୍ତି ଅସଂଯତ ଶୃଙ୍ଗାରର ବିକ୍ଷୁବ୍ଧ ଝଙ୍କାର। ଫଳରେ ଯୌନ ଜୀବନ ପବିତ୍ରତା ହ୍ରାସ ଘଟୁଛି। ଶ୍ରୀଠାକୁର ଅନୁକୂଳ ଚନ୍ଦ୍ର କହନ୍ତି - 'ଉତ୍ତମ ସଂସ୍କାର ଓ ପରସ୍ପରର ଉନ୍ନତି ହିଁ ବିବାହର ମୂଳ ଆଧାର। ତେଣୁ ଦୈବୀଗୁଣସମ୍ପନ୍ନ ଶିଶୁଟିଏ ଜନ୍ମଦେବା ପାଇଁ ଆବଶ୍ୟକ ପରିଶୁଦ୍ଧ ପ୍ରଜନନ।' ଭାଗବତ କହେ - 'ସ୍ତ୍ରୀ ସଙ୍ଗମ ଋତୁମତେ, କେବଳ ପୁତ୍ର ଜନ୍ମ ଅର୍ଥେ।'

ଆଧୁନିକା ନାରୀମାନେ ଶିକ୍ଷିତା, ମାର୍ଜିତା, ପ୍ରଗତିଶୀଳା ନାମରେ ଏକ ସୀମାବଦ୍ଧ ଜୀବନକୁ ଆପଣେଇ ନେଇ ସ୍ୱାର୍ଥପର ହୋଇଯାଉଛନ୍ତି। ଯାହା ଫଳରେ ନଷ୍ଟଜାତକର ଆବିର୍ଭାବ ଘଟି ଆମ ଦେଶ ଓ ଜାତିର ଧ୍ୱଂସ ସାଧନ କରୁଛନ୍ତି। ତେଣୁ ସମସ୍ତ ପିତାମାତା ଶିଶୁର ଜନ୍ମଗତ ଶୁଦ୍ଧତା ପ୍ରତି ଅଧିକ ଦାୟିତ୍ୱବାନ ହେବା ଅପରିହାର୍ଯ୍ୟ। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ମା'ମାନେ ବସ୍ତୁତଃ ଖଣିଗର୍ଭା। ଖଣି ଯେଉଁ ପ୍ରକାର ହୋଇଥାଏ ସେହି ପ୍ରକାର ରତ୍ନ ବାହାରେ। ଶ୍ରେଷ୍ଠ ସନ୍ତତି ଲାଭ ନିମନ୍ତେ ମା'ମାନଙ୍କୁ ସୁସ୍ଥ ବିଚାର ତଥା ଭାବ ଦୃଷ୍ଟିରୁ ପରିପୁଷ୍ଟ କରାଇବା ଆବଶ୍ୟକ। ମାତାମାନେ ସବୁ ଦିଗରୁ ସନ୍ତାନ ଠାରେ ଶ୍ରେଷ୍ଠ ବିଚାର, ଶ୍ରେଷ୍ଠ ପ୍ରବୃତ୍ତି ଆରୋପଣ କରିବାର ଚେଷ୍ଟା କରିବା ଉଚିତ।

ଚୂଡ଼ାମଣି(ଭଦ୍ରକ), ମୋ: ୯୧୨୪୮୦୦୯୯୬

# ରଥ ଯାତ୍ରା

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦ୍ୱାପର ଯୁଗରେ ଦ୍ୱାରକାର ରାଜା ଥିଲେ ଶ୍ରୀକୃଷ୍ଣଙ୍କ ଅଜା ଉଗ୍ରସେନ। ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ଥିଲେ ଦ୍ୱାରକାର ଅଘୋଷିତ ସମ୍ରାଟ। ଅଷ୍ଟପାଟରାଣୀ ତାଙ୍କର ଖାଦ୍ୟ, ପାନୀୟ, ବିଶ୍ରାମ ଓ ମନୋରଞ୍ଜନର ସମସ୍ତ ବନ୍ଦୋବସ୍ତ ସୁଚାରୁ ରୂପେ କରୁଥିଲେ। ରାଜ ପରିବାରର ସମସ୍ତ ଐଶ୍ୱର୍ଯ୍ୟ ତାଙ୍କୁ ଉପଲବ୍ଧ ହେଉଥିଲେ ମଧ୍ୟ ସେ ତାଙ୍କର ପିଲାଦିନକୁ ଝୁରି ହେଉ ଥିଲେ- ନନ୍ଦ ଯଶୋଦାଙ୍କ ଅନାବିଳ ପୁତ୍ରସ୍ନେହ, ଗୋପୀ ଓ ଗୋପାଳ ବାଳକମାନଙ୍କ ସହ ତାଙ୍କର ବନ୍ଧୁତ୍ୱ ଏବଂ ସର୍ବୋପରି ରାଧାଙ୍କର ତାଙ୍କ ପାଇଁ ଥିବା ଅପାର୍ଥିବ ପ୍ରେମ। ଏହିସବୁ କଥାକୁ ମନେ ପକାଇ ସେ ବେଳେ ବେଳେ ଅନ୍ୟମନସ୍କ ହୋଇ ଯାଉଥିଲେ। ବିରହ ରୋଗ ଯେତିକି ପୁରୁଣା ହେଲା, ତାହା ତାଙ୍କର ମାନସିକ ଅବସ୍ଥାକୁ ସେତିକି ପ୍ରଭାବିତ କଲା। ଏପରିକି ସେ ଦିନେ ଦିନେ ପିଲାଦିନ କଥା ମନେ ପକେଇ ମୂର୍ଚ୍ଛିତ ହୋଇ ଯାଉଥିଲେ।

ଦିନେ ଶ୍ରୀକୃଷ୍ଣ ଅନେକ ସମୟ ପର୍ଯ୍ୟନ୍ତ ସଂଜ୍ଞାହୀନ ହୋଇ ରହିଲେ। ରାଜା ଉଗ୍ରସେନ ଓ ଭାଇ ବଳରାମ ଖବର ପାଇ ଆସି ପହଞ୍ଚିଲେ। ବଳରାମ ଶ୍ରୀକୃଷ୍ଣଙ୍କର ସେ ଅବସ୍ଥାର କାରଣ ଜାଣି ଥିଲେ ବି ନିରାକରଣ ଜାଣି ନ ଥିଲେ। ଏହି ସମୟରେ ଦେବର୍ଷି ନାରଦ ଆସି ପହଞ୍ଚିଲେ। ସେ ଜାଣି ଥିଲେ ଯେ କୃଷ୍ଣଙ୍କ କାନରେ ଗୋପଲୀଳା ବର୍ଣ୍ଣନା କଲେ, ସେ ସଂଜ୍ଞା ଫେରିପାଇବେ। କିନ୍ତୁ ପ୍ରକୃତିସ୍ଥ ହେବା ପରେ ସେ ପୁଣି ଥରେ ପିଲାଦିନ କଥା ମନେ ପକେଇ ଚେତା ହରେଇବାର ସମ୍ଭାବନା ଥିଲା। ତେଣୁ ବଳରାମ ପ୍ରସ୍ତାବ ଦେଲେ ଯେ ସଂଜ୍ଞା ପାଇବାପରେ କାହ୍ନାକୁ ଥରେ ବୃନ୍ଦାବନ ନେଇ ବୁଲେଇ ଆଣିବା ଉଚିତ ହେବ। କଥାଟା ଅଜା ଉଗ୍ରସେନଙ୍କ ମନକୁ ପାଇଲା।

ରାଜା ନିଷ୍ପତ୍ତି ନେଲେ ଯେ କେହି ଜଣେ ପ୍ରଥମେ ବୃନ୍ଦାବନ ଯାଇ କୃଷ୍ଣଙ୍କ ଆସିବା ଖବର ବୃନ୍ଦାବନରେ ଦେବ ଏବଂ ତା' ପରେ କୃଷ୍ଣ ବୃନ୍ଦାବନ ଯାତ୍ରା କରିବେ। ରାଜା ପ୍ରଥମେ ଉଦ୍ଧବଙ୍କୁ ଡାକି ଏ ଦାୟିତ୍ୱ ଦେଲେ। ନମ୍ରତାର ସହ ଉଦ୍ଧବ କହିଲେ- 'ମହାରାଜ! ଶ୍ରୀକୃଷ୍ଣ ବୃନ୍ଦାବନ ଆସିବେ ବୋଲି ମୁଁ ଆଗରୁ ଥରେ ଗୋପୀମାନଙ୍କୁ କହିଥିଲି। କିନ୍ତୁ ଶ୍ରୀକୃଷ୍ଣ ଗଲେ ନାହିଁ। ଏବେ ମୁଁ ଯାଇ ପୁଣି ଥରେ ସମାନ କଥା କହିଲେ ସେମାନେ ବିଶ୍ୱାସ କରିବେ ନାହିଁ।' ତା' ପରେ ଉଗ୍ରସେନ ବଳରାମଙ୍କୁ ଚାହିଁ ଇସାରାରେ ବୃନ୍ଦାବନ ଯିବାକୁ ଆଦେଶ ଦେଲେ। ବଳରାମ କହିଲେ- 'ଅଜା! ଅକ୍ରୁରଙ୍କ ସହ ମଥୁରା ଆସିବା ବେଳେ ମୁଁ ବି ସେମାନଙ୍କୁ କାହ୍ନା ସହ ଫେରିବା ପାଇଁ କଥା ଦେଇଥିଲି। କିନ୍ତୁ କଥା ରଖି ପାରିଲି ନାହିଁ। ଏବେ ପୁଣି ସେଇ କଥା କହିଲେ ସେମାନେ ମୋତେ ବି ବିଶ୍ୱାସ କରିବେ ନାହିଁ।'

ସେ ପର୍ଯ୍ୟନ୍ତ ସୁଭଦ୍ରା କିଛି ଦୂରରେ ଠିଆ ହୋଇ ସବୁ କଥା ଶୁଣୁଥିଲେ। ସେ କହିଲେ- 'ଅଜା! ମୋ ଭାଇର ମଙ୍ଗଳ ପାଇଁ ମୁଁ ସେ ଖବର ନେଇ ବୃନ୍ଦାବନ ଯିବି।' ବଳରାମ କହିଲେ- 'ଅଜା! ଭଦ୍ରା ଠିକ କହୁଛି। କିନ୍ତୁ ଝିଅ ପିଲାଟା, ଆମେ ତା'କୁ ଏକା ଏକା ଯିବାକୁ ଦେବା ନାହିଁ। ମୁଁ ଆଗେ ଆଗେ ଯିବି, ଭଦ୍ରା ମୋ ପଛେ ପଛେ ଯାଇ ବୃନ୍ଦାବନରେ କାହ୍ନା ଆସିବା ଖବର ଦେବ। ଗୋପୀମାନେ ସମସ୍ତେ ଭଦ୍ରାର ସଖୀ। ସେମାନେ ତା'କୁ ନିଶ୍ଚୟ ବିଶ୍ୱାସ କରିବେ।' ପ୍ରସ୍ତାବରେ ଉଗ୍ରସେନ ରାଜି ହେଲେ। ସଂଗେ ସଂଗେ ତିନୋଟି ରଥ ପ୍ରସ୍ତୁତ ହେଲା। ପ୍ରଥମେ ବଳରାମ ଏବଂ ତାଙ୍କ ପଛେ ପଛେ ଦେବୀ ସୁଭଦ୍ରା ଆଉ ଏକ ରଥ ଆରୋହଣ କରି ଯାତ୍ରା କଲେ। ତା' ପରେ ମହର୍ଷି ନାରଦ ଶ୍ରୀକୃଷ୍ଣଙ୍କ କାନରେ ଗୋପଲୀଳା ବର୍ଣ୍ଣନା କଲେ। ଶ୍ରୀକୃଷ୍ଣ ନିଦରୁ ଉଠିବା ପରି ଉଠି ବସିଲେ ଓ କହିବାକୁ ଲାଗିଲେ- 'ଆରେ! ମୋ ହାତରୁ ମୋ ବଂଶୀ କିଏ ନେଲା?' ନାରଦ କହିଲେ- 'ବୃନ୍ଦାବନ ଛାଡ଼ିବା ପରଠାରୁ ଆପଣ ବଂଶୀବାଦନ ଛାଡ଼ି ଦେଇଛନ୍ତି ପ୍ରଭୁ। ରଥ ପ୍ରସ୍ତୁତ ଅଛି। ପ୍ରଭୁ ବଳରାମ ଓ ଦେବୀ ସୁଭଦ୍ରା ବୃନ୍ଦାବନ ଅଭିମୁଖେ ଚାଲି ଗଲେଣି। ବର୍ତ୍ତମାନ ଆପଣ କିଛିଦିନ ପାଇଁ ବୃନ୍ଦାବନ ଯାତ୍ରା କରି ପିଲାଦିନର ଗୋପଲୀଳା ରଚନା କରନ୍ତୁ।' ଶ୍ରୀକୃଷ୍ଣ ମହାଆନନ୍ଦରେ ନନ୍ଦିଘୋଷ ଚଢ଼ି ବୃନ୍ଦାବନ ଯାତ୍ରା କଲେ।

ଏହି ରଥଯାତ୍ରାର ସ୍ମୃତିରେ କଳିଯୁଗରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ତିନିରଥ ଆରୋହଣ କରି ଗୁଣ୍ଡିଚା ମନ୍ଦିର ଯାତ୍ରା କରୁଛନ୍ତି। ଦ୍ୱାପର ଯୁଗରେ ସେମାନେ ଯେଉଁକ୍ରମରେ ରଥ ଚଢ଼ି ବୃନ୍ଦାବନ ଯାତ୍ରା କରିଥିଲେ, ବର୍ତ୍ତମାନ ସେହିକ୍ରମରେ ପ୍ରଥମେ ବଡ଼ ଠାକୁର ବଳଭଦ୍ର, ତା' ପରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥ ରଥଯାତ୍ରା କରୁଛନ୍ତି। ଶ୍ରୀମନ୍ଦିରକୁ ଦ୍ୱାରକା ଓ ଗୁଣ୍ଡିଚା ମନ୍ଦିରକୁ ବୃନ୍ଦାବନ ଜ୍ଞାନ କରାଯାଉଛି। ଶ୍ରୀମନ୍ଦିରର ଐଶ୍ୱର୍ଯ୍ୟ ଛାଡ଼ି ରାଜରାଜେଶ୍ୱର ଜଗନ୍ନାଥ ଗୁଣ୍ଡିଚା ମନ୍ଦିରର ମାଧୁର୍ଯ୍ୟ ଲୀଳା ରଚନା କରି ପୁଣି ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ହର୍ମୁଜର ବିକଳ୍ପ ସନ୍ଧାନରେ ୟୁଏଇ

ଦୁବାଇ, ୧୪।୭(ଏଜେନ୍ସି): ଆଞ୍ଚଳିକ ସୁରକ୍ଷା ପରିସ୍ଥିତି ଏବଂ ସାମୁଦ୍ରିକ ପରିବହନରେ ବାରମ୍ବାର ସୃଷ୍ଟି ହେଉଥିବା ବାଧାକୁ ଦୃଷ୍ଟିରେ ରଖି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏହାର ବିକଳ୍ପ ପଥ ପାଇଁ ପ୍ରସ୍ତୁତ ହେଉଛି। ଦୁବାଇ ସରକାରଙ୍କ ମାଲିକାନାରେ ଥିବା ପ୍ରମୁଖ ବନ୍ଦର ଏବଂ ଲଜିଷ୍ଟିକ୍ସ ସଂସ୍ଥା ଡିପି ୱାର୍ଲ୍ଡ ୟୁଏଇର ପୂର୍ବ ଉପକୂଳରେ ଏକ ନୂତନ ବନ୍ଦର ଏବଂ କଣ୍ଟେନର ଟର୍ମିନାଲ ନିର୍ମାଣ କରିବାକୁ ଯୋଜନା କରୁଛି। ବିବାଦୀୟ ହର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ବିଶ୍ୱ ବାଣିଜ୍ୟ କାରବାରକୁ ସୁରକ୍ଷିତ ରଖିବା ଏହାର ମୂଳ ଲକ୍ଷ୍ୟ ରହିଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଏବଂ ଗ୍ୟାସ ପରିବହନ ହର୍ମୁଜ ପ୍ରଣାଳୀ ଦେଇ ହୋଇଥାଏ। ମାତ୍ର ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ଯୋଗୁଁ ଏହି ଜଳପଥ ବାରମ୍ବାର ବନ୍ଦ ହେଉଛି ଏବଂ ବିଶ୍ୱ ଶକ୍ତି ଯୋଗାଣ ପ୍ରଭାବିତ ହେଉଛି। ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିବା ପରେ ଦୁବାଇର ସବୁଠାରୁ ବଡ଼ ବନ୍ଦର 'ଜେବେଲ ଅଲି'ର ବ୍ୟବସାୟିକ ଗତିବିଧି ପ୍ରାୟ ୯୦-୯୫ ପ୍ରତିଶତ ହ୍ରାସ ପାଇଛି। ଏହି କାରଣରୁ ଡିପି ୱାର୍ଲ୍ଡ ବିକଳ୍ପ ବାଣିଜ୍ୟ ମାର୍ଗ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛି। ନୂତନ ପ୍ରକଳ୍ପଟି ଓମାନ ଉପସାଗରରେ ଅବସ୍ଥିତ ଫୁଜୈରା ଠାରେ ସ୍ଥାପନ ହେବ। ଏହି ବନ୍ଦର କାର୍ଯ୍ୟକ୍ଷମ ହେଲେ ବାଣିଜ୍ୟିକ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯିବାକୁ ପଡ଼ିବ ନାହିଁ। ସେଠାରୁ କଣ୍ଟେନରଗୁଡ଼ିକୁ ସ୍ଥଳପଥରେ ଦୁବାଇ, ଆବୁଧାବି ଏବଂ ଅନ୍ୟାନ୍ୟ ଗଲ୍ଫ ଦେଶଗୁଡ଼ିକୁ ସହଜରେ ପଠାଯାଇପାରିବ। ଏହି ସମୟରେ ୟୁଏଇର ପୂର୍ବ ଉପକୂଳରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି। ଶାରଜା-ଭିତ୍ତିକ 'ଗଲ୍ଫଟେନର' ସଂସ୍ଥା ମଧ୍ୟ ନିକଟସ୍ଥ ଖୋର ଫକ୍କାନ ବନ୍ଦରର ସମ୍ପ୍ରସାରଣ ପାଇଁ ୨ ବିଲିୟନ ଡଲାରର ନିବେଶ ଯୋଜନା ଘୋଷଣା କରିଛି। ଫୁଜୈରା ବର୍ତ୍ତମାନ ମଧ୍ୟ ୟୁଏଇର ଶକ୍ତି କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଏବଂ ଆବୁଧାବିର ଅଶୋଧିତ ତୈଳ ରପ୍ତାନି ପାଇଁ ଏକ ପ୍ରମୁଖ ବିନ୍ଦୁ ଭାବେ କାର୍ଯ୍ୟ କରୁଛି। ଏହି ନୂତନ ପ୍ରକଳ୍ପ ଦ୍ୱାରା ୟୁଏଇର ଅର୍ଥନୈତିକ ସ୍ଥିରତା ଆହୁରି ମଜବୁତ ହେବ ବୋଲି ଆଶା କରାଯାଉଛି।

**ଫୁଜୈରାରେ ନିର୍ମିତ ହେବ ନୂତନ ବନ୍ଦର**

# ଭାରତ ସୀମାରେ ସନ୍ଦିଗ୍ଧ ଅବସ୍ଥାରେ ଆମେରିକୀୟ ସ୍ପେଶାଲ ଫୋର୍ସର ସଦସ୍ୟ ଗିରଫ

ମହାରାଜଗଞ୍ଜ, ୧୪।୭(ଏଜେନ୍ସି): ଉତ୍ତରପ୍ରଦେଶର ଭାରତ-ନେପାଳ ସୀମାରେ ଜଣେ ଆମେରିକୀୟ ନାଗରିକଙ୍କୁ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ପକ୍ଷରୁ ଅଟକ ରଖାଯାଇଛି। ଜୋର୍ଡାନ ବ୍ରାଉନ ନାମକ ଏହି ୩୬ ବର୍ଷୀୟ ବ୍ୟକ୍ତି ଜଣକ ନିଜକୁ ଆମେରିକୀୟ ନୌସେନା ଏବଂ ସ୍ପେଶାଲ ଫୋର୍ସର ପୂର୍ବତନ ସଦସ୍ୟ ବୋଲି ଦାବି କରିଛନ୍ତି। ତାଙ୍କ ପାଖରେ କୌଣସି ବୈଧ ଯାତ୍ରା ଦସ୍ତାବିଜ ନଥିବା ବେଳେ ସନ୍ଦିଗ୍ଧ ଭାବେ ସେ ସୀମା ପାର ହୋଇ ନେପାଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ଧରାଯାଇଛି। ସୂଚନା ଅନୁଯାୟୀ, ଗତ ଶନିବାର ମହାରାଜଗଞ୍ଜ ଜିଲ୍ଲାର ସୋନୌଲି ପୁଲିସ ଷ୍ଟେସନ ଅନ୍ତର୍ଗତ ମାଇନିହ୍ୱା ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ସମୟରେ ଏସଏସବି ଯବାନମାନେ ବ୍ରାଉନଙ୍କୁ ଚିହ୍ନଟ କରିଥିଲେ। କାଲିଫର୍ଣ୍ଣିଆର ବାସିନ୍ଦା ବ୍ରାଉନ ପ୍ରଥମେ ବେଙ୍ଗାଲୁରୁରୁ ସୋନୌଲି ସୀମାକୁ ଯାତ୍ରା କରିଥିଲେ ଏବଂ ସେଠାରୁ ନେପାଳକୁ ଯିବାକୁ ଯୋଜନା କରିଥିଲେ। ଯେତେବେଳେ କର୍ତ୍ତୃପକ୍ଷ ତାଙ୍କୁ ପରିଚୟ ପତ୍ର ମାଗିଥିଲେ, ସେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଏସଏସବି କର୍ମଚାରୀମାନେ ତାଙ୍କୁ ପିଛା କରି କାବୁ କରିବାରେ ସଫଳ ହୋଇଥିଲେ। ଗତ ମାର୍ଚ୍ଚରେ ଭାରତ-ମ୍ୟାନ୍‌ମାର ସୀମାରେ ମାଥ୍ୟୁ ଭ୍ୟାଣ୍ଡାଇକ୍ ନାମକ ଜଣେ ପୂର୍ବତନ ଆମେରିକୀୟଙ୍କ ସେନା ସଦସ୍ୟଙ୍କୁ ଗିରଫ କରାହୋଇଥିଲା। ବର୍ତ୍ତମାନ ସ୍ଥାନୀୟ ପୁଲିସ ଏବଂ ଏସଏସବି ଅଧିକ ପଚରାଉଚରା ଜାରି ରଖିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବଯୌବନ ବେଶରେ...

ସାହାଣମେଲାରେ ବି ଭକ୍ତମାନେ ଭିତରକାଠରୁ ଭଗବାନଙ୍କୁ ଦର୍ଶନ କରିଥିଲେ। ମୋଟ ୨ ଘଣ୍ଟା ୧୫ ମିନିଟ୍ ଦର୍ଶନ ଚାଲିବା ପରେ ବନ୍ଦ କରି ଦିଆଯାଇଥିଲା। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପରିମାଣିକ ଏବଂ ସର୍ବସାଧାରଣ ଦର୍ଶନ ପାଇଁ ମୋଟ ୨ ଘଣ୍ଟା ସମୟ ଦିଆଯିବ ବୋଲି ଘୋଷଣା କରିଥିଲା। ଅବଶ୍ୟ ପରିମାଣିକ ଦର୍ଶନଧାରୀଙ୍କ ସଂଖ୍ୟା କମ୍ ଥିବାରୁ ଏହା ଅଧଘଣ୍ଟାଏରେ ସରିଥିଲା। ସର୍ବସାଧାରଣ ଦର୍ଶନ ଅଧିକ ୪୫ ମିନିଟ୍ ଦିଆଯାଇଥିଲେ ମଧ୍ୟ ଆହୁରି ଅନେକ ଧାଡି ଲଗାଇଥିଲେ। କିନ୍ତୁ ରଥଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ୭ଟା ୧୫ରେ ଦର୍ଶନ ବନ୍ଦ କରି ଦିଆଯାଇଥିଲା।

ଅନ୍ୟପକ୍ଷରେ ବୁଧବାର ଉଭାଯାତ୍ରା। ରଥଯାତ୍ରା ପାଇଁ ବହୁଳ ନୀତିକାନ୍ତି ଥିବାରୁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। କିନ୍ତୁ ଯେଉଁମାନେ ମହାପ୍ରସାଦ ପାଇବାକୁ ଇଚ୍ଛୁକ ସେମାନେ ଉତ୍ତର ଦ୍ୱାରରେ ପ୍ରବେଶ କରି ଆନନ୍ଦବଜାରରୁ କାମ ସାରି ସେହି ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିପାରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

## ଦୁଇ ଅଙ୍କ...

ରୁ ୨୭.୪୧% କୁ ହ୍ରାସ ପାଇଛି। ଦୀର୍ଘକାଳୀନ ଉଚ୍ଚ ପାଇକାରୀ ମୁଦ୍ରାସ୍ଫୀତି ଅଧିକାଂଶ ଉତ୍ପାଦକ କ୍ଷେତ୍ରକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ। ଯଦି ପାଇକାରୀ ମୂଲ୍ୟ ବହୁତ ଦିନ ଧରି ଉଚ୍ଚ ସ୍ତରରେ ରହେ, ତେବେ ଗ୍ରାହକଙ୍କ ଉପରେ ଏହାର ମୂଲ୍ୟ ବୋଝ ଲଦି ହୋଇଯାଏ। ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧିର ପ୍ରତିକ୍ରିୟାରେ, ସରକାର ଇନ୍ଧନ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ଆଳୁ, ଟମାଟୋ, ଏବଂ ଅଦା ସମେତ କେତେକ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ପୁନଃ ବୃଦ୍ଧି ଯୋଗୁଁ ଲଗାତାର ଷଷ୍ଠ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଜୁନ୍ ମାସରେ ଏହା ୪.୩୮%ରେ ପହଞ୍ଚିଛି। ଜାନୁଆରୀରେ ଏହା ୨.୭୪% ରହିଥିବାବେଳେ ମେ' ମାସରେ ଏହା ୩.୯୩% ରହିଥିଲା।

## ଗିରଫ ହେଲେ...

କର୍ମଚାରୀ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଛନ୍ତି।

କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ଶିକ୍ଷା ନୀତି-୨୦୨୦ ଅଧୀନରେ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାର ସାମଗ୍ରିକ ତଦାରଖ, ସମନ୍ୱୟ ଏବଂ ଅନୁମୋଦନ ଦାୟିତ୍ୱ ଶ୍ରୀ ପାଢ଼ୀଙ୍କ ଉପରେ ନ୍ୟସ୍ତ ଥିଲା। ମାତ୍ର ସେ ନିଜର ସରକାରୀ ଦାୟିତ୍ୱକୁ ସଠିକ୍ ଭାବେ ତୁଲାଇବାରେ ବିଫଳ ହୋଇଥିଲେ। ବହିରେ ତଥ୍ୟ, ଅନୁବାଦ ଏବଂ ଚିତ୍ର ଗୁଡ଼ିକର କୌଣସି ଯାଞ୍ଚ ନ କରି ସେ ଛାପିବା ପାଇଁ ଅନୁମୋଦନ ଦେଇଥିଲେ। ମାଳମାଳ ଭୁଲ ତଥା ବିକୃତ ପୁସ୍ତକ ଏହି ଅପରାଧିକ ଅବହେଳା ଯୋଗୁଁ ପ୍ରକାଶିତ ଓ ବଣ୍ଟନ ହୋଇଥିଲା। ଯାହାଦ୍ୱାରା ରାଜ୍ୟ ରାଜକୋଷର ପ୍ରାୟ ୧୭.୫ କୋଟି ଟଙ୍କା କ୍ଷତି ହୋଇଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନେହରୁନଗରର ବାସିନ୍ଦା ୫୭ ବର୍ଷୀୟ ଶ୍ରୀ ପାଢ଼ୀଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ମିଳିବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରି କଟକର ଜେଏମଏଫସି-୩ କୋର୍ଟରେ ହାଜର କରିଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫),୨୦୨୧,୬୧(୨) ଓ ୩(୫) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ରହିଛି, ସେ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ପ୍ରକାଶଥାଉକି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଭାର ହାତକୁ ନେଇଥିଲା। ବର୍ତ୍ତମାନର ଏସସିଇଆରଟିର ନିର୍ଦ୍ଦେଶିକା ଥିବା ମଧୁସ୍ମିତା ସାହୁଙ୍କ ପକ୍ଷରୁ ଲିଖିତ ଏତଲା ଆଧାରରେ ମାମଲା ରୁଜୁ କରାଯାଇଥିଲା। ଡେପୁଟି ଏସପି ନରେନ୍ଦ୍ର କୁମାର ବେହେରାଙ୍କ ସମେତ ଆଉ ଦୁଇ ଜଣ ଅଧିକାରୀ ଏହି ମାମଲାରେ ଶ୍ରୀ ପାଢୀଙ୍କୁ ଜେରା କରିଥିଲେ। ପ୍ରକାଶିତ ସ୍କୁଲ ବହିଗୁଡ଼ିକରେ ୧,୬୦୦ରୁ ଅଧିକ ଗୁରୁତର ତ୍ରୁଟି ଦେଖିବାକୁ ମିଳିଥିଲା। ଏଥିରେ ଭୁଲ ଐତିହାସିକ ତଥ୍ୟ, ବ୍ୟାକରଣଗତ ଅଶୁଦ୍ଧି ଏବଂ ଭଙ୍ଗା ଗାଣିତିକ ସୂତ୍ର ଭଳି ସାଂଘାତିକ ଭ୍ରମ ରହିଥିଲା। ବାରମ୍ବାର ଚେତାବନୀ ସତ୍ତ୍ୱେ ଏବଂ ପରବର୍ତ୍ତୀ ସମୟରେ ହୋଇଥିବା "ସଂଶୋଧିତ' ମୁଦ୍ରଣରେ ମଧ୍ୟ ଏହି ସବୁ ତ୍ରୁଟିକୁ ଅଣଦେଖା କିଭଳି କରାଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, କ୍ରାଇମବ୍ରାଞ୍ଚ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) ଅଧୀନରେ ମାମଲା ରୁଜୁ କରିଛି, ଯାହା ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ହୋଇଥିବା ବିଶ୍ୱାସଘାତକତାକୁ ଦର୍ଶାଏ। ଏହି ଧାରାରେ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ପ୍ରାବଧାନ ରହିଛି। ଏହି ଘଟଣାରେ ପୂର୍ବରୁ ସରକାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରିବା ସହ ଅନ୍ୟମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ୧୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ କରିଥିଲେ। ପାଠ୍ୟପୁସ୍ତକ ପ୍ରୁଫ୍-ରିଡିଂ (ପାଠ୍ୟ ସଂଶୋଧନ) ପାଇଁ ପ୍ରାୟ ୫୦ ଜଣ ବିଶେଷଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇ ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇଥିବା ବେଳେ ଏତେ ବଡ଼ ବିଫଳତା ପଛର ପ୍ରକୃତ ଗୁମର ଖୋଲିବାକୁ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଆଗକୁ ଏହି ମାମଲାରେ ଅଧିକ ଗିରଫଦାରୀ ହେବାର ସଂକେତ ମିଳିଛି।

## ସଡ଼କ ଓ ସେତୁପାଇଁ...

୧୪୧୭ଟି ନିର୍ମାଣାଧୀନ ସେତୁ ସମ୍ପୂର୍ଣ୍ଣ କରିବା ସହ ୧୭୫୦ଟି ନୂଆ ସେତୁ ନିର୍ମାଣ କରାଯିବ। ଏଥିପାଇଁ ୧୧୮୦୦ କୋଟିର ବ୍ୟୟବରାଦ କରାଯାଇଛି। ସେହିପରି 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତୀକରଣ' ଯୋଜନାକୁ ୨୦୨୫-୨୬ରୁ ୨୦୨୯-୩୦ ବର୍ଷ ଯାଏଁ କାର୍ଯ୍ୟକାରୀ କରିବା ପାଇଁ ୬୭୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ଯୋଜନା ଅଧୀନରେ ଆନୁମାନିକ ୨୫୫୦୦ କିଲୋମିଟର ନୂତନ ରାସ୍ତା ନିର୍ମାଣ ସହ ଚାଲୁ ରହିଥିବା ରାସ୍ତା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ପୁନଶ୍ଚ ଗ୍ରାମାଞ୍ଚଳରେ ଅସଂଯୁକ୍ତ ବସତିଗୁଡ଼ିକ ସବୁଦିନିଆ ସଡ଼କ ସଂଯୋଗ କରାଇବା ପାଇଁ ୨୦୧୪-୧୫ରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଚାଲୁ ରହିଥିବା ୧୧୫ କିମି ସଡ଼କ ପ୍ରକଳ୍ପ ସମାପ୍ତ କରିବା ସହ ପ୍ରାୟ ୪୬୦୭ କିମି ନୂଆ ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ଯୋଜନା ଆସନ୍ତା ୫ ବର୍ଷ(୨୦୨୬-୨୭ରୁ ୨୦୩୦-୩୧) ଯାଏଁ କାର୍ଯ୍ୟକାରିତା ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଥିବା ବେଳେ ଏଥିପାଇଁ ୪୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା- ଗ୍ରାମ୍ୟ ଉନ୍ନୟନ ଅଧିନସ୍ଥ ରାସ୍ତାଗୁଡ଼ିକର ଉନ୍ନତିକରଣ' ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପାଇଁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିବା ବେଳେ ଏଥିପାଇଁ ୫୭୫୦ କୋଟିର ବ୍ୟୟବରାଦ କରାଯାଇଛି। ଏହି ଅର୍ଥରେ ୧୭୫୦୦ କିଲୋମିଟର ନୂତନ ରାସ୍ତା ନିର୍ମାଣ ସହ ଚାଲୁରହିଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ସେହିପରି 'ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଏବଂ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟରାସ୍ତା ସହ ସଂଯୋଗୀକରଣ' ଯୋଜନା ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ମୋଟ୍ ୫ ବର୍ଷ ବୃଦ୍ଧି ପାଇଁ ୧୯୧୭ କୋଟିର ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର। ଏହି ଅର୍ଥରେ ୩୮୫୦ କିମି ନୂଆ ରାସ୍ତା ସହ ସେତୁ ନିର୍ମାଣ ଏବଂ ଚାଲୁ ରହିଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଦୁର୍ଗମ ତଥା ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ଅସଂଯୁକ୍ତ ଗ୍ରାମଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଏମଏମଏସୱାଇ-ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଅର୍ଥାତ୍ ୫ ବର୍ଷ ବୃଦ୍ଧି ପାଇଁ କ୍ୟାବିନେଟ ଅନୁମୋଦନ ଦେଇଥିବା ବେଳେ ଏଥିପାଇଁ ୧୩୦୦ କୋଟିର ବ୍ୟୟବରାଦକୁ ମଞ୍ଜୁରୀ ଦେଇଛନ୍ତି। ଏହି ଅବଧିରେ ମୋଟ ୧୧୫୦ କିମି ନୂଆ ସଡ଼କ ସହ ଚାଲୁ ରହିଥିବା ୯୪୯ କିମି ଦୈର୍ଘ୍ୟର ପ୍ରକଳ୍ପ ଏବଂ ଆବଶ୍ୟକୀୟ ପୋଲ ନିର୍ମାଣ ହେବ।

ଅପରପକ୍ଷେ କ୍ୟାବିନେଟରେ ଓଡ଼ିଶା କୃଷି ବିପଣନ ଆଇନ, ୧୯୫୬ ରଦ୍ଦ ଏବଂ ଏକ ନୂଆ କୃଷି ଓ ପଶୁ ସମ୍ପଦ ବିପଣନ ଆଇନ ପ୍ରଣୟନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ସେହିପରି 'ରାଜ୍ୟ କୃଷି ନୀତି ଅଧିନରେ ସବସିଡି' ଯୋଜନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ ଏହାକୁ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଆଉ ୫ ବର୍ଷ ବୃଦ୍ଧି ପାଇଁ ନିଷ୍ପତ୍ତି ସହ ୨୪୯୬.୪୦ କୋଟିର ବ୍ୟୟବରାଦକୁ ଅନୁମୋଦନ ଦେଇଛନ୍ତି। ବ୍ରିଜ-କମ-ୱେୟାର ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ବେଳେ ଏଥିପାଇଁ ୬୦୦ କୋଟିର ବ୍ୟୟବରାଦକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ୫୦୮ଟି ନୂଆ ପ୍ରକଳ୍ପ ସହ ୧୬୨ଟି ଅସମ୍ପୂର୍ଣ୍ଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଧିନରେ ପ୍ରସ୍ତାବିତ କ୍ଲଷ୍ଟର-୩୬ ମାଧ୍ୟମରେ ୩ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ତେଲ୍ ନଦୀ ଓ ଉନ୍ଧେର ନଦୀରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ମାଧ୍ୟମରେ ବଲାଙ୍ଗୀର ଜିଲ୍ଲାର ୪୩୩୦ ହେକ୍ଟର ଚାଷଜମିକୁ ଜଳସେଚନ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୨୧ କୋଟି ୮୦ ଲକ୍ଷ ୭୮୬୬୧ ଟଙ୍କା ଏବଂ ୧୫ ବର୍ଷ ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ୯ କୋଟି ୭୪ ଲକ୍ଷ ୪୬୨୯୩ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏତଦ୍ ବ୍ୟତୀତ ଓଡ଼ିଶା ମତ୍ସ୍ୟ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬କୁ ରାଜ୍ୟ ମନ୍ତ୍ରୀ ପରିଷଦ ଅନୁମୋଦନ ଦେଇଥିବା ବେଳେ ଓଡ଼ିଶା ରାଜ୍ୟ ଓ ଜିଲ୍ଲା କମିଶନ କ୍ଷିପ୍ରଲେଖକ(ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତାବଳୀ) ନିୟମାବଳୀ ୨୦୨୬କୁ ମଧ୍ୟ ଅନୁମୋଦନ ମିଳିଛି।

## ଲଘୁଚାପ ପ୍ରଭାବ...

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ଉତ୍ତର ଉପକୂଳ ଓଡ଼ିଶାରେ ଭୀଷଣ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ଭଦ୍ରକରେ ସର୍ବାଧିକ ୧୩୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାଲେଶ୍ୱରରେ ୧୧୮, ବାରିପଦାରେ ୧୦୭, ପାରାଦୀପରେ ୧୦୨, ଚାନ୍ଦବାଲିରେ ୧୦୦, କେନ୍ଦ୍ରାପଡ଼ାରେ ୭୨ ଓ ଯାଜପୁରରେ ୬୬ ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟାରେ ଭୁବନେଶ୍ୱରରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ମଧ୍ୟ ବର୍ଷା ହୋଇଛି। ବୁଧବାର ଜଗତସିଂହପୁର ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ଆକଳନ କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କେନ୍ଦୁଝର, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ ଆଦି ଜିଲ୍ଲାରେ ମଧ୍ୟ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ, ଆସନ୍ତା ୧୭ ତାରିଖ ଯାଏ ରାଜ୍ୟରେ ଲଗାଣ ବର୍ଷା ଜାରି ରହିପାରେ। ଓଡିଶା ଉପକୂଳରେ ମେଘୁଆ ପାଗ ଦେଖା ଦେବା ସହ ୪୫ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

## ବନ୍ଦ ହୋଇଗଲା...

ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ସଂସ୍ଥା ବା ବିଭାଗ ସହ ଆଲୋଚନା କରି ସହାୟତା ପ୍ରଦାନ କରିବା। ଏହାଫଳରେ ଗ୍ରାମବାସୀ ନିଜେ ସ୍ୱାବଲମ୍ବୀ ହେବା ସହ ଜଙ୍ଗଲ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ନିଜ ପେଟ ପୋଷିବା ପାଇଁ ଜଙ୍ଗଲ ଉପରେ ନିର୍ଭର ହେବା ଅପେକ୍ଷା ଅନ୍ୟ ଉପାୟରେ ନିଜ ଅର୍ଥନୀତିକୁ ସୁଦୃଢ କରିପାରିବେ।

ଏହି ଯୋଜନାର ଲାଭ ବଲାଙ୍ଗିର ଜିଲ୍ଲାରେ ଅଧିକ ଦେଖିବାକୁ ମିଳିଥିଲା। ଏହି ଯୋଜନା ଅଧୀନରେ ୨୯୦ ବନ ସୁରକ୍ଷା ସମିତି ଜଙ୍ଗଲ ସୁରକ୍ଷା କରିବାରେ ନିୟୋଜିତ ହୋଇଥିଲେ। ଏହା ସହ ଜିଲ୍ଲାର ଉକ୍ତ ଗାଁର ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ଯୋଜନାରେ କାର୍ଯ୍ୟରତ ଥିବା କର୍ମଚାରୀ ଓ ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ ଜଣେ ଆମ ଜଙ୍ଗଲ ଯୋଜନା ସଂଯୋଜକ, ଜଣେ ଡାଟା ଏଣ୍ଟ୍ରି ଅପରେଟର କାମ କରୁଥିବା ବେଳେ ଜିଲ୍ଲାର ୧୧ଟି ରେଞ୍ଜରେ ଜଣେ ଜଣେ ଏହି ଯୋଜନା କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର ନିୟୋଜିତ ହୋଇଥିଲେ। ସେହିପରି ଗାଁ ସ୍ତରରେ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥାକୁ ନିୟୋଜିତ କରାଯାଇଥିଲା। ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ସଂସ୍ଥା ୧୨ ଜଣ ଡେଭଲେମେଣ୍ଟ ଅଫିସର ଓ ୪ ଜଣ ଟିମ୍ ଲିଡରଙ୍କୁ ନିଯୁକ୍ତି ଦେଇଥିଲା। ତେବେ ଏହି ଯୋଜନା ୨୦୨୫ ମାର୍ଚ୍ଚ ୩୧ ତାରିଖରେ ବନ୍ଦ ହେବାକୁ ଥିଲା। ଗୋଟିଏ ବର୍ଷ ଏହାର ଅବଧି ବୃଦ୍ଧି କରାଯାଇଥିଲା। ପରେ ପୁଣି ୩ ମାସ କିଛି କର୍ମଚାରୀଙ୍କ ସମୟ ବୃଦ୍ଧି କରାଯାଇଥିଲା। ତାହା ଜୁନ ଶେଷରେ ସମାପ୍ତ ହୋଇଛି। ୧୦ ବର୍ଷ ଧରି ଜିଲ୍ଲାର ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଥିବା ଏହି କର୍ମଚାରୀମାନେ ଏବେ କ'ଣ କରିବେ ତାକୁ ନେଇ ପ୍ରଶ୍ନ। ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବାରୁ ଏବେ ଏମାନଙ୍କ ଭବିଷ୍ୟତ ଅନ୍ଧାର। ତେବେ ଏହି ଯୋଜନାରେ କାର୍ଯ୍ୟ କରୁଥିବା କର୍ମଚାରୀ ସଂଘ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀ ଓ ପିସିସିଏଫଙ୍କୁ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ନିୟୋଜିତ କରିବା କିମ୍ବା ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ତେବେ ଆଉ ଏକ କାର୍ଯ୍ୟକ୍ରମ ସରକାର ଆରମ୍ଭ କରିବେ ବୋଲି ଆଲୋଚନା ହେଉଛି। ତାହାର କୌଣସି ସ୍ପଷ୍ଟ ସୂଚନା ନ ଥିବାରୁ ଏହି କର୍ମଚାରୀମାନେ ଭବିଷ୍ୟତକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ନିକଟବର୍ତ୍ତି ଗ୍ରାମବାସୀଙ୍କୁ ସ୍ୱାବଲମ୍ବୀ କରିବାରେ ଏହି ଯୋଜନା ସହାୟକ ହୋଇଥିଲା। ଏବେ ଜିଲ୍ଲାରେ ସୁରକ୍ଷିତ ଜଙ୍ଗଲର ଭବିଷ୍ୟତକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

The SAIL Mediclaim Scheme (2026-27) has been renewed for a period of one year starting from 11th July, 2026 to 10th July, 2027 with M/s. New India Assurance Co. Ltd. The premium payable for renewal of membership for various age categories is as under:

| Member age-Group | Renewal Premium per Member payable by the member |
|---|---|
| Below 70 Yrs. | Rs. 9,609/- |
| Between 70 to 80 Yrs. | Rs. 6,428/- |
| 80 Yrs. & above | Rs. 100/- |

| Member age-Group | Gap Case Enrollment Premium per Member payable by the member |
|---|---|
| Below 70 Yrs. | Rs. 19,218/- |
| Between 70 to 80 Yrs. | Rs. 12,856/- |
| 80 Yrs. & above | Rs. 100/- |

In addition to renewals and fresh enrollments during the policy period 2026-27, the Gap Cases i.e. ex-employees who have failed to renew their membership or have never enrolled under SAIL Mediclaim Scheme after separation from SAIL and/or those ex-employees who were otherwise eligible in terms of the coverage criteria provided under the SAIL Mediclaim Scheme 2026-27, shall also be allowed for enrollment under the scheme for 2026-27 on payment of premium based on their age category as mentioned above.

Fresh enrolments for employees retiring during the policy period 2026-27 and their spouses shall be allowed for coverage under SAIL Mediclaim Scheme 2026-27 on payment of pro-rata premium.

Further, the facility of super Top Up has been there for willing employees / ex-employees on payment of full premium on the existing Terms and Conditions of enrollment in SAIL Mediclaim Scheme.

The details of the SAIL Mediclaim Scheme (2026-27) are available in Sampark Website (https://sampark.sailrsp.co.in) and also on the SAIL Website (https://www.sail.co.in) and SAIL Mediclaim Portal (http://sail.mdindia.com).

For gap case enrollment, eligible ex-employees have to fill up the physical available form on sampark website (https://sampark.sailrsp.co.in), pay the premium through DD, enclose necessary documents and get the forms signed & filled in and submit at HR- ER& C Section (Administrative Building) or at Public Health Office Complex, Sector- 5 within the last date i.e. 10-08-2026.

The application form for Gap cases can be downloaded from Sampark Website.

The last date for renewal under SAIL Mediclaim Scheme and also for GAP Case enrollment is 10-08-2026.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**
E-Procurement Notice
Bid Identification No. S.E (R&B)-MLK-07/2026-27
34001/477/2627

No.: 3901 Date: 06.07.2026

1. Name of the work : Civil Work & E.I work
2. Total No. of Works : 03 Nos.
3. Estimated cost : 24.14 to 42.71 lakhs
4. Period of completion : 03 (Three) – 6 (six) months
5. Date & time of availability of bid document in the portal : From 10.00 hrs. of 15.07.2026 To 17.00 hrs. of 23.07.2026
6. Last date / Time for receipt of bids in the Portal : 17.00 hours of 23.07.2026
7. Date of opening of Tender : 10.00 hours of 24.07.2026
8. Name and address of the Officer Inviting Bid : Superintending Engineer Malkangiri (R&B) Division

**Further details can be seen from the e-procurement portalhttps://tendersorissa.gov.in**

Superintending Engineer
Malkangiri (R&B) Division
OIPR-34001/34063/1/2627/0006

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**
**CORRIGENDUM** 10001/360/2627
Corrigendum No. Chemical/ 3935 /2026-27 Date: 14.07.2026

In pursuance to tender reference no. Chemical/2900/2026-27 dated 07.05.2026, sealed tenders in prescribed format are invited from registered Firms/ Suppliers/ Manufacturers/ authorized distributors for supply of Lab chemical reagent & consumables (the items for which only single party/no party has quoted rates) to the undersigned for the year 2026-27. Details regarding items with terms and condition may be downloaded from the district website www.sambalpur.odisha.gov.in. The tender document should reach to the office of the undersigned on or before 28.07.2026 up to 05.00 PM (On working days) through Speed Post/Registered Post/Courier Service only. The tender will be opened on 29.07.2026 at 11.30 AM in the office chamber of the undersigned. Those who have submitted tender documents vide above tender reference should not submit the technical bid again. They will submit only the financial bid. The undersigned reserves the right to reject any or all the tenders without assigning any reason thereof. All other terms and conditions prescribed earlier will remain same.

Sd/- Chief District Medical & Public Health Officer, Sambalpur
OIPR-10001/10049/1/26-27/0006

**OFFICE OF THE SUPERINTENDING ENGINEER RURAL WORKS DIVISION NO-I, GANJAM, BERHAMPUR**
E.Mail : eerw_gm1@yahoo.co.in
25001/735/2627
No. 4576 /RWD-I/BAM/ Dated: 13.07.2026
**1ST CORRIGENDUM TO TENDER CALL NOTICE**
**IDENTIFICATION NO. 11 / SERWDG-I / 2026-27 T.O. LETTER NO. 4093 DT. 18.06.2026**

The tender for the works as invited vide Tender Identification No. Online Tender / 11 / SERWDG-I / 2026-27 is hereby modified as follows due to unavoidable circumstances. The modification dates are as below.

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender/Bid |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-I, Ganjam, Berhampur | Online Tender / 11 / SE RWDG-I / 2026-27 | (09) Nine Nos. | 16.07.2026 at 11.00 A.M. | 28.07.2026 up to 6.00 P.M. | 27.07.2026 up to 3.00 P.M. | 29.07.2026 at 11.30 A.M. |

All other contents will remain unchanged.

(Er. Saroj Kumar Mishra)
Executive Engineer,
Rural Works Division No.-I,
Ganjam, Berhampur
OIPR-25001/25085/1/26-27/0020

Forest, Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION**
Email – dfo.jharsuguda@odisha.gov.in / Ph – 06645-450249
Address – BTM (Ekatali), Jharsuguda Unit No. 1, Dist. Jharsuguda
8001/205/2627

**Office Order No. 154 1F(Acct.) / Dated: 10.07.2026**
**SHORT TENDER CALL NOTICE FOR SUPPLY OF IRON GABION WITH FIBRE NET**

Sealed tenders are invited from eligible manufacturers, authorized dealers, suppliers, registered firms, and other eligible agencies having a valid MSME (Udyam) Registration Certificate for the supply of Iron Gabion with HDPE Fibre Net to be used as Tree Guards for plantation sites under Jharsuguda Forest Division. The Iron Gabion with Fibre Net shall be fabricated using 25 mm Flat Iron comprising three (03) vertical stands of 8 ft. length each and three (03) Flat Iron Ring Supports of 5 ft. circumference each (total 15 ft.). The gabion shall be fitted with HDPE Oblong Fibre Net of 1.80 m height and shall include fabrication, one coat of primer, two coats of synthetic enamel paint, and transportation to the selected site located approximately 40 km from the Divisional Office, complete in all respects as per the specifications and terms & conditions contained in the tender document. The tentative requirement is **approximately 500 (Five Hundred) Iron Gabions with HDPE Fibre Net,** calculated at the rate of **250 Nos. per RKM for an estimated 2 RKM plantation stretch.** However, the quantity indicated is tentative only and may **increase or decrease** depending upon the plantation target approved during the current financial year and the availability of funds. The successful bidder shall have no claim whatsoever on account of such variation in quantity. The sealed tenders shall reach the Office of the Divisional Forest Officer, Jharsuguda Forest Division, on or before 28.07.2026 up to 5:00 P.M. through Registered Post/Speed Post/Courier Service or may be dropped in the Sealed Tender Box kept in the Office of the Divisional Forest Officer, Jharsuguda Forest Division. The tenders will be opened on 29.07.2026 at 11:00 A.M. in the Office of the Divisional Forest Officer, Jharsuguda Forest Division. The standard bidding document containing detailed specifications, terms and conditions can be downloaded from https://jharsuguda.odisha.gov.in/ and https://odishaforest.in/ or obtained from the Office of the Divisional Forest Officer, Jharsuguda Forest Division, during office hours from 14.07.2026 to 28.07.2026. The undersigned reserves the right to accept or reject any or all tenders, wholly or partly, or to cancel the tender process at any stage without assigning any reason thereof.

Divisional Forest Officer
Jharsuguda Forest Division
OIPR-8001/8054/1/26-27/0004

**AFFIDAVIT**
I, asraf khan, aged about 57 years, S/o- Ibrahim Khan, At- Bhandaghar, Po- Rasulpur, Ps- Kakatpur, Dist-Puri, Pin-752119, Odisha, declared by this Affidavit No.835/2026 Dated.14.07.2026, That now onwards I shall be known as **ASHRAF KHAN** that for all future purposes.

**AFFIDAVIT**
I, Sheikh Sahil Ahmed Sakil, aged about 25 years, S/o- Sheikh Sakil Ahmed, resident of Vill/PO/PS- Brahmabarada, Dist- Jajpur, State- Odisha declared by this affidavit No. 9866, dtd- 09/07/2026 that now onwards I shall be known as **SKSAHIL AHMED SAKIL** for all future purposes.

**AFFIDAVIT**
By virtue of an affidavit (SL No. 184/26, dtd- 13.07.2026) sworn before The Executive Magistrate, Sinapali. I, Simanchal Ghibhele, S/o Chhinu Ghibhela, resident of Vill: Kaseipani, PO: Kusumjore, PS- Sinapali, Dist- Nuapada, Odisha declare that I have changed my minor daughter's name & date of birth from **Khirendri Ghibhela (DOB: 28.02.2009) to Khilendri Ghibhela (02.09.2009).** Henceforth, she shall be known as **Khilendri Ghibhela (02.09.2009)** for all purposes.

**AFFIDAVIT**
By the virtue of an affidavit sworn before the Notary public, Sunabeda, Odisha, Affidavit No.: 1241, Dated: 13.07.2026, I, Krupa Golari, S/o.: Dasharath Galari, resident of At: Bijapur, PO.: Semala, P.S.: Nandapur, Dist.: Koraput, Odisha, being the father and natural guardian of my minor son, hereby declare that the name of my son has been changed from **Rajan Gallari to Ranjan Golari.** Henceforth, he shall be known and called as **Ranjan Golari** for all purposes.
Sd/- Krupa Golari

**AFFIDAVIT**
By Virtue of an affidavit sworn before Notary Public, Phulbani, Dist- Kandhamal, on Dated: 14.07.2026. I, Smt. Kamalini Kanhar, wife of Sri Lingaraj Kanhar, resident of At-Kutiguda, P.O. Rabingia, P.S. Phiringia, Dist. Kandhamal, Odisha, have changed the name of my minor son from **Ayashman Kanhar to Ayushman Kanhar.** Henceforth, he shall be known and called by the name Ayushman Kanhar for all purposes.
Sd/- Kamalini Kanhar

**AFFIDAVIT**
By Virtue of an affidavit sworn before Notary Public, Sunabeda, Affidavit No. 1247, on Dated: 13.07.2026. I, Sri Suku Sisa, S/o Sri Adu Sisa, resident of At- Parajabadapada, P.O.- Parajabadapada, P.S.- Padwa, Dist.- Koraput, Odisha, have changed the name of my minor son from **Bijay Sisa to Bijay Kumar Sisa.** Henceforth, he shall be known as **Bijay Kumar Sisa** for all purposes.
Sd/- Suku Sisa

**AFFIDAVIT**
I, Rajiba Lochan Nayak, aged about 38 years, S/o- Sudhakar Nayak, resident of Srirampur, At - Kopal, Po- Tiran, Dist- Jagatsinghpur, PIN- 754138, Odisha declared by this affidavit No. 467, dtd- 10/07/2026 that now onwards I shall be known as **RAJIB LOCHAN NAYAK** for all future purposes.

**AFFIDAVIT**
By virtue of an affidavit on dtd- 02.07.2026 sworn before The Executive Magistrate, Angul. I, **Sidheswar Pani** (new name), S/o- Santanu Pani & Rina Pani, resident of Vill/PO: Nuahata, PS: Banarpal, Dist: Angul, Odisha, PIN- 759128 declare that I have changed my name from Jagdish Pani (old name) to **Sidheswar Pani** (new name). Henceforth, I shall be known as **Sidheswar Pani** (new name) for all purposes. I declare that **Jagdish Pani** and **Sidheshwar Pani** are same and one person.
**Sidheswar Pani**

ସକାଳ THE SAKALA



# ଶ୍ରାଦ୍ଧ ଦିବସରେ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

ତରଭା,୧୪।୭(ସମିସ)





ସୁବର୍ଣ୍ଣପୁରରେ ମଙ୍ଗଳବାର ଜିଲାସ୍ତରୀୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଉତ୍ସବ ପାଳିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲିନା ପ୍ରଧାନ ଯୋଗ ଦେଇ ସେବାରେ କେବେ ବି ପାତର ଅନ୍ତର ନ ଥାଏ। ସର୍ବଦା ପରସ୍ପରକୁ ସ୍ନେହ, ଶ୍ରଦ୍ଧା ଦେବା ଉଚିତ ବୋଲି କହିଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସେଭଳି ଜଣେ ବ୍ୟକ୍ତି ଯିଏ ସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ପରସ୍ପର ପ୍ରତି ସ୍ନେହ ଓ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ। ତେଣୁ ବର୍ତ୍ତମାନର ଯୁବସମାଜ ସେହି ମହାପୁରୁଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ସୋନପୁର କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ସୌରଭ ରଞ୍ଜନ ଖମାରୀ ଯୋଗ ଦେଇ ସ୍ୱାଧୀନତା ପୂର୍ବବର୍ଷର ଅସହଯୋଗ ଆନ୍ଦୋଳନରେ ଉତ୍କଳମଣିଙ୍କ ଭୂମିକା ଅବିସ୍ମରଣୀୟ ବୋଲି କହିଥିଲେ। ଏପରିକି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ତାଙ୍କୁ ଜାତୀୟ ଆନ୍ଦୋଳନରେ ଓଡ଼ିଶାର ପିତା ବୋଲି ବର୍ଣ୍ଣନା କରିଥିଲେ; କିନ୍ତୁ ସେଭଳି ଜଣେ ମହାପୁରୁଷଙ୍କୁ ଯେଉଁ ସମ୍ମାନ ମିଳିବା କଥା ତାହା ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳିପାରି ନାହିଁ ବୋଲି ସେ ମତ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ କହିଥିଲେ ଯେ, ସେବାର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ପଣ୍ଡିତ ଉତ୍କଳମଣି କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ। ସେ ଓଡ଼ିଆ ସାହିତ୍ୟ ଜଗତର ଜଣେ ଧ୍ରୁବତାରା ଥିଲେ। ତାଙ୍କର କାଳଜୟୀ କବିତା 'ବନ୍ଦୀର ଆତ୍ମକଥା', 'ଧର୍ମପଦ' ଓ 'ଅବକାଶ ଚିନ୍ତା' ଏବେ ବି ସମସ୍ତଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତେଣୁ ସେହି ମହାପୁରୁଷଙ୍କ ନୀତି ଓ ଆଦର୍ଶ ସହ ସେବା ମନୋଭାବ ନେଇ କାର୍ଯ୍ୟ କଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବପର ବୋଲି ସେ ମତ ପ୍ରକାଶ କରିଥିଲେ। ସ୍ୱାଧୀନ ମେହେର ଉପସ୍ଥିତ ଥିବାବେଳେ 'ରେଆର'ର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିଲେ। ଶେଷରେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ନାଟ୍ୟଶ୍ରୀ ଗଦାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ, ଶ୍ରୀବତ୍ସ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ରଘୁମଣୀ ଦେହେରୀ, ବୀମା ପରାମର୍ଶଦାତା ଆର୍ତ୍ତତ୍ରାଣ ହୋତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ସହାୟକ ମାନଭଞ୍ଜନ ପଟ୍ଟନାୟକ, ପ୍ରିୟଦର୍ଶିନୀ, ଅଶୋକମୋହନ ଜେନା, ଚମରା ବିଶି, ଭାଗୀରଥ ମହାଲିକ, ପୃଥୀରାଜ ଥନାପତି ପ୍ରମୁଖଙ୍କ ସହ ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, କବି, ଲେଖକ, ସାହିତ୍ୟିକ ଓ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ଏହି ଅବସରରେ ସୋନପୁର ଉପଜିଲ୍ଲାପାଳ ଡ. ରଥ ତାଙ୍କର କାର୍ଯ୍ୟାଳୟ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ଟିଓଏମଇ ସ୍କୁଲରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ଭୋଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷକ ରାମଚନ୍ଦ୍ର ମଲିକ ଓ ସିଦ୍ଧେଶ୍ୱର କର୍ଣ୍ଣ ଗୋପବନ୍ଧୁଙ୍କ ଜୀବନୀ ଓ ଶ୍ରାଦ୍ଧ ଦିବସ ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଗୋପବନ୍ଧୁଙ୍କ ମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାସୁମନ ଜଣାଇଥିଲେ।

**ଝାରସୁଗୁଡା:** ସ୍ଥାନୀୟ ଟାଉନ ହଲ୍ ପରିସରସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହ ମାଲ୍ୟାର୍ପଣ କରିଥିଲେ। ଝାରସୁଗୁଡା ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଭୁବନାନନ୍ଦ ବାଘ, ନିହାଲ ଭୋଇ ଆଲିଶ ପଟେଲ, ରାଜେଶ ସେଠ ଏବଂ ଝାରସୁଗୁଡା ପୌରପରିଷଦର କର୍ମଚାରୀ ଉପସ୍ଥିତ ରହି ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଭାରତୀୟ ଶିକ୍ଷଣ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ



ବଲାଙ୍ଗିର,୧୪।୭(ସମିସ): ସ୍ଥାନୀୟ ମାଲପଡ଼ାସ୍ଥିତ ଭାରତୀୟ ଶିକ୍ଷଣ ମଣ୍ଡଳକାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କସ୍ତୁରୀ ରଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଓଡିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ପ୍ରଫେସର ତରୁଣ ମିଶ୍ର ଭାରତୀୟ ଶିକ୍ଷାନୀତି- ୨୦୨୦ ଉପରେ ଆଲୋକପାତ କରିଥିଲେ। ଧର୍ମବ୍ରତ ରଥ, ପ୍ରଶନ୍ନ ମିଶ୍ର, ଗୋବିନ୍ଦ ମିଶ୍ର, ଦିବାକର ହୋତା, କବିତା ମିଶ୍ର, ରାଜଶ୍ରୀ ତ୍ରିପାଠି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ମନ୍ଦିରକୁ ବସ୍ତ୍ର ପ୍ରଦାନ



କଣ୍ଟାବାଞ୍ଜି,୧୪।୭(ସମିସ): ଆଉ ଦିନକ ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା। ଗାଁରୁ ସହର ଚଳଚଞ୍ଚଳ। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ମଧ ସମସ୍ତ ମନ୍ଦିରରେ ରଥଯାତ୍ରା ପାଇଁ ସଜବାଜ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ବଙ୍ଗୋମୁଣ୍ଡା, କସିଲ, ରାଣୀପୁର, ଝରିଆଲ, ସିନ୍ଧେକେଲା, ଚନ୍ଦୋତରା, ମାମିଆ, ଭୁସୁଲାଡ, ଦେଶଗାଁ, ତୁଲିଫୁଙ୍କା, ସାନମୁଲା, ଭାଲୁମୁଣ୍ଡା, ବେଲପଡା, ତେତେଲପଡ଼ା, ବେଡାପଡ଼ା, ବରକାନି, ବାଗବାହାଲ, ସର୍ଗୁଲ, ଜମୁଟଝୁଲା ଗାଁରେ ଥିବା ଜଗନ୍ନାଥ ମନ୍ଦିରରେ ବସ୍ତ୍ର ପ୍ରଦାନ କରିଛନ୍ତି। ଏଥିରେ ସାଂସଦ ପ୍ରତିନିଧି ଅନିଲ ନାଏକ, ଜିଲ୍ଲା ପରିଷଦ ଦାମ ସୁନା, ମଣ୍ଡଳ ସଭାପତି ପବିତ୍ର ପୋଡ଼, ନରେନ୍ଦ୍ର ରଣା, ନରସିଂହ ଥାନପତି, ଘନଶ୍ୟାମ ମନହୀରା, ଯୌବନ ବାଗ, ବଙ୍ଗୋମୁଣ୍ଡା ବ୍ଲକ୍ ବିଧାୟକ ପ୍ରତିନିଧି ବସନ୍ତ ମେହେର, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ହେମନ୍ତ ସାହୁ, ନୌରାଜ ରଣା, ଶିବ ଚଣ୍ଡି ପରମା ସାହୁ, ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ତମିଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ପାଟଣାଗଡ଼,୧୪।୭(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ତମିଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଭାବେ ରାଧେଶ୍ୟାମ ପଣ୍ଡା ନିର୍ବାଚିତ ହୋଇଛନ୍ତି। ପୂର୍ବତନ ପରିଚାଳନା କମିଟିର କାର୍ଯ୍ୟକାଳ ସମାପ୍ତ ହୋଇସାରିଥିଲା। ମଙ୍ଗଳବାର ନୂତନ ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ପଦ ପାଇଁ ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ତମିଆଁ ପଞ୍ଚାୟତ ସରପଞ୍ଚ ରାଧେଶ୍ୟାମ ପଣ୍ଡା ଓ ରୋହିତ ନାଏକଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା। ଉପସ୍ଥିତ ୧୪ ଜଣ ସଦସ୍ୟ ଭୋଟ ଦେଇଥିଲେ। ଶ୍ରୀ ପଣ୍ଡା ୯ଟି ଭୋଟ ପାଇ ବିଜୟୀ ହୋଇଥିଲେ। ଉପସଭାପତି ଭାବେ ବବିତା ରଣାଙ୍କୁ ଚୟନ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ସାହୁ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ମୁରିବାହାଲ ବ୍ଲକ୍‌ରେ ପ୍ରଶିକ୍ଷଣ ଶିବିର




ମୁରିବାହାଲ ,୧୪।୭(ସମିସ ):ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଯୋଜନାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ, ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଲା ମାଝି, ସ୍ଥାନୀୟ ବ୍ଲକ୍ ଅଧକ୍ଷ ହରିବନ୍ଧୁ ମେହେର, ଉପାଧକ୍ଷା ଯଜ୍ଞାସେନୀ ହାତୀ, ଗଙ୍ଗାଧର ହେର୍ଣ୍ଣା ଏବଂ ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଶିବିରରେ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀ, ପଞ୍ଚାୟତ ପ୍ରତିନିଧି, କ୍ଷେତ୍ର କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର କର୍ମଚାରୀ ଯୋଗ ଦେଇଥିଲେ।

## ଡୁଙ୍ଗୁରିପାଲିରେ ବରଗଡ଼ ସାଂସଦଙ୍କୁ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି, ୧୪।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ପିଜେପି ପକ୍ଷରୁ ଆଜି ବଲାଙ୍ଗୀରରୁ ବରପାଲି ଫେରୁଥିଲାବେଳେ ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କୁ ପିଜେପି କର୍ମକର୍ତ୍ତା ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ନିତେଇ ପାଲ, ପ୍ରବୀର ସାହୁ, ସୁରେଶ ପଧାନ, ଭରଦ୍ୱାଜ ଦୀପ, ଚନ୍ଦ୍ରକେତୁ ମହାଲିଙ୍ଗ, ଧିରେନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଚାଲାଣ ବେଳେ ୫ ଗିରଫ

ଡୁଙ୍ଗୁରିପାଲି,୧୪।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ପୁଲିସ ଗଞ୍ଜେଇ ଚାଲାଣ ବେଳେ ୫ ଜଣକୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାମପୁରର ଦେବର ମେହେର (୩୨), ସୁମିତ୍ ମେହେର (୨୦), ମଧ୍ୟପ୍ରଦେଶ ଜବଲପୁର ଜିଲ୍ଲାର ମନସିଂ ରାଠୋଡ (୩୮), କିଶୋ ସେନ, ଅଙ୍କୁଶ ରାଠୋଡ। ଏମାନଙ୍କ ପାଖରୁ ୬ କେଜି ଗଞ୍ଜେଇ ଓ ଏକ ବାଇକ୍ ଜବତ ହୋଇଥିବା ରାମପୁର ଥାନା ଅଧିକାରୀ ବିନୋଦିନୀ ବରିହା ସୂଚନା ଦେଇଛନ୍ତି।

## ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମୀକ୍ଷା ବୈଠକ

ଝାରସୁଗଡ଼ା,୧୪।୭(ସମିସ): ଝାରସୁଗଡ଼ା ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ସିଡିଏମଓ ଡାକ୍ତର ଶକ୍ତିପ୍ରସାଦ ପାଢ଼ୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଓ ସ୍ୱାସ୍ଥ୍ୟକର୍ମୀ, ଝାରସୁଗୁଡ଼ା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିଆରସିଂହ ଉପସ୍ଥିତ ଥିଲେ।

## ବିଏଲ୍‌ଓ-ସୁପରଭାଇଜରଙ୍କୁ ନେଇ ତାଲିମ

ତରଭା,୧୪।୭(ସମିସ): ସୋନପୁର ୬୫ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀରେ ୩୬ ଜଣ ନୂତନ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ଓ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଭୁକ୍ତ ଖସଡ଼ା ଭୋଟର ତାଲିକା ପ୍ରକାଶନର ପରବର୍ତ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋନପୁର ୬୫ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏବଂ ୭ ଜଣ ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଶିକ୍ଷଣରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ନୋଟିସ ପ୍ରସ୍ତୁତି, ମ୍ୟାପିଂ ହୋଇନଥିବା ଭୋଟରଙ୍କୁ ନୋଟିସ ପ୍ରଦାନ କରିବା ସହ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଉଛି। ଏଥିରେ ସଘନ ସଂଶୋଧନ ପରବର୍ତ୍ତୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ନିର୍ଦ୍ଦେଶାବଳୀ ଅନୁଯାୟୀ ତ୍ରୁଟିଶୂନ୍ୟ ତାଲିକା ପ୍ରସ୍ତୁତ, ଘରକୁ ଯାଇ ଯାଞ୍ଚ କରିବା ସହ ଆବଶ୍ୟକ ହେଲେ ନୋଟିସ ପ୍ରଦାନ କରିବା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଉଛି। ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ସୁପରଭାଇଜରମାନଙ୍କୁ କୌଣସି ଯୋଗ୍ୟ ଭୋଟର ବାଦ ନ ପଡ଼ନ୍ତୁ ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ତାଲିକାରେ ରହିବ ନାହିଁ ସେଥିପ୍ରତି ସତର୍କ ରହିବାକୁ ସୂଚନା ଦିଆଯାଉଛି। ସୋନପୁର ୬୫ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ୨,୫୩,୭୧୪ ଜଣ ଭୋଟରଙ୍କ ମଧ୍ୟରୁ ୯୭.୫ ପ୍ରତିଶତ ଭୋଟରଙ୍କ ମ୍ୟାପିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ଭୋଟରମାନଙ୍କୁ ନୋଟିସ ପ୍ରଦାନ କରାଯାଇଛି। ସେମାନଙ୍କ ସମ୍ବନ୍ଧୀୟ ଶୁଣାଣି ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏବଂ ୭ ଜଣ ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ଦ୍ୱାରା ୧୭ରୁ ଅଗଷ୍ଟ ୨୦ ମଧ୍ୟରେ କରାଯିବ। ଏହାପରେ ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ।

## ପତ୍ନୀଙ୍କ ମୋବାଇଲ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ମାମଲାର ନୂଆମୋଡ଼

ବଲାଙ୍ଗିର,୧୪।୭(ସମିସ): ବଲାଙ୍ଗୀର ଚିମନିଭାଟିପଡ଼ା ନିବାସୀ ପ୍ରଫୁଲ୍ଲ ମିଶ୍ରଙ୍କ ପୁଅ ସ୍ୱପ୍ନେଶ୍ୱର ମିଶ୍ର ମୃତ୍ୟୁ ଘଟଣା ନୂଆ ମୋଡ଼ ନେଇଛି। ସ୍ତ୍ରୀ ମୋବାଇଲରେ ମୁଣ୍ଡକୁ ପିଟିଦେବାରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ପ୍ରଥମେ ଅଭିଯୋଗ ଆସିଥିଲା। ତାଙ୍କ ଯକୃତ ଖରାପ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଏବେ ଡାକ୍ତର କହିଛନ୍ତି। ତାଙ୍କ ବାପା କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ କ୍ରୋନିକ୍ ଲିଭର ଫେଲୁଅର ବୋଲି ଜଣାପଡ଼ିଛି। ଡାକ୍ତର ପୁଣି କହିଛନ୍ତି, ମୃତକଙ୍କ ମୁଣ୍ଡରେ କୌଣସି ଆଘାତ ଲାଗି ନ ଥିଲା। ମୋବାଇଲରେ ମାଡ଼ କିମ୍ବା ମୁଣ୍ଡରେ ଆଘାତ ପାଇଁ ତାଙ୍କ ମୃତ୍ୟୁ ଘଟି ନ ଥିବାର ଡାକ୍ତର ସ୍ପଷ୍ଟ କରିଛନ୍ତି। ତେବେ ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।

## ୧୦ କାଉନସିଲରଙ୍କ ସମେତ ଦଳ ଛାଡ଼ିଲେ ପୌରାଧକ୍ଷା

ଇବଥର୍ମାଲ,୧୪।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରାଧକ୍ଷା ରୀନା ସୁନାଙ୍କ ସମେତ ୧୦ ଜଣ କାଉନସିଲର ବିଜେଡି ଛାଡିଛନ୍ତି। ଏହାସହ ଜିଲା ସାମାଜିକ ଗଣମାଧ୍ୟମ ସଂଯୋଜକ ତୌସିଫ ଆଲମ ଓ ପ୍ରାୟ ୨୦୦ ଜଣ ବିଜେଡି କର୍ମୀ ମଧ୍ୟ ଇସ୍ତଫା ଦେଇଛନ୍ତି। ଯୁଧିଷ୍ଠିର ମୁଖୀ, ଶକୁନ୍ତଳା ମହନ୍ତ, ସଞ୍ଜୟ ଯାଦବ, ସଞ୍ଜୀବ କିଶାନ, ଜ୍ୟୋତିର୍ମୟୀ ପଟ୍ଟନାୟକ, ଆଶା ତ୍ରିପାଠୀ, ଅର୍ଜିନା ବେଗମ, ନିକି କାଲୋ, କିରନ ମରେଇ ପ୍ରମୁଖ କାଉନସିଲର ବିଜୁ ଜନତା ଦଳ ଛାଡ଼ିଛନ୍ତି। ସେମାନେ ନିଜ ଇସ୍ତଫା ପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## କୋର୍‌ଗ୍ରୁପ ଓ ସରକାରୀ ଅଧିକାରୀଙ୍କ ବ୍ଲକ୍‌ସ୍ତରୀୟ ବୈଠକ




ତରଭା,୧୪।୭(ସମିସ): ତରଭା ବ୍ଲକ୍ ସଭାଗୃହରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ପଞ୍ଚାୟତସ୍ତରୀୟ କୋର୍ କମିଟି ସଦସ୍ୟ/ ସଦସ୍ୟା ଓ ସରକାରୀ ଅଧିକାରୀମାନଙ୍କ ସହ ବ୍ଲକ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ହଙ୍ଗର ପ୍ରୋଜେକ୍ଟର ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ତାଲିମ୍ ପ୍ରଶିକ୍ଷକ ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ବୈଠକ ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବରେ ତରଭା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ ଯୋଗଦେଇ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସାଲଗେ ଟୁଡୁ ଯୋଗଦେଇ ଗେଣ୍ଡୁ ଫୁଲ, ଗୋଲାପ ଫୁଲ ଚାଷ, ହଳଦୀ, ପିଆଜ ଛତୁ ଚାଷ ଆଦି ଉପରେ ଥିବା ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅରୁଣ ସାହୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବୀମା, ସବ୍‌ସିଡି ଏବଂ ବିଭିନ୍ନ ଯୋଜନା ଉପରେ ମତ ରଖିଥିଲେ। କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସାଗର ଚନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନା ଉପରେ ଥିବା ସରକାରୀ ସହାୟତା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସମିତ ମହାକୁର ଭି ବି ଜି ରାମଜୀ ଯୋଜନା ଉପରେ ମତ ରଖିଥିଲେ। ଓଡିଶା ଜୀବନଜୀବିକା ମିଶନର ବିପିଏମ ମନୋଜ ବାଘ ଆର୍ଥିକ ଓ ସାମାଜିକ ଅନ୍ତର୍ଭୁକ୍ତି କରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଶେଷରେ କ୍ଷେତ୍ରକର୍ମୀ ଧନୁର୍ଦ୍ଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମଗ୍ର ଶିକ୍ଷାର ବ୍ଲକ୍ ସାମାଜିକ ସୁରକ୍ଷା ଜନଶୁଣାଣି ଶିବିର




ତରଭା,୧୪।୭(ସମିସ): ତରଭା ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ସମଗ୍ର ଶିକ୍ଷାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ତରଭା ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡକ୍ଟର ମୁରଲୀଧର ବିଶ୍ୱାଳ, ତରଭା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ କୁଅଁର ଯୋଗଦେଇ ଶିବିର ପରିଚାଳନା କରିବା ସହ ମତବ୍ୟକ୍ତ କରିଥିଲେ। ଶିବିରରେ ୬୩ଟି ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ବିଦ୍ୟାଳୟଗୁଡ଼ିକରେ କରାଯାଇଥିବା ସାମାଜିକ ସମୀକ୍ଷାରେ ସମୀକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ଫଳାଫଳକୁ ଶୁଣାଣି କରାଯାଇ ତର୍ଜମା କରାଯାଇଥିଲା। ବିଦ୍ୟାଳୟର ଭିତ୍ତିଭୂମି ସହ ସାମଗ୍ରିକ ଦିଗରେ ସୁପରିଚାଳନା ଏବଂ ଅନୁଦାନ ଅର୍ଥ ରାଶିର ସ୍ୱଚ୍ଛ ଓ ଠିକ୍ ବିନିଯୋଗ ଦିଗରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଏବଂ କଟାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୋଷ୍ଠି ସାମାଜିକ ସମୀକ୍ଷକ ଗୋପକୃଷ୍ଣ ରାଉତ ସମେତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ହିସାବ ରକ୍ଷକ ସଂଜୀବ ସା, ସୁଧୀର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ

## ଟ୍ରକ୍ ପଛରେ ଧକ୍କା ହୋଇ ଦୁଇ ବାଇକ୍ ଚାଳକଙ୍କ ମୃତ୍ୟୁ

ବଲାଙ୍ଗିର,୧୪।୭(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ କରକଟିଆ ଛକସ୍ଥିତ ସ୍କୁଲ ନିକଟରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସନ୍ଧିବାହାଲ ଗାଁର ଦିଲୀପ ବେହେରା ଓ ରମେଶ ନାଏକ। ୩/୪ ଦିନ ଧରି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟ୍ରକ୍‌ଟି ରାସ୍ତା କଡ଼ରେ ଅଟକୀ ରହିଛି। ମଙ୍ଗଳବାର ରାତିରେ ଭରସୁଜା ଅଭିମୁଖେ ଯାଉଥିବା ଦିଲୀପ ଓ ରମେଶଙ୍କ ବାଇକ ଟ୍ରକ୍ ପଛରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ଦୀର୍ଘ ସମୟ ଧରି ଖରାପ ଟ୍ରକ୍‌ଟି ରାସ୍ତା କଡ଼ରେ ପଡ଼ି ରହିଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

## କଲରାକୋଠାରେ ଆମ ପୋଲିସ ସମିତି ବୈଠକ

ଶଗଡା,୧୪।୭(ସମିସ): ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ପୁଲିସ ପକ୍ଷରୁ ଖୁଣ୍ଟିଗୋରା ପଞ୍ଚାୟତ କଲରାକୋଠା ଗ୍ରାମରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ସହ ବେଆଇନ ଗଞ୍ଜେଇ ଚାଷ ନିରାକରଣ ଏବଂ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏସ୍‌ଆଇ ସୌମ୍ୟରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ, ସାର୍ବଜନୀନ ସୁରକ୍ଷା, ଦାୟିତ୍ୱବାନ ନାଗରିକତା ଏବଂ ନିଶାମୁକ୍ତ ଓ ଦୁର୍ଘଟଣାମୁକ୍ତ ସମାଜ ଗଠନ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ବହୁ ଜନସାଧାରଣ ଯୋଗ ଦେଇଥିଲେ।




# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

ଶଗଡା,୧୪।୭(ସମିସ): ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ନଂ ୫୭ର ମସିଣାପଡ଼ା ମେହେରୁଣି ପୋଲର ଉଭୟ ପାର୍ଶ୍ୱର ରାସ୍ତା ଅନେକ ବଡ ବଡ଼ ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାଜପଥ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ସହ ଲୋକେ ଯାତାୟତ କରିଥାନ୍ତି। ଜାତୀୟ ରାଜପଥ ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ମେହେରୁଣି ପୋଲର ଉଭୟ ପାର୍ଶ୍ୱର ରାସ୍ତା ଦବି ଯାଇ ପିଚୁ ଉଠି ଯିବା ସହ ଅନେକ ଛୋଟବଡ ଖାଲ ସୃଷ୍ଟି ହୋଇଛି। ଏହା ଫଳରେ ଦୈନିନ୍ଦିନ ଅନେକ ଛୋଟବଡ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଛି। ଖାଲଖମା ହେବା ଖବର ପ୍ରକାଶ ପରେ ବିଭାଗ ଏହାକୁ କାମ ଚଳା ଭାବେ ମରାମତି କରୁଛି; ହେଲେ ଏହି ମରାମତି ଅତି ନିମ୍ନମାନର ହେଉଥିବାରୁ ମାସେ ପରେ ପୁଣି ପିଚୁ ଉଠି ଯାଇ ବଡ ବଡ଼ ଗର୍ତ୍ତ ଦେଖା ଦେଉଛି। ବାରମ୍ବାର ଏଭଳି ନିମ୍ନମାନର ମରାମତି କରୁଥିବାରୁ ବିଭାଗର କାର୍ଯ୍ୟ ଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଦୈନନ୍ଦିନ ଅନେକ ପ୍ରଶାସନିକ ଅଧିକାରୀଙ୍କ ସହ ଅନେକ ଜନ ପ୍ରତିନିଧି, ନେତାମନ୍ତ୍ରୀ ମଧ ଯିବା ଆସିବା କରିଥାନ୍ତି; ହେଲେ ଏହି ଖାଲଖମା ଉପରେ ସତେ ଯେମିତି କାହାରି ନଜର ପଡେ ନାହିଁ। ଦୁର୍ଘଟଣା ରୋକିବା ସହ ମୃତ୍ୟୁହାର ନିୟନ୍ତ୍ରଣ କରିବା ପାଇଁ ସରକାର ଅନେକ ପ୍ରୟାସ ଜାରି ରଖିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି।



# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ଘେଁସ/ବିଜେପୁର, ୧୪।୭(ସମିସ): ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଗୋବର୍ଦ୍ଧନ ଭୁଏ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଘେଁସ ମହାବିଦ୍ୟାଳୟରେ ଛାତ୍ରୀ ନିବାସ ଏବଂ ଶ୍ରେଣୀ କୋଠରୀ ଉଦ୍‌ଘାଟନ କରାଯାଇଛି। ସେହିଭଳି ଘେଁସରେ ଗୋପବନ୍ଧୁ ସମବାୟ ସମିତିର କାର୍ଯ୍ୟାଳୟ ଓ ଗୋଦାମ ଗୃହ ଉଦ୍‌ଘାଟିତ ହୋଇଛି। କୁଚିପାଳି କାଳି ମନ୍ଦିରର ଭୋଗ ମଣ୍ଡପ, ବିର୍ଜାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ନବ ନିର୍ମିତ ଦ୍ୱିତଳ ବିଶିଷ୍ଟ ଶ୍ରେଣୀ ଗୃହ, ସାଲେପାଲି ଗ୍ରାମର କମୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଛି। ପ୍ୟାରିଲାଲ ବାରିକ, ବରିଷ୍ଠ ନେତା ଲୋକେଶ୍ୱର ସିଂହ ବରିହା, ଅମିତ ଜୈନ, ଶଙ୍କର ମେହେର, ରିତୁ ସାହୁ, କୃଷ୍ଣ ଭୋଇ, ଉଜ୍ଜ୍ୱଳ ସାହୁ, ସନ୍ତୋଷ ସାହୁ, ସନ୍ତୋଷ ପଟେ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



# ନୃସିଂହନାଥ ସୁରକ୍ଷା, ସଫେଇ କର୍ମୀଙ୍କୁ ୨ ମାସର ଦରମା ମିଳିନି

ପାଇକମାଳ, ୧୪।୭(ସମିସ)

ପ୍ରସିଦ୍ଧ ନୃସିଂହନାଥ ମନ୍ଦିରରେ କାର୍ଯ୍ୟରତ ସିକ୍ୟୁରିଟି ଓ ସଫେଇ କର୍ମଚାରୀ ୨ ମାସ ଧରି ଦରମା ପାଇ ନାହାନ୍ତି। ଏ ନେଇ ସେମାନେ ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ପରିତୋଷ ସର୍ଭିସ ଏଜେନ୍ସି ପକ୍ଷରୁ ନୃସିଂହନାଥ ମନ୍ଦିରରେ ସୁରକ୍ଷା କର୍ମୀ ଓ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ୬୪ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସେମାନେ ୨ ମାସ ହେଲା ଦରମା ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। କର୍ମଚାରୀମାନଙ୍କ କହିବା ଅନୁସାରେ, ନିୟମିତ ଭାବେ କାମ କରୁଥିଲେ ମଧ୍ୟ ଠିକ୍ ସମୟରେ ଦରମା ମିଳୁନି। ଏଣୁ ସେମାନଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି।



ଦୈନନ୍ଦିନ ଖର୍ଚ୍ଚ, ପିଲାମାନଙ୍କ ପାଠପଢ଼ା, ଚିକିତ୍ସା ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପୂରଣରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦରମା ବିଳମ୍ବ ଯୋଗୁଁ ଅନେକ କର୍ମଚାରୀ ଆର୍ଥିକ ସଙ୍କଟ ମଧ୍ୟରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି। ସମସ୍ତ କର୍ମଚାରୀ ଜନଶୁଣାଣିରେ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ତୁରନ୍ତ ୨ ମାସର ବକେୟା ଦରମା ପ୍ରଦାନ ସମୟ ଅନୁସାରେ ଦରମା ପ୍ରଦାନ ସୁନିଶ୍ଚିତ କରିବାକୁ ସେମାନେ ଦାବି ଜଣାଇଛନ୍ତି।

## ଦଧିବାମନଙ୍କ ନବଯୌବନ ବେଶ ଓ ନେତ୍ରୋତ୍ସବ



ଭଟଲି, ୧୪।୭(ସମିସ): ଆଉ ଦିନକ ପରେ ପ୍ରଭୁ ଶ୍ରୀ ଦଧିବାମନଙ୍କ ରଥଯାତ୍ରା। ଏଥିଲାଗି ଭଟଲି ଅଞ୍ଚଳ ଚଳଚଞ୍ଚଳ ହୋଇ ପଡ଼ିଛି। ମଙ୍ଗଳବାର ଦଧିବାମନ ନବଯୌବନ ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଠାକୁର ଭୋରରୁ ଦୈନିକ ପୂଜାନୀତି ସମାପନ ପରେ ଅଣସର ପିଣ୍ଡିରୁ ବାହାରିଥିଲେ। ଗୁରୁବାର ଦୈନିକ ପୂଜାନୀତି ସରିବା ପରେ ୧୧ଟାରେ ପହଣ୍ଡି ବିଜେ କରାଯିବ।

## ସବୁ ରଥ ଏକାଠି ହେବ

ବରଗଡ଼,୧୪।୭(ସମିସ): ଗାନ୍ଧୀଛକ-ଭଟଲି ଛକ-ଜୀରା ବ୍ରିଜ୍ ରାସ୍ତାର ପ୍ରଶସ୍ତୀକରଣ ପରେ ଲୋକେ ସ୍ୱତଃ ଏହାକୁ ବଡଦାଣ୍ଡ ନାମ ଦେଇଛନ୍ତି। ଏଠାରେ ୨୦୨୬ ଗଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏହାପରେ ଏହି ରାସ୍ତାର ପ୍ରସିଦ୍ଧି ବୃଦ୍ଧି ପାଇଥିଲା। ଏଥର ଏଠାରେ ପ୍ରଥମ ଥର ପାଇଁ ରଥଯାତ୍ରା ଅନୁଷ୍ଠିତ ହେବ। ବରଗଡ଼ର ବିଭିନ୍ନ ସ୍ଥାନରୁ ଏଥର ରଥଗୁଡ଼ିକ ଏଠାକୁ ଆସିବ। ଏବେ ବରଗଡ଼ ବଜାର, ଜର୍ଜ ହାଇସ୍କୁଲ୍ ରାସ୍ତାରେ ସ୍ଥାନାଭାବ ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଛୋଟ ଛୋଟ ଦୋକାନୀଙ୍କୁ ଯାତ୍ରା ସମୟରେ ସ୍ଥାନ ଖାଲି କରିବାକୁ ପଡୁଛି। ତେଣୁ ଶ୍ରଦ୍ଧାଳୁଙ୍କ ସୁଗମ ଦର୍ଶନ ତଥା ଲୋକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏବର୍ଷଠାରୁ ମହାତ୍ମା ଗାନ୍ଧୀ ଛକରୁ ବୀର ସୁରେନ୍ଦ୍ର ସାଏ ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ରଥଯାତ୍ରା ପାଳିତ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି।

## ବେଆଇନ କଫ୍‌ସିରପ କାରବାରରେ ୪ ଗିରଫ

ବରଗଡ଼, ୧୪।୭(ସମିସ): ବରଗଡ଼ ଟାଉନ ଥାନା ପୁଲିସ ବେଆଇନ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ୪ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶିପଡ଼ା ଅଞ୍ଚଳର ଅର୍ଜୁନ ନାୟକ (୨୫), ରେଳୱେ ଷ୍ଟେସନ ରୋଡ୍ ଅଞ୍ଚଳର ଚନ୍ଦନ ଚକ୍ରବର୍ତ୍ତୀ (୪୦), ନାଦିପଡ଼ା ଅଞ୍ଚଳର ସୁଶାନ୍ତ ନାଗ (୩୨) ଏବଂ ବଞ୍ଜିପଡ଼ା ଅଞ୍ଚଳର ବିଜୟ ନାଗ (୪୨)। ସମସ୍ତେ ବରଗଡ଼ ଟାଉନ ଥାନା ଅଞ୍ଚଳର ବାସିନ୍ଦା ବୋଲି ପୁଲିସ ସୂଚନା ଦେଇଛି। ଗଣପତି ହୋଟେଲ ପଛପଟରେ ଚଢ଼ଉ କରି ୭୨୦ ବୋତଲ କଫ୍ ସିରପ ଜବତ କରିଛି। ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର, ଏସ୍‌ଆଇ ଏ. କେ. ମହାଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ସେଠାରେ ବେଆଇନ ଭାବେ କଫ୍ ସିରପ ବିକ୍ରି ପାଇଁ ଏକତ୍ରିତ ହୋଇଥିବା ୪ ଜଣଙ୍କୁ କାବୁ କରାଯାଇଥିଲା। ଘଟଣାକୁ ନେଇ ବରଗଡ଼ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଏମାନଙ୍କ ପାଖରୁ ୫, ୧୦୦ ଟଙ୍କା, ଏକ ହୋଣ୍ଡା ଆକ୍ଟିଭା (ନଂ ଓଡି-୧୭ଏସି-୫୫୮୦), ଏକ ସୁଜୁକି ଆକ୍ସେସ୍-୧୨୫ (ନଂ ଓଡି-୧୭ଏଡି-୬୮୬୯) ଏବଂ ଦୁଇଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଉପସ୍ଥିତ ଥିଲେ।

## ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ପାଳିତ




ପାଇକମାଳ, ୧୪।୭(ସମିସ): ପାଇକମାଳ ପଞ୍ଚାୟତ ସମିତି ସଭାଗୃହରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ପାଇକମାଳ ବିଡିଓ ପ୍ରଫୁଲ୍ଲ ଓଡୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସୁରଥ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଦ୍ମପୁର ଏଡିଏମ୍ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ଅଧ୍ୟାପିକା ରଞ୍ଜିତା ମହାନ୍ତି, ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ଶୁଭମ ପତି, ସୁନୀଲ ଭୂଏ ଓ ମଧୁସ୍ମିତା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିକନ୍ଦ ବିଶ୍ୱାଳ, ରାଧେଶ୍ୟାମ ମେହେର, ବିଶିକେଶନ ଶତପଥୀ ଓ ଗିରୀଶ ଚନ୍ଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଧିରେନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କଲଙ୍ଗାପାଲି ନାରିଗି ଖୋଲ କଟା କାମରେ ଦୁର୍ନୀତି

ବରଗଡ଼, ୧୪। ୭(ସମିସ): ରାଜ୍ୟରେ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଗରିବ ଶ୍ରମିକଙ୍କୁ ନିଜ ଅଞ୍ଚଳରେ ୧୦୦ ଦିନର ରୋଜଗାର ଯୋଗାଇଦେବା ପାଇଁ ସରକାର ପ୍ରଣୟନ କରିଥିବା ଯୋଜନା ଏବେ ବରଗଡ଼ ଜିଲ୍ଲାରେ ବାଟବଣା ହୋଇଛି। କିଛି ଅସାଧୁ ସରକାରୀ କର୍ମଚାରୀ ଏବଂ ଜନପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ଜନକଲ୍ୟାଣକାରୀ ଯୋଜନା ଏବେ ମାଲେମାଲ ହେବାର ସହଜ ମାଧ୍ୟମ ସାଜିଛି। ସୋହେଲା ବ୍ଲକ ତବଡ଼ା ପଞ୍ଚାୟତର କଲଙ୍ଗାପାଲି ଗ୍ରାମରୁ ଏଭଳି ଏକ ସଙ୍ଗିନ ତଥା ଚାଞ୍ଚଲ୍ୟକର ଦୁର୍ନୀତିର ଅଭିଯୋଗ ଆସିଛି। କଲଙ୍ଗାପାଲି ଗ୍ରାମର ନାରିଗି ଖୋଲ କଟା ଉନ୍ନତିକରଣ ପାଇଁ ଆର୍ଥିକ ବର୍ଷ ୨୦୨୫-୨୬ରେ ୯ ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟବରାଦ ହୋଇଥିଲା; ହେଲେ ସେହି ପୁରୁଣା କଟାରେ ନାମକୁ ମାତ୍ର କାମ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସର୍ବାଧିକ ଅଢ଼େଇ ଲକ୍ଷ ଟଙ୍କାର କାମ ହୋଇଛି। ବାକି ସମସ୍ତ ଅର୍ଥ ଲୁଟ୍ କରାଯାଇଛି। ମନରେଗା ନିୟମ ଅନୁଯାୟୀ କେବଳ ଶ୍ରମିକମାନଙ୍କ ଦ୍ୱାରା ମାଟି କାମ ହେବା କଥା; ହେଲେ ଏଠାରେ ସରପଞ୍ଚ, ଇଓ ଏବଂ ଏଡିଇଓ ବାବୁମାନଙ୍କ



ମଧୁଚନ୍ଦ୍ରିକାରେ ରାତିଅଧିଆ ମେସିନ ଲଗାଇ କଟାରେ ମାଟି ଖୋଳା ଯାଇଛି। ଏ ସମ୍ପର୍କରେ ସରପଞ୍ଚଙ୍କ ପ୍ରତିନିଧି ଦୁଷ୍ମନ୍ତ ବୁଡ଼େକଙ୍କ ପ୍ରଥମେ ସେ ରୋକଠୋକ ମନା କରିଥିଲେ; ମାତ୍ର ପରବର୍ତ୍ତୀ ସମୟରେ ସେ ପଞ୍ଚାୟତ ଫଣ୍ଡରୁ ୧୫ ହଜାର ଟଙ୍କା ଦେଇ ମେସିନରେ କାମ କରାଇଥିବା ସ୍ୱୀକାର କରିଛନ୍ତି; ଯାହା ସନ୍ଦେହକୁ ଦ୍ୱିଗୁଣିତ କରୁଛି। ଭ୍ରଷ୍ଟାଚାରର ସୀମା ଏତିକିରେ ଶେଷ ହୋଇନି। ଗ୍ରାମର ଗାଁ ସାଥୀ ଜଣକ ଗାଁରେ ଥିବା ୬୦ ଓ ଅଧିକ ବର୍ଷ ବୟସ ବୃଦ୍ଧବୃଦ୍ଧା ତଥା ଅନ୍ୟ କେଇଜଣଙ୍କୁ କାମ ଜାଗାକୁ ଆଣି କେବଳ ଫଟୋ ଉଠାଇଛନ୍ତି। କୌଣସି କାମ ନ କରି ଘରେ ବସିଥିବା ଜବକାର୍ଡଧାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇ ପରବର୍ତ୍ତୀ ସମୟରେ ତାହାକୁ ଲୁଟ୍ କରାଯାଉଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଯେତେ ପରିମାଣରେ ମାଟି କାମ ହେବା କଥା ତାହା ଆଦୌ ହୋଇନାହିଁ। ଶ୍ରମିକଙ୍କ ହକ୍ ମାରି ମେସିନରେ କାମ କରାଯାଉଛି। ନକଲି ମାଷ୍ଟର ରୋଲ ପ୍ରସ୍ତୁତ କରି ସରକାରୀ ଅର୍ଥ ଆତ୍ମସାତ କରାଯାଉଛି। ଏନେଇ ପିଇଓ ସେବାନନ୍ଦ ଭେସ୍ରା ଓ ଏଡିଇଓ ଶ୍ରବଣ ନନ୍ଦ ପ୍ରତିକ୍ରିୟା ରଖିବାକୁ ମନା କରିଥିଲେ। କାମକୁ ନେଇ ଯେଉଁଠି ବି ଅଭିଯୋଗ ହେଲେ ତାଙ୍କର କିଛି ଅସୁବିଧା ହେବ ନାହିଁ ବୋଲି ଏଡିଇଓ କହିଥିଲେ। ଏହି ବ୍ୟାପକ ଦୁର୍ନୀତି ସମ୍ପର୍କରେ ଦୀର୍ଘ ଦିନରୁ ସୋହେଲା ବିଡିଓ କରିସ୍ମା ବେସ୍ରାଙ୍କୁ ମୌଖିକ ଭାବେ ଜଣାଯାଇଛି; କିନ୍ତୁ ଆଶ୍ଚର୍ଯ୍ୟର କଥା ଏତେ ବଡ଼ ଅଭିଯୋଗ ପରେ ମଧ୍ୟ ବିଡିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ମନରେଗା କାମ ହୋଇଥିବା ସ୍ଥଳ ପରିଦର୍ଶନ ନ କରି କାମ ହୋଇଥିବା କହି ଅଭିଯୋଗକୁ ଏଡ଼ାଇ ଦେଉଛନ୍ତି। ବିଡିଓଙ୍କ ଏଭଳି ନୀରବତା ଓ ଉଦାସୀନତା ଯୋଗୁଁ ଏବେ ତବଡ଼ା ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ପ୍ରଶାସନ ପ୍ରତି ତୀବ୍ର ଅସନ୍ତୋଷ ଓ ସନ୍ଦେହ ସୃଷ୍ଟି ହୋଇଛି। ତେବେ ମିଳିମିଶି ଗରିବଙ୍କ ପେଟକୁ ଲାତ ମାରି ଚାଲିଥିବା ଏହି ମନରେଗା ମହାଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ବରପାଲି ମହାବିଦ୍ୟାଳୟରେ ବନ ମହୋତ୍ସବ

ବରପାଲି, ୧୪।୭(ସମିସ): ବରପାଲି ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ବାଳକୃଷ୍ଣ ପଟେଲ ଏବଂ ନତାସା ସିକନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରାଧ୍ୟାପକ ସୁଶୀଲ ଶତପଥୀ, ଡ. ପାରେଶ୍ୱର ସାହୁ, ଡ. ନୀଲମ ଦେବତା, ସୀମା ଭୋଇ, ଅଞ୍ଜନା ଭୋଇ, ମୋନିକା ପ୍ରଧାନ ଏବଂ ରଞ୍ଜିତା ମେହେର ପ୍ରମୁଖ ଚାରାରୋପଣ କରିଥିଲେ।



**ଥୁଆପାଲି:** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଭୋଇପାଲି ଗ୍ରାମରେ ଅମର ଜ୍ୟୋତି କ୍ଲବ୍ ଓ ଲାୟନ୍ସ କ୍ଲବ ମିଳିତ ଆନୁକୂଲ୍ୟରେ ମଧ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରଗଡ଼ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ସିଂ, ମିନକେତନ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଶିଶିର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୨୭ ସ୍କୁଲର ଛାତ୍ରଛାତ୍ରୀ ସମ୍ମାନିତ

ବିଜେପୁର, ୧୪।୭(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୮ତମ ପ୍ରତିଷ୍ଠା ଦିବସ ଓ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଅବସରରେ ବିଜେପୁରରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପୁର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ମିଶ୍ର, ସମ୍ବଲପୁର ବିଭାଗ ସଂଯୋଜକ ସଙ୍କେତ ସାହୁ, ବରଗଡ଼ ଜିଲ୍ଲା ପ୍ରମୁଖ ରାମକୃଷ୍ଣ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ବିଜେପୁର ବ୍ଲକ ସଂଯୋଜକ ରାଜେଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଜେପୁର ଅଞ୍ଚଳର ୨୦୦ରୁ ଅଧିକ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ବିଜେପୁର ଅଞ୍ଚଳର ୨୦ଟି ଉଚ୍ଚ ବିଦ୍ୟାଳୟ ଏବଂ ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ସମ୍ମାନୀତ କରାଯାଇଥିଲା।



## ପ୍ରତିଷ୍ଠା ଦିବସ ନେଇ 'ସହଯୋଗ'ର ସାମ୍ବାଦିକ ସମ୍ମିଳନୀ




ପଦ୍ମପୁର, ୧୪।୭(ସମିସ): ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପରେ ସହଯୋଗ ଅନୁଷ୍ଠାନ ଏକ ସାମ୍ବାଦିକ ସମ୍ମିଳନୀରେ ୧୬ ତାରିଖ ପ୍ରତିଷ୍ଠା ଦିବସ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛି। ପ୍ରତିଷ୍ଠା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯିବ। ବିଧାୟିକା ବର୍ଷା ସିଂ ବରିହା, ଉପଜିଲ୍ଲାପାଳ ହେମସାଗର ଭୋଇ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର ଅତିଥି ଭାବେ ଯୋଗ ଦେବେ। ଅକାଶ ପଣ୍ଡା, ଅବିନାଶ ବହିଦାର, ଦୁର୍ଗାମାଧବ କରଡିଆ, ମୌସମ ପାଗଡ଼ା, କୋଷାଧକ୍ଷ ପ୍ରଭୁଦତ୍ତ ପଣ୍ଡା, ପ୍ରଦ୍ୟୁମ୍ନ ମେହେର, ରମାକାନ୍ତ ବହିଦାର, ଶିବାଶିଷ ପଟ୍ଟନାୟକ, ରାଜ୍ ସିଂ, ସୋମ ଷଡ଼ଙ୍ଗୀ, ତାପସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶକ୍ତିଶ୍ରୀ ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ

ପାଇକମାଳ, ୧୪।୭(ସମିସ): ମାଣ୍ଡୋସିଲ ଡିଗ୍ରୀ କଲେଜରେ ମହିଳା ସଶକ୍ତୀକରଣ ଓ ସାମାଜିକ ସଚେତନତାକୁ ନେଇ ଶକ୍ତିଶ୍ରୀ ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ, ସଚେତନ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁର ଅଞ୍ଚଳ କଲେଜର ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା ବୁନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଅଧିକାର, ଶିକ୍ଷାର ଗୁରୁତ୍ୱ ଏବଂ ସମାଜ ଗଠନରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ଓ ଆତ୍ମବିଶ୍ୱାସ ବୃଦ୍ଧିର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ସେହିପରି ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପିକା ପୁଷ୍ପାଞ୍ଜଳି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ଓ ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ଅଧ୍ୟାପକ ପୁଷ୍ପକାନ୍ତ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋହିତ ପ୍ରଧାନ, ଗୁରୁପ୍ରସାଦ ବଣ୍ଡା ଓ ଶଙ୍କର ଖୁମୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ବବିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




# ଜେଏନ୍‌ଭି ଅଧକ୍ଷଙ୍କୁ ଉପଜିଲ୍ଲାପାଳଙ୍କ ତାଗିଦ

ପାଇକମାଳ, ୧୪।୭ (ସମିସ)

ବରଗଡ଼ ଜିଲ୍ଲା ପାଇକମାଳସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସପ୍ତମ ଶ୍ରେଣୀର ଛାତ୍ରମାନଙ୍କୁ ଅଷ୍ଟମ ଶ୍ରେଣୀର କିଛି ଛାତ୍ର ମାଡ଼ ମାରିଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଉଦ୍‌ବେଗ ଦେଖାଦେଇଛି। ଘଟଣାର ତଦନ୍ତ ପାଇଁ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ମଙ୍ଗଳବାର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ଅଭିଭାବକମାନଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶୃଙ୍ଖଳା ରକ୍ଷା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ତାଗିଦ କରିଛନ୍ତି। ଗତ ଶନିବାର ରାତିରେ ହଷ୍ଟେଲରେ ରହୁଥିବା ଅଷ୍ଟମ ଶ୍ରେଣୀର କିଛି ଛାତ୍ର ସପ୍ତମ ଶ୍ରେଣୀର ଛାତ୍ରମାନଙ୍କୁ ରାତି ପ୍ରାୟ ୧୧ଟା ପରେ ଡାକି ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଆହୁରି ମାଡ଼ ମାରିବାକୁ ଧମକ ଦେଇଥିଲେ। ଭୟଭୀତ ହୋଇ ସପ୍ତମ ଶ୍ରେଣୀର ଛାତ୍ରମାନେ କାହାକୁ କିଛି ଜଣାଇ ନ ଥିଲେ। ରବିବାର ଅଭିଭାବକମାନେ ବିଦ୍ୟାଳୟକୁ ଆସିବା ପରେ ସମଗ୍ର ଘଟଣା ପଦାକୁ ଆସିଥିଲା। ନିଜ ସନ୍ତାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରାୟ ୪୦ ଜଣ ସପ୍ତମ ଶ୍ରେଣୀର ଛାତ୍ରଙ୍କୁ ଅଭିଭାବକମାନେ ଘରକୁ ନେଇଯାଇଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ସକ୍ରିୟ ହୋଇ ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ଉପଜିଲ୍ଲାପାଳ ହେମସାଗର ଭୋଇ ବିଦ୍ୟାଳୟରେ ପହଞ୍ଚି ଥିଲେ। ସେ ଅଭିଭାବକ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ବୈଠକ କରିଥିଲେ। ସେ ଅଭିଭାବକମାନଙ୍କୁ ଛାତ୍ରମାନଙ୍କୁ ପୁନର୍ବାର ହଷ୍ଟେଲକୁ ପଠାଇବା ପାଇଁ ଅନୁରୋଧ କରିଥଲେ। ଅଭିଭାବକମାନେ ଦୋଷୀ ଛାତ୍ରମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଦାବି କରିଥିଲେ। ବୈଠକରେ ଉପଜିଲ୍ଲାପାଳ ବିଦ୍ୟାଳୟ ଅଧକ୍ଷଙ୍କୁ ସ୍କୁଲ ଶୃଙ୍ଖଳା ଓ ହଷ୍ଟେଲ ପରିଚାଳନା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଘଟଣାରେ ସମ୍ପୃକ୍ତ ଅଷ୍ଟମ ଶ୍ରେଣୀର ଛାତ୍ରମାନଙ୍କୁ ସସପେଣ୍ଡ କରିବା ଏବଂ ଘଟଣାର ନେତୃତ୍ୱ ନେଇଥିବା ୪ ଜଣ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# କଳାକାର ସୁକଦେବ ନାୟକଙ୍କ ପରଲୋକ



ବରଗଡ଼, ୧୪। ୭(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଯମୁନାକୋଟ ଗ୍ରାମର ମୂଳନିବାସୀ ତଥା ସୁନାମଧନ୍ୟ ସଂକୀର୍ତ୍ତନ କଳାକାର ସୁକଦେବ ନାୟକ ଆଉ ନାହାନ୍ତି। ଗତ ଫେବୃୟାରୀ ମାସରୁ ସେ କର୍କଟ ରୋଗରେ ପୀଡିତ ହୋଇ ବରଗଡ଼ରେ ରହୁଥିବା ତାଙ୍କ ବଡପୁଅ ଉଦୟ ନାୟକଙ୍କ ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ ସାଂସଦ ପ୍ରଦୀପ ପୁରୋହିତ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ବରଗଡ଼ର ବରିଷ୍ଠ ସାମ୍ବାଦିକ ଅଶ୍ୱିନୀ ଦର୍ଜୀ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ହୋତା, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ଚଳଚ୍ଚିତ୍ର ଓ ନାଟ୍ୟ ନିର୍ଦ୍ଦେଶକ ମହେଶ ହାଜରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୁକଦେବ ନାୟକଙ୍କ ଶବାଧାରରେ ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ, ଓଡ଼ିଶା ଉଚ୍ଚନ୍ୟାୟାଳୟ ଅଧିବକ୍ତା ସୁଦାମ ଶତପଥୀ, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ, ଖଲିଆପାଲି ସରପଞ୍ଚ ସସ୍ମିତା ସୁନା, ଯମୁନାକୋଟ ସରପଞ୍ଚ ରଞ୍ଜନ ବାରିକଙ୍କ ସମେତ ବରଗଡ଼, ଚୌଦ୍ୱାର ଏବଂ ଭୁବନେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି। ସେ ପାଲା ଓ ଦାସକାଠିଆ କଳାକାର ଭାବେ ବେଶ୍ ପରିଚିତ ଥିଲେ। ସେ ବିଶିଷ୍ଟ ନାଟ୍ୟକାର, ସ୍ତମ୍ଭକାର ଏବଂ କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖକ ଡକ୍ଟର ଅରୁଣ ନାୟକଙ୍କ ବାପା। ତାଙ୍କ ପରିବାର ଯେତେବେଳେ ଅଭାବ ଅନାଟନରେ ଦିନ କାଟୁଥିଲା ସେତେବେଳେ ସେ ୧୯୮୨ ମସିହାରେ ତାଙ୍କ ପରିବାର ନେଇ ବରଗଡ଼ ଚାଲି ଆସିଥିଲେ। ବରଗଡ଼ର ବରଡୋଲସ୍ଥିତ ପିପିଲିପାଲି ଟିକ୍ରାପଡ଼ାରେ ଅବସ୍ଥାନ କରି ଦିନ ମଜୁରିଆ ଭାବେ କାମ କରିଥିଲେ। ପରେ ସିମେଣ୍ଟ ଫ୍ୟାକ୍ଟେରୀ କଲୋନୀରେ ବୁଲି ବୁଲି ପରିବା ବ୍ୟବସାୟ କରି ପରିବାର ଚଳାଇଥିଲେ।

# ରାଜ୍ୟର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଉଦ୍‌ଘାଟିତ





- କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସମ୍ବର୍ଦ୍ଧନା
- କେଏମସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଲୋଗୋ ଉନ୍ମୋଚିତ
- ଗୁରୁଡିଝାଟିଆରେ ୨୨ କୋଟି ଟଙ୍କାରେ ପ୍ରସ୍ତାବିତ ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୧୪।୭(ସମିସ): ରାଜ୍ୟର ସଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ଆଜି ଲୋକାର୍ପିତ ହୋଇଛି ବହୁ ପ୍ରତୀକ୍ଷିତ ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଏହି ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀର ଉଦଘାଟନ କରିଥିଲେ। ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପାଠାଗାର କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ବ୍ୟକ୍ତ କରିଥିଲେ ମନ୍ତ୍ରୀ ଡା. ମହାପାତ୍ର। କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଙ୍ଗ ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଙ୍ଗ ପ୍ରକାଶଚନ୍ଦ୍ର ସେଠୀ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ, କଟକ ମେୟର ସୁବାସ ସିଂହ, କମିସନର ସୁଶ୍ରୀ କାରଣଦୀପ କୌର ସହୋଟା ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଅବସରରେ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମର ଉଦଘାଟନ କରାଯାଇଛି। କଟକର ୩୫ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଟକ ମହାନଗର ନିଗମ (କେଏମସି)ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋର ମଧ୍ୟ ଉନ୍ମୋଚନ କରାଯାଇଛି। ପରେ ଗୁରୁଡିଝାଟିଆଠାରେ ୫ ଏକର ଜମିରେ ୨୨ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭର୍ଚୁଆଲ ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କେଏମସିର ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସହ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲକ୍ଷାଧିକ ପୁସ୍ତକ, ହଜାରେ ପାଠକଙ୍କ ପାଇଁ ସୁବିଧା

**୩ ଏକର ଜାଗାରେ ଅତ୍ୟାଧୁନିକ ସୁବିଧା**

ବାଦାମବାଡ଼ିଠାରେ ସ୍ଥାପିତ ଏହି ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ୧ ଲକ୍ଷରୁ ଅଧିକ ପୁସ୍ତକ ସହ ୧୦୦୦ରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଏହାସହିତ ପୁରା ଲାଇବ୍ରେରୀରେ ଇଣ୍ଟରନେଟ୍, ଫଟୋ କପି ପ୍ରଭୃତି ସୁବିଧା ରଖାଯାଇଛି। ବାଦାମବାଡ଼ି ଅଞ୍ଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର। ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଓ ଓ୍ୱେଲଫେୟାର କର୍ପୋରେସନ୍ ଲିମିଟେଡ ଏହାକୁ ନିର୍ମାଣ କରିଛି। ୩ ମହଲା ବିଶିଷ୍ଟ ଏହି କୋଠାରେ ୮୪ ସିଟ ବିଶିଷ୍ଟ ଅଡିଟୋରିୟମ, ଅଡିଓ-ଭିଡିଓ କନଫେରେନ୍ସ ରୁମ୍, ୭୨ଜଣ ବସିବା ଭଳି କ୍ୟାଫେଟେରିଆ ପ୍ରଭୃତି ବ୍ୟବସ୍ଥା କରାଯାଇଛି। ପାର୍କିଂ ପାଖରୁ ଦୁଇଟି ଲିଫ୍ଟ ସହିତ ସିସିଟିଭି ନିରୀକ୍ଷଣ, ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସୌର ଶକ୍ତି, ପର୍ଯ୍ୟାପ୍ତ ପାର୍କିଂ, ଆକର୍ଷଣୀୟ ସବୁଜ ପରିବେଶ ଓ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ମଧ୍ୟ ଏଥିରେ ଉପଲବ୍ଧ ରହିଛି। ପ୍ରକାଶଥାଉକି, ତତ୍କାଳୀନ ବିଜେଡି ସରକାର ସମୟରେ କଟକ ନେତାଜୀ ବସ ଟର୍ମିନାଲ ନିର୍ମାଣ ପାଇଁ ଖାନନଗରଠାରେ ଥିବା ଏହି ପାଠାଗାରକୁ ଉଚ୍ଛେଦ କରାଯିବା ସହ ବାଦାମବାଡ଼ିଠାରେ କରିବା ପାଇଁ ଯୋଜନା ହୋଇ କାର୍ଯ୍ୟ ଚାଲିଥିଲା।

## ଆନ୍ଧ୍ରରେ କୋଭିଡ଼ ଭୟ
# ସଚେତନ ରହିବାକୁ ସରକାରଙ୍କ ପରାମର୍ଶ



ଭୁବନେଶ୍ୱର,୧୪।୭(ସମିସ): ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରି ବିଭିନ୍ନ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି। ଜନସାଧାରଣଙ୍କୁ ଅନୁରୋଧ କରି କୌଣସି ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନହୋଇ ସଚେତନ ରହିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡି., ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆୟବହିର୍ଭୂତ ସମ୍ପତ୍ତି ମାମଲା
# ପୂର୍ବତନ ଜେଇଙ୍କୁ ୩ ବର୍ଷ କାରାଦଣ୍ଡ

ରାୟଗଡ଼,୧୪।୭(ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ରାୟଗଡ଼ ଜିଲ୍ଲା ଗୁଣୁପୁରସ୍ଥିତ ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଜେଇ) ଅଶୋକ କୁମାର ପାତ୍ରଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜୁଲାଇ ୧୪ ତାରିଖ ଦିନ ଏହି ମାମଲାର ଶୁଣାଣି ହୋଇଥିଲା। ଅଶୋକ କୁମାର ପାତ୍ରଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ୧୩(୧)(ଇ) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ପାତ୍ର ଗୁଣୁପୁର ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ପାତ୍ର ବର୍ତ୍ତମାନ ଅବସରପ୍ରାପ୍ତ ହୋଇଥିବାରୁ ତାଙ୍କ ପେନସନ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-GOODSSHED-KUR-575, ତାରିଖ: 08.07.2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମୌଳିକ ସୁବିଧାସୁଯୋଗ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାପଦଣ୍ଡ ଦ୍ୱାରା ସୁକିନ୍ଦା ରୋଡ୍, ଢେଙ୍କାନାଳ, କପିଳାସ ରୋଡ୍, କଟକ, ନିର୍ଗୁଣ୍ଡି, ଜଗନ୍ନାଥପୁର, ଧାନମଣ୍ଡଳ, ଟୋମ୍କା, ଗୋଲଡିହ, ପୋର୍ଜନ ପୁର ଏବଂ ନୟାନଡ଼ ସାମଗ୍ରୀ ଭଣ୍ଡାରର ଉନ୍ନତିକରଣ।

**ଟେଣ୍ଡର ମୂଲ୍ୟ :** ₹4,91,98,115.72, EMD: ₹9,84,000.00.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 30.07.2026, 11.00 ଘଟିକାରେ।

ବିଡ୍ ଆରମ୍ଭ ହେବା ତାରିଖ : 16.07.2026

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ଅବଲୋକନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଓ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ

PR-298/R/26-27

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାର୍ଗଦର୍ଶିକା ଉନ୍ମୋଚିତ

# ୧୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିବ ଆବେଦନ ପ୍ରକ୍ରିୟା

**୨୦୧୬ରୁ ଏଯାଏ ୪୫-୫-୫-୫ ବରିଷ୍ଠ ନାଗରିକ ଉପକୃତ**

ଭୁବନେଶ୍ୱର,୧୪।୭(ସମିସ): ଆଜି ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାର୍ଗଦର୍ଶିକା ଉନ୍ମୋଚନ ହୋଇଛି। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନେ ଯେପରି ସମ୍ମାନ, ସୁରକ୍ଷା ଏବଂ ସରକାରୀ ସହାୟତା ସହିତ ଦେଶର ବିଭିନ୍ନ ପବିତ୍ର ଧାର୍ମିକ ସ୍ଥଳୀ ଭ୍ରମଣ କରିପାରିବେ, ତାହା ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୧୪ ତାରିଖ ଯାଏ ଆବେଦନ ପ୍ରକ୍ରିୟା ଖୋଲା ରହିବ। ଯୋଗ୍ୟ ବରିଷ୍ଠ ନାଗରିକମାନେ ୱେବସାଇଟ୍ ମାଧ୍ୟମରେ ଅନଲାଇନ୍‌ରେ କିମ୍ବା ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଧାରିତ ଅଫଲାଇନ୍ ଆବେଦନ ପତ୍ର ଦାଖଲ କରିପାରିବେ। ଏହି ମାର୍ଗଦର୍ଶିକାରେ ଯୋଜନାର ଯୋଗ୍ୟତା ମାପଦଣ୍ଡ, ଆବେଦନ ପ୍ରକ୍ରିୟା, ଚୟନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିବା ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲଓ୍ୱନ୍ତ ସିଂ,ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଇଆରସିଟିସି ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଅନୁଜ ଦତ୍ତଙ୍କ ସମେତ ଆଇଆରସିଟିସି ଏବଂ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ୨୦୧୬ରେ ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୪୫,୫୫୫ ରୁ ଊର୍ଦ୍ଧ୍ୱର୍ ବରିଷ୍ଠ ନାଗରିକ ଭାରତର ବିଭିନ୍ନ ପ୍ରସିଦ୍ଧ ତୀର୍ଥସ୍ଥଳୀ ଦର୍ଶନ କରିସାରିଛନ୍ତି।

## ପାହାଡ଼ରୁ କ୍ଷତବିକ୍ଷତ ଅବସ୍ଥାରେ ଉଲଗ୍ନ ମହିଳା ଉଦ୍ଧାର

ପାରଳାଖେମୁଣ୍ଡି, ୧୪।୭ (ସମିସ) : ଗଜପତିରେ ଚାଞ୍ଚଲ୍ୟ। ପାହାଡ଼ରୁ ଉଲଗ୍ନ ଓ କ୍ଷତବିକ୍ଷତ ଅବସ୍ଥାରେ ମହିଳା ଉଦ୍ଧାର। ମହିଳା ଜଣକ ଅଡବା ଥାନା ଅଞ୍ଚଳର ହୋଇଥିବା ବେଳେ ରା ଉଦୟଗିରିର ରାହୁଲ ନାମକ ଜଣେ ଯୁବକ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ଅନ୍ତରଡା ନିକଟସ୍ଥ ଜଙ୍ଗଲରେ ନିଛାଟିଆ ଜଙ୍ଗଲକୁ ନେଇ ବଳତ୍କାର ଉଦ୍ୟମ ପରେ ଛୁରାରେ ଆକ୍ରମଣ କରି ପଥର ଛେଚି ହତ୍ୟା ଉଦ୍ୟମ କରିଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ପରେ ପ୍ରଥମେ ଖଜୁରିପଦାରେ ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ଚିକିତ୍ସା ଜାରି ରହିଛି। ଏନେଇ ରା ଉଦୟଗିରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୩ ସାକ୍ଷୀରେ ଅଟକିଛି ଗୋପାଳପୁର ଗଣଦୁଷ୍କର୍ମ ମାମଲା

- ୫୭୪ପୃଷ୍ଠାର ଚାର୍ଜସିଟ୍, ପୁଲିସ ତ୍ରୁଟି ଯୋଗୁଁ ଘୁଞ୍ଚିଲା ସାକ୍ଷ୍ୟଗ୍ରହଣ
- ରେଡ୍ ଫ୍ଲାଗରେ ସାମିଲ ମାମଲାର ପୀଡ଼ିତାଙ୍କୁ କେବେ ମିଳିବ ନ୍ୟାୟ?

ବ୍ରହ୍ମପୁର,୧୪।୭(ସମିସ): ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ ମାମଲାର ବିଚାର ପ୍ରକ୍ରିୟା ଆଶାନୁରୂପ ଭାବେ ଅଗ୍ରଗତି କରିପାରି ନାହିଁ। ପୁଲିସର ତତ୍ପରତା, କ୍ରାଇମବ୍ରାଞ୍ଚ ତଦନ୍ତ ଓ ଶୀଘ୍ର ବିଚାରର ପ୍ରତିଶ୍ରୁତି ସତ୍ତ୍ୱେ ବର୍ଷକ ମଧ୍ୟରେ ଏପର୍ଯ୍ୟନ୍ତ ଅଦାଲତରେ ମାତ୍ର ୩ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ହୋଇପାରିଛି। ଏପରିକି ପୁଲିସର ଗୋଟିଏ ତ୍ରୁଟି ଯୋଗୁଁ ଚତୁର୍ଥ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ମଧ୍ୟ ସ୍ଥଗିତ ରହିଥିବା ଜଣାପଡିଛି।

୨୦୨୫ ଜୁନ୍ ୧୫ତାରିଖ ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିରେ ପୁରୁଷ ବନ୍ଧୁଙ୍କ ସହ ବୁଲୁଥିବା ଜଣେ ଯୁବତୀଙ୍କୁ ୫ଜଣ ଗଣଦୁଷ୍କର୍ମ କରିଥିବାବେଳେ ଅନ୍ୟ ୫ଜଣ ନାବାଳକ ସେଥିରେ ସହଯୋଗ କରିଥିଲେ। ଘଟଣା ପରେ ରାତାରାତି ପୁଲିସ ସମସ୍ତ ୧୦ଜଣଙ୍କୁ ଗିରଫ କରିଥିଲା। ପରଦିନ ମାମଲା ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ ଜେଲ୍ ପଠାଯାଇଥିଲା। ଜୁନ୍ ୧୭ରେ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ହୋଇଥିଲା ଏବଂ ଏହାକୁ 'ରେଡ୍ ଫ୍ଲାଗ୍' ମାମଲା ଭାବେ ପରିଗଣିତ କରାଯାଇଥିଲା। ପରେ ଜାତୀୟ ମାନବାଧିକାର କମିସନ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ମାମଲାକୁ ଗ୍ରହଣ କରିଥିଲେ। କ୍ରାଇମବ୍ରାଞ୍ଚ ୫୭୪ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିବା ପରେ ମଧ୍ୟ ମାମଲାର ବିଚାରଣା ଆଶାନୁରୂପ ଆଗେଇ ପାରିନଥିବା ଜଣାପଡିଛି। ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ)ଙ୍କ ଅଦାଲତରେ ୨୦୨୫ଡିସେମ୍ବର ୧୯ତାରିଖରୁ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଥିଲା। ତେବେ ଆଜି ସୁଦ୍ଧା କେବଳ ଗୋପାଳପୁର ଲାଇଟ୍ ହାଉସର ତତ୍କାଳୀନ ଅଧିକାରୀ ଓ ଦୁଇଜଣ ହାବିଲଦାରଙ୍କ ସାକ୍ଷ୍ୟ ରେକର୍ଡ ହୋଇପାରିଛି। ମାମଲାରେ ଅନେକ ସାକ୍ଷୀ ଥିବାବେଳେ ବିଚାର ପ୍ରକ୍ରିୟାର ଏଭଳି ମନ୍ଥର ଗତିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଜୁନ୍ ୩ତାରିଖରେ ଏମ୍‌କେସିଜି ମେଡିକାଲ କଲେଜର ଫରେନ୍ସିକ୍ ବିଭାଗ ମୁଖ୍ୟ ଡା. ସୁଦୀପା ଦାସଙ୍କ ସାକ୍ଷ୍ୟଗ୍ରହଣ ହେବାର ଥିଲା। କିନ୍ତୁ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ନଥିରେ ତ୍ରୁଟି ରହିଥିବା ଜଣାପଡ଼ିଥିଲା। ଅଦାଲତରେ ଥିବା ନକଲରେ ସାବାଳକ ଅଭିଯୁକ୍ତଙ୍କ କେସ୍ ମେମୋ ଥିବାବେଳେ ପକ୍ଷଭୁକ୍ତ ଆଇନଜୀବୀଙ୍କୁ ମିଳିଥିବା ନକଲରେ ନାବାଳକଙ୍କ କେସ୍ ମେମୋ ସଂଯୁକ୍ତ ଥିଲା। ଏହି ବିଭ୍ରାଟ ଯୋଗୁଁ ସାକ୍ଷ୍ୟଗ୍ରହଣ ହୋଇପାରିନଥିଲା ଏବଂ ମାମଲାର ଶୁଣାଣି ପୁଣି ଘୁଞ୍ଚିଯାଇଥିଲା। ନ୍ୟାୟରେ ବିଳମ୍ବକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଦ୍ରୁତ ବିଚାରର ପ୍ରତିଶ୍ରୁତି ସତ୍ତ୍ୱେ ବର୍ଷକ ମଧ୍ୟରେ ମାତ୍ର ୩ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପୀଡ଼ିତାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଏବଂ ଏଭଳି ସମ୍ବେଦନଶୀଳ ମାମଲାର ଦୈନିକ ଶୁଣାଣି କରି ବିଚାର ଶେଷ କରିବାକୁ ଆଇନଜୀବୀ ଓ ସାଧାରଣରେ ଦାବି ଜୋର ଧରିଛି।

# ଶିମିଳିପାଳରୁ ୩ ଶିକାରୀ ଗିରଫ ; ୪ ବନ୍ଧୁକ ଓ ହରିଣ ଶିଙ୍ଗ ଜବତ

ବାରିପଦା, ୧୪।୭(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟ ମଧ୍ୟରେ ସ୍ଥାପିତ ଏଆଇ (କୃତ୍ରିମ ବୁଦ୍ଧିମତା) କ୍ୟାମେରାରେ ଶିକାରୀଙ୍କ ଗତିବିଧି ଧରାପଡ଼ିବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡର ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ଉ କରି ୩ ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏସିଏଫ୍‌ଙ୍କ ନେତୃତ୍ୱରେ ଜଣେ ଅଭିଯୁକ୍ତଙ୍କ ଘରେ ତଲାସି ବେଳେ ଏକ ପୁରୁଣା ଚିତ୍ରା ହରିଣର ଶିଙ୍ଗ ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ-୧୯୭୨ ଅନୁଯାୟୀ ମାମଲା ରୁଜୁ କରାଯାଇ ବାରିପଦା ମୁଖ୍ୟ ବିଚାରିକ ଦଣ୍ଡାଧିକାରୀ (ସିଜେଏମ୍)ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି। ଘଟଣାରେ ସମ୍ପୃକ୍ତ ଆଉଜଣେ ଶିକାରୀଙ୍କୁ ଗିରଫ କରିବା ପାଇଁ ଚଢ଼ଉ ଜାରି ରହିଛି। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ ଅସ୍ତ୍ର ଆଇନ ଅନୁଯାୟୀ ସମ୍ପୃକ୍ତ ଥାନାରେ ପୃଥକ ମାମଲା ମଧ୍ୟ ରୁଜୁ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ମହାଦେବ ସିଂହ (୨୪), ସୁନାରାମ ସିଂହ (୪୦) ଓ ଗୋରା ସିଂହ (୪୪) ବୋଲି ଜଣାପଡ଼ିଛି। ସମସ୍ତେ ମୟୂରଭଞ୍ଜ ଜିଲ୍ଲା କୁଳିଆଣା ଥାନା ଅଧୀନ ବାଲିଡିହା ପଞ୍ଚାୟତ ଅଞ୍ଚଳର ବାସିନ୍ଦା ବୋଲି କ୍ଷେତ୍ର ଉପନିର୍ଦ୍ଦେଶକ ସୁମିତ କର କହିଛନ୍ତି।






**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 15.07.26 | 2200 | 16.07.26 | 0345 |
| 08407 | ଭଦ୍ରକ-ପୁରୀ | 15.07.26 | 2130 | 16.07.26 | 0355 |
| 08421 | ଅନୁଗୁଳ-ପୁରୀ | 16.07.26 | 0500 | 16.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 16.07.26 | 0230 | 16.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 16.07.26 | 0500 | 16.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 16.07.26 | 0800 | 16.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ୍-ପୁରୀ | 16.07.26 | 0630 | 16.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 16.07.26 | 0700 | 16.07.26 | 1230 |
| 08437 | ପଲାସା-ପୁରୀ | 15.07.26 | 2100 | 16.07.26 | 0200 |
| 08557 | ଗୁଣୁପୁର-ପୁରୀ | 15.07.26 | 1830 | 16.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 15.07.26 | 1230 | 15.07.26 | 2130 |
| 08553 | ଜଗଦଲପୁର-ପୁରୀ | 15.07.26 | 0600 | 16.07.26 | 0140 |
| 08555 | ରାୟଗଡ଼ା-ପୁରୀ | 15.07.26 | 1430 | 16.07.26 | 0400 |
| 08559 | ସମ୍ବଲପୁର-ପୁରୀ | 15.07.26 | 2200 | 16.07.26 | 0615 |
| 08336 | ଜୁନାଗଡ଼ ରୋଡ୍-ପୁରୀ | 15.07.26 | 2050 | 16.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 15.07.26 | 1000 | 15.07.26 | 2100 |
| 08565 | ଶାଲିମାର-ପୁରୀ | 15.07.26 | 1800 | 16.07.26 | 0600 |
| 08331 | ରାଉରକେଲା-ପୁରୀ | 15.07.26 | 1940 | 16.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 15.07.26 | 0900 | 15.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 15.07.26 | 1430 | 16.07.26 | 0300 |
| 08567 | ବଡ଼ବିଲ-ପୁରୀ | 15.07.26 | 0735 | 15.07.26 | 1730 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 16.07.26 | 1505 | 16.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ୍ | 16.07.26 | 1815 | 17.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 16.07.26 | 2100 | 17.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 16.07.26 | 2115 | 17.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 16.07.26 | 2130 | 17.07.26 | 0315 |
| 08444 | ପୁରୀ-ତାଳଚେର | 17.07.26 | 0005 | 17.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 17.07.26 | 0100 | 17.07.26 | 0430 |
| 08422 | ପୁରୀ-ଅନୁଗୁଳ | 17.07.26 | 0215 | 17.07.26 | 0745 |
| 08438 | ପୁରୀ-ପଲାସା | 17.07.26 | 0400 | 17.07.26 | 0915 |
| 08558 | ପୁରୀ-ଗୁଣୁପୁର | 17.07.26 | 0245 | 17.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 17.07.26 | 0230 | 17.07.26 | 1105 |
| 08554 | ପୁରୀ-ଜଗଦଲପୁର | 16.07.26 | 1915 | 17.07.26 | 1315 |
| 08556 | ପୁରୀ-ରାୟଗଡ଼ା | 17.07.26 | 0130 | 17.07.26 | 1430 |
| 08560 | ପୁରୀ-ସମ୍ବଲପୁର | 17.07.26 | 0330 | 17.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ୍ | 17.07.26 | 0700 | 17.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 16.07.26 | 2030 | 17.07.26 | 0640 |
| 08566 | ପୁରୀ-ଶାଲିମାର | 17.07.26 | 0030 | 17.07.26 | 1330 |
| 08332 | ପୁରୀ-ରାଉରକେଲା | 17.07.26 | 0300 | 17.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 17.07.26 | 0045 | 17.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 17.07.26 | 0115 | 17.07.26 | 1330 |
| 08568 | ପୁରୀ-ବଡ଼ବିଲ | 16.07.26 | 1945 | 17.07.26 | 0700 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 23.07.26 | 2200 | 24.07.26 | 0345 |
| 08407 | ଭଦ୍ରକ-ପୁରୀ | 23.07.26 | 2130 | 24.07.26 | 0355 |
| 08421 | ଅନୁଗୁଳ-ପୁରୀ | 24.07.26 | 0500 | 24.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 24.07.26 | 0230 | 24.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 24.07.26 | 0500 | 24.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 24.07.26 | 0800 | 24.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ୍-ପୁରୀ | 24.07.26 | 0630 | 24.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 24.07.26 | 0700 | 24.07.26 | 1230 |
| 08437 | ପଲାସା-ପୁରୀ | 23.07.26 | 2100 | 24.07.26 | 0200 |
| 08557 | ଗୁଣୁପୁର-ପୁରୀ | 23.07.26 | 1830 | 24.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 23.07.26 | 1230 | 23.07.26 | 2130 |
| 08553 | ଜଗଦଲପୁର-ପୁରୀ | 23.07.26 | 0600 | 24.07.26 | 0140 |
| 08555 | ରାୟଗଡ଼ା-ପୁରୀ | 23.07.26 | 1430 | 24.07.26 | 0400 |
| 08559 | ସମ୍ବଲପୁର-ପୁରୀ | 23.07.26 | 2200 | 24.07.26 | 0615 |
| 08336 | ଜୁନାଗଡ଼ ରୋଡ୍-ପୁରୀ | 23.07.26 | 2050 | 24.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 23.07.26 | 1000 | 23.07.26 | 2100 |
| 08565 | ଶାଲିମାର-ପୁରୀ | 23.07.26 | 1800 | 24.07.26 | 0600 |
| 08331 | ରାଉରକେଲା-ପୁରୀ | 23.07.26 | 1940 | 24.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 23.07.26 | 0900 | 23.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 23.07.26 | 1430 | 24.07.26 | 0300 |
| 08567 | ବଡ଼ବିଲ-ପୁରୀ | 23.07.26 | 0735 | 23.07.26 | 1730 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 24.07.26 | 1505 | 24.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ୍ | 24.07.26 | 1815 | 25.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 24.07.26 | 2100 | 25.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 24.07.26 | 2115 | 25.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 24.07.26 | 2130 | 25.07.26 | 0315 |
| 08444 | ପୁରୀ-ତାଳଚେର | 25.07.26 | 0005 | 25.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 25.07.26 | 0100 | 25.07.26 | 0430 |
| 08422 | ପୁରୀ-ଅନୁଗୁଳ | 25.07.26 | 0215 | 25.07.26 | 0745 |
| 08438 | ପୁରୀ-ପଲାସା | 25.07.26 | 0400 | 25.07.26 | 0915 |
| 08558 | ପୁରୀ-ଗୁଣୁପୁର | 25.07.26 | 0245 | 25.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 25.07.26 | 0230 | 25.07.26 | 1105 |
| 08554 | ପୁରୀ-ଜଗଦଲପୁର | 24.07.26 | 1915 | 25.07.26 | 1315 |
| 08556 | ପୁରୀ-ରାୟଗଡ଼ା | 25.07.26 | 0130 | 25.07.26 | 1430 |
| 08560 | ପୁରୀ-ସମ୍ବଲପୁର | 25.07.26 | 0330 | 25.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ୍ | 25.07.26 | 0700 | 25.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 24.07.26 | 2030 | 25.07.26 | 0640 |
| 08566 | ପୁରୀ-ଶାଲିମାର | 25.07.26 | 0030 | 25.07.26 | 1330 |
| 08332 | ପୁରୀ-ରାଉରକେଲା | 25.07.26 | 0300 | 25.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 25.07.26 | 0045 | 25.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 25.07.26 | 0115 | 25.07.26 | 1330 |
| 08568 | ପୁରୀ-ବଡ଼ବିଲ | 24.07.26 | 1945 | 25.07.26 | 0700 |

**05. ସୁନାବେଶ ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 24.07.26 | 2200 | 25.07.26 | 0345 |
| 08407 | ଭଦ୍ରକ-ପୁରୀ | 24.07.26 | 2130 | 25.07.26 | 0355 |
| 08421 | ଅନୁଗୁଳ-ପୁରୀ | 25.07.26 | 0500 | 25.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 25.07.26 | 0230 | 25.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 25.07.26 | 0500 | 25.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 25.07.26 | 0800 | 25.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ୍-ପୁରୀ | 25.07.26 | 0630 | 25.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 25.07.26 | 0700 | 25.07.26 | 1230 |
| 08563 | ବାଙ୍ଗିରିପୋଷି-ପୁରୀ | 24.07.26 | 1430 | 25.07.26 | 0300 |

**06. ସୁନାବେଶ ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 25.07.26 | 1505 | 25.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ୍ | 25.07.26 | 1815 | 26.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 25.07.26 | 2100 | 26.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 25.07.26 | 2115 | 26.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 25.07.26 | 2130 | 26.07.26 | 0315 |
| 08444 | ପୁରୀ-ତାଳଚେର | 26.07.26 | 0005 | 26.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 26.07.26 | 0100 | 26.07.26 | 0430 |
| 08422 | ପୁରୀ-ଅନୁଗୁଳ | 26.07.26 | 0215 | 26.07.26 | 0745 |
| 08564 | ପୁରୀ-ବାଙ୍ଗିରିପୋଷି | 26.07.26 | 0115 | 26.07.26 | 1330 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08423 | ବ୍ରହ୍ମପୁର-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0230 |
| 08431 | ଦଶପଲ୍ଲା-ପୁରୀ | 15.07.2026 ଠାରୁ 25.07.2026 | 2330 | ପରବର୍ତ୍ତୀ ଦିନ | 0330 |
| 08419 | ଅନୁଗୁଳ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0430 |
| 08411 | କେନ୍ଦୁଝରଗଡ଼-ପୁରୀ | 15.07.2026 ଠାରୁ 25.07.2026 | 2100 | ପରବର୍ତ୍ତୀ ଦିନ | 0505 |
| 08415 | ପାରାଦ୍ୱୀପ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0540 |
| 08425 | ବ୍ରହ୍ମପୁର-ପୁରୀ | 16.07.2026 ଠାରୁ 26.07.2026 | 0530 | ସେହି ଦିନ | 0930 |
| 08409 | ଭଦ୍ରକ-ପୁରୀ | 16.07.2026 ଠାରୁ 26.07.2026 | 0420 | ସେହି ଦିନ | 1020 |
| 08433 | ଦଶପଲ୍ଲା-ପୁରୀ | 16.07.2026 ଠାରୁ 26.07.2026 | 0800 | ସେହି ଦିନ | 1315 |
| 08451 | ଖୋର୍ଦ୍ଧା ରୋଡ୍-ପୁରୀ | 16.07.2026 ଠାରୁ 26.07.2026 | 1330 | ସେହି ଦିନ | 1430 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08452 | ପୁରୀ-ଖୋର୍ଦ୍ଧା ରୋଡ୍ | 16.07.2026 ଠାରୁ 26.07.2026 | 1445 | ସେହି ଦିନ | 1545 |
| 08432 | ପୁରୀ-ଦଶପଲ୍ଲା | 16.07.2026 ଠାରୁ 26.07.2026 | 1430 | ସେହି ଦିନ | 1830 |
| 08424 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 1530 | ସେହି ଦିନ | 2100 |
| 08412 | ପୁରୀ-କେନ୍ଦୁଝରଗଡ଼ | 16.07.2026 ଠାରୁ 26.07.2026 | 1615 | ସେହି ଦିନ | 2345 |
| 08416 | ପୁରୀ-ପାରାଦ୍ୱୀପ | 16.07.2026 ଠାରୁ 26.07.2026 | 1745 | ସେହି ଦିନ | 2355 |
| 08420 | ପୁରୀ-ଅନୁଗୁଳ | 16.07.2026 ଠାରୁ 26.07.2026 | 1900 | ପରବର୍ତ୍ତୀ ଦିନ | 0030 |
| 08426 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 2230 | ପରବର୍ତ୍ତୀ ଦିନ | 0300 |
| 08410 | ପୁରୀ-ଭଦ୍ରକ | 17.07.2026 ଠାରୁ 27.07.2026 | 0200 | ସେହି ଦିନ | 0700 |
| 08434 | ପୁରୀ-ଦଶପଲ୍ଲା | 17.07.2026 ଠାରୁ 27.07.2026 | 0315 | ସେହି ଦିନ | 0645 |

ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ସ୍ୱତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ। ବ୍ରହ୍ମପୁର ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP | RailOne
କିମ୍ବା ପ୍ଲେ ଷ୍ଟୋର୍‌ରୁ ଡାଉନ୍‌ଲୋଡ୍ କରନ୍ତୁ
RailOne ଏକିକୃତ ରେଲୱେ ଆପ୍

**ରଥଯାତ୍ରା ମୋବାଇଲ୍ ଆପ୍**
ସମସ୍ତ ସୂଚନା ପାଇଁ ପୂର୍ବ ତଟ ରେଳପଥର ରଥଯାତ୍ରା ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ

**ପୂର୍ବ ତଟ ରେଳପଥ**
www.eastcoastrail.indianrailways.gov.in
ଡାଏଲ୍ କରନ୍ତୁ 139 ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା, ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor
D-08/26-27

SANSKAR INTERNATIONAL SCHOOL BARGARH
Co-Educational Senior Secondary Residential School | AFFILIATED TO CBSE
ADMISSION OPEN 2026-27
Nursery to Class 11 | Science, Commerce & Humanities
Pure Veg Food | 18 Variety of Sports
TOP CLASS HOSTEL FACILITY AT VERY AFFORDABLE PRICE
8598 99 89 89/ 9556 65 47 77
Bargarh, Odisha www.sanskarbargarh.in

## ଭୀମକୁଣ୍ଡରେ ବୁଡ଼ି ଯୁବକ ମୃତ

ତୁରୁମୁଙ୍ଗା, ୧୪।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳି ନଥିବା ବେଳେ ଭୁବନେଶ୍ୱରରୁ ୪ ଜଣ ସାଙ୍ଗ ଏକ କାରରେ ଭୀମକୁଣ୍ଡକୁ ବୁଲିବାକୁ ଆସିଥିଲେ। ଗାଧୋଉଥିବା ସମୟରେ ଜଣେ ସାଙ୍ଗ ବୁଡି ଯାଉଥିବା ଦେଖି ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ବୁଡି ଯାଇଥିଲେ। ପ୍ରଥମେ ବୁଡିଯାଇଥିବା ଯୁବକ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ବେଳେ ସାଙ୍ଗକୁ ବଞ୍ଚାଇବାକୁ ଯାଇ ଅନ୍ୟଜଣେ ସାଙ୍ଗ ବୈତରଣୀ ନଦୀର ପ୍ରୋଖର ସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ଯେକୌଣସି ପରିସ୍ଥିତିରେ ବିଚଳିତ ହୁଅନ୍ତୁନି।

**ବୃଷ:** ମନ ପ୍ରସନ୍ନ ରହିବ। ମାନସମ୍ମାନ ବୃଦ୍ଧି ପାଇବ। ଉଧାର ଦେଇଥିବା ଟଙ୍କା ବିଳମ୍ବରେ ଫେରିପାଇବେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଖର୍ଚ୍ଚଭାର ବଢ଼ିବ। ରାଜନୀତିରେ ସକ୍ରିୟ ହେବେ। ନିଜ ଲୋକଙ୍କ ସହ ଯୁକ୍ତିତର୍କ ହୋଇପାରେ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ପୈତୃକ ସମ୍ପତ୍ତିକୁ ନେଇ ବାଦବିବାଦ ଉପୁଜିପାରେ।

**ସିଂହ:** ଦୂରସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମ ଜୀବନରେ ମଧୁରତା ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଜୀବନସାଥୀଙ୍କ ସହଯୋଗ ମିଳିବ। ମହିଳାମାନେ ଘରକାର୍ଯ୍ୟରେ ସମୟ ଅତିବାହିତ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କ ପାଇଁ ଦିନଟି ଭଲ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯାଇପାରନ୍ତି। ବନ୍ଧୁ ମିଳନ ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଦୀର୍ଘ ଦିନରୁ ଆଶା କରିଥିବା କଥା ପୂରଣ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ସହକର୍ମୀଙ୍କ ସହ ମତଭେଦ ହୋଇପାରେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ। ଅନ୍ୟଙ୍କୁ ବାଧିଲା ପରି କଥା କୁହନ୍ତୁନି।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ହେବ।

## ଆଜିର ଇତିହାସ


- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨-ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୧୯୯୬- ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଛାଡ଼ପତ୍ର ପାଇଁ ଆବେଦନ କଲେ।

# ପରିବା ଭଳି ବିକ୍ରି ହେଉଛି ନୋଟ୍



ବର୍ତ୍ତମାନ ସମୟରେ ବିଶ୍ୱର ଅଧିକାଂଶ ଦେଶରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ବୃଦ୍ଧି ପାଇବାରୁ ଲୋକେ ଆଉ ପାଖରେ ଟଙ୍କା ରଖୁନାହାନ୍ତି। ଭାରତରେ ମଧ୍ୟ ଡିଜିଟାଲ ପେମେଣ୍ଟ ନଗଦ କାରବାରର ଆବଶ୍ୟକତାକୁ ଅନେକାଂଶରେ କମାଇ ଦେଇଛି। ହେଲେ ବିଶ୍ୱରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ବଜାରରେ ଫଳ ଏବଂ ପନିପରିବା ବିକ୍ରି ହେଲା ଭଳି ନୋଟ୍ ବିଡ଼ା ବିକ୍ରି ହୋଇଥାଏ। ଏହି ସ୍ଥାନଟି ହେଉଛି ସୋମାଲିଲ୍ୟାଣ୍ଡ। ୧୯୯୧ ମସିହାରେ ଏହି ଅଞ୍ଚଳ ନିଜକୁ ସୋମାଲିଆଠାରୁ ଅଲଗା ବୋଲି ଘୋଷଣା କରିଥିଲା। ତେବେ ଆଜି ବି ମିଳିତ ଜାତିସଂଘ ସମେତ ବିଶ୍ୱର ଅଧିକାଂଶ ଦେଶ ଏହାକୁ ଏକ ସ୍ୱାଧୀନ ଦେଶ ଭାବରେ ମାନ୍ୟତା ଦେଇନାହାନ୍ତି। ପ୍ରାୟ ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଅଞ୍ଚଳ ନିଜକୁ ଏକ ସ୍ୱାଧୀନ ଗଣରାଜ୍ୟ ବୋଲି ମାନିଥାଏ ଏବଂ ନିଜର ସରକାର ତଥା ପ୍ରଶାସନ ମଧ୍ୟ ନିଜେ ଚଳାଇଥାଏ। ସୋମାଲିଲ୍ୟାଣ୍ଡର ମୁଦ୍ରା ହେଉଛି ସୋମାଲିଲ୍ୟାଣ୍ଡ ଶିଲିଙ୍ଗ୍। ହେଲେ ଏହାର ମୂଲ୍ୟ ଏତେ କମ୍ ଯେ ଗୋଟିଏ ଆମେରିକୀୟ ଡଲାର ବଦଳରେ ପ୍ରାୟ ୯ ହଜାର ଶିଲିଙ୍ଗ ଦେବାକୁ ପଡ଼ିଥାଏ। ଏଠାରେ ୫୦୦ ଏବଂ ୧୦୦୦ ଶିଲିଙ୍ଗ୍‌ର ନୋଟ୍ ସବୁଠାରୁ ଅଧିକ ପ୍ରଚଳିତ। ଏହି କାରଣରୁ ଯଦି ଜଣେ ବ୍ୟକ୍ତିଙ୍କୁ ଦୈନନ୍ଦିନ ଜୀବନର କୌଣସି ସାମାନ୍ୟ ଜିନିଷ ମଧ୍ୟ କିଣିବାକୁ ଥାଏ, ତେବେ ତାଙ୍କୁ ନୋଟ୍‌ର ଏକ ବଡ଼ ବିଡ଼ା ନିଜ ସହିତ ନେଇକି ଯିବାକୁ ପଡ଼ିଥାଏ। ଯଦି କାହାକୁ ଗୋଟିଏ ସିଗାରେଟ୍ ମଧ୍ୟ କିଣିବାକୁ ଥାଏ, ତେବେ ତାଙ୍କୁ ୫୦୦ କିମ୍ବା ୧୦୦୦ ଶିଲିଙ୍ଗର ଅନେକ ନୋଟ୍ ଦେବାକୁ ପଡ଼ିପାରେ। ସେହିପରି, ଗୋଟିଏ ବ୍ୟାଗ୍ ଭର୍ତ୍ତି ପନିପରିବା କିଣିବା ପାଇଁ ଲୋକଙ୍କୁ ନୋଟ୍ ଭର୍ତ୍ତି ଝୋଲା ଧରି ବଜାରକୁ ଯିବାକୁ ପଡ଼ିଥାଏ। ଯଦି କେହି ଦାମୀ ଗହଣା କିମ୍ବା କିଛି ବଡ଼ ଜିନିଷ କିଣିବାକୁ ଚାହାନ୍ତି, ତେବେ ନୋଟ୍‌ର ବିଡ଼ା ସବୁ ଟ୍ରକ୍‌ରେ ମଧ୍ୟ ନେବାକୁ ପଡ଼ିପାରେ। ସେଥିପାଇଁ ଟଙ୍କା ଗଣିବା ବଦଳରେ ଏଠାରେ ଅନେକ ସମୟରେ କେଜି ହିସାବରେ ଟଙ୍କା ଓଜନ କରାଯାଏ। ବଜାରରେ ଥିବା ମୁଦ୍ରା ବ୍ୟବସାୟୀମାନେ ବିଦେଶୀ ମୁଦ୍ରା (ଯେପରିକି ଡଲାର ବା ୟୁରୋ) ବଦଳରେ ସ୍ଥାନୀୟ ଶିଲିଙ୍ଗ୍ ନୋଟ୍‌ର ବଡ଼ ବଡ଼ ବିଡ଼ା ବିକ୍ରି କରିଥାନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ରାସ୍ତା କଡ଼ରେ ବିନା କୌଣସି ସୁରକ୍ଷାରେ କୋଟି କୋଟି ଟଙ୍କାର ନୋଟ୍ ଜମା ହୋଇ ରହିଥିଲେ ମଧ୍ୟ ସେଠାରେ ଚୋରି ହେବାର ଭୟ ନ ଥାଏ। କାରଣ ଏହି ମୁଦ୍ରାର ମୂଲ୍ୟ ଏତେ କମ୍ ଯେ, ଏହାକୁ ଚୋରି କରି ବୋହି ନେବା ପାଇଁ ଗାଡ଼ିର ଆବଶ୍ୟକତା ପଡ଼ିବ, ଯାହା ଚୋରମାନଙ୍କ ପାଇଁ ଲାଭଦାୟକ ନୁହେଁ। ଏହି କାରଣରୁ ସୋମାଲିଲ୍ୟାଣ୍ଡରେ ମୋବାଇଲ୍ ପେମେଣ୍ଟ ଏବଂ ଡିଜିଟାଲ୍ କାରବାର ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏଠାରେ ଲୋକେ ଛୋଟ କିଣାକିଣିଠାରୁ ଆରମ୍ଭ କରି ବଡ଼ ଅର୍ଥରାଶିର ପେମେଣ୍ଟ ମୋବାଇଲ୍ ମାଧ୍ୟମରେ କରିବାକୁ ପସନ୍ଦ କରନ୍ତି। ଏପରିକି ସେଠାକାର ଅନେକ ଭିକାରୀ ମଧ୍ୟ ନଗଦ ଟଙ୍କା ବଦଳରେ ମୋବାଇଲ୍ ପେମେଣ୍ଟ ଗ୍ରହଣ କରନ୍ତି। ଏହି କାରଣରୁ ଆଜି ସୋମାଲିଲ୍ୟାଣ୍ଡର ଏକ ବଡ଼ ଭାଗ ସମ୍ପୂର୍ଣ୍ଣ ରୂପେ କ୍ୟାସଲେସ୍ କାରବାର ଉପରେ ନିର୍ଭରଶୀଳ ହୋଇଯାଇଛି। ସୋମାଲିଲ୍ୟାଣ୍ଡର ପ୍ରାୟ ଅଧା ଭାଗ ମରୁଭୂମି ଅଟେ, ବାକି ଅଞ୍ଚଳ ପ୍ରାୟତଃ ମରୁଡ଼ିର ସମ୍ମୁଖୀନ ହୋଇଥାଏ। ଏଠାରେ କୃଷି କାର୍ଯ୍ୟ ସୀମିତ ଏବଂ ରୋଜଗାର ଅବସର ମଧ୍ୟ ବହୁତ କମ୍। ଏହି ଦେଶର ସବୁଠାରୁ ବଡ଼ ରପ୍ତାନି ହେଉଛି ଓଟ। ଏହାବାଦ୍ ଲୋକେ ମାଛ ଚାଷ ଏବଂ ଛୋଟମୋଟ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଏସବୁ ସତ୍ତ୍ୱେ, ଏଠାକାର ଅର୍ଥବ୍ୟବସ୍ଥା ଏବେ ମଧ୍ୟ ବହୁତ ଦୁର୍ବଳ।

# 'ରାମାୟଣ'
## ଆସିବ ଦୁଇଟି ଟ୍ରେଲର୍



ଭାରତୀୟ ଚଳଚ୍ଚିତ୍ର ଜଗତର ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ କୁହାଯାଉଥିବା 'ରାମାୟଣ'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ଦର୍ଶକେ ଏହାର ଟ୍ରେଲର୍‌ର ରିଲିଜ୍‌କୁ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ରଣବୀର କପୁରଙ୍କ ଅଭିନୀତ 'ରାମାୟଣ'ର ଟ୍ରେଲର୍ ୧୮ ଜୁଲାଇରେ ଆସିବା ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ହେଉଛି। ତେବେ 'ରାମାୟଣ'ର ଗୋଟିଏ ନୁହେଁ, ବରଂ ଦୁଇଟି ଟ୍ରେଲର୍ ଆସିବ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାର ଟ୍ରେଲର୍‌କୁ ଭାରତ ସହ ବିଦେଶରେ ମଧ୍ୟ ଲଞ୍ଚ୍ କରାଯିବା ପାଇଁ ଯୋଜନା କରାଯାଇଛି। 'ରାମାୟଣ'ର ପ୍ରଥମ ଟ୍ରେଲର୍, ୧୮ ଜୁଲାଇରେ ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଲଞ୍ଚ ହେବ। ଏହି ଟ୍ରେଲର୍ ୪ ମିନିଟ୍‌ର ହେବ। ଏହି ସମାନ ଟ୍ରେଲର୍‌ଟି ୧୭ ଜୁଲାଇରେ ରିଲିଜ୍ ହେବାକୁ ଥିବା କ୍ରିଷ୍ଟୋଫର୍ ନୋଲନ୍‌ଙ୍କ ଫିଲ୍ମ 'ଦ ଓଡିସେ' ସହିତ ମଧ୍ୟ ପ୍ରଦର୍ଶନ କରାଯିବ। ଦ୍ୱିତୀୟ ଟ୍ରେଲର୍‌ଟି ୩ ମିନିଟ୍ ୩୦ ସେକେଣ୍ଡର ହେବ। ଏହା ସାନ୍ ଡିଏଗୋ କମିକ୍ କନ୍‌ର ଓପନିଂ ଡେ'ରେ ମଧ୍ୟ ପ୍ରଦର୍ଶନ କରାଯିବ। ଗ୍ଲୋବାଲ୍ ସିନେମା ଇଭେଣ୍ଟରେ ପ୍ରାୟ ପାଞ୍ଚ ହଜାର ଲୋକଙ୍କ ଗହଣରେ ଏହି ଟ୍ରେଲର୍ ଲଞ୍ଚ କରାଯିବ। ଏହା ଉପରେ ଏକ ପ୍ୟାନେଲ୍ ଆଲୋଚନା ମଧ୍ୟ ହେବ। ପ୍ରଯୋଜକ ନମିତ ମାଲହୋତ୍ରା ଏବଂ ଯଶ୍‌ଙ୍କ ସହ ରଣବୀର କପୁର ଏବଂ ନିର୍ଦ୍ଦେଶକ ନୀତେଶ ତିୱାରୀ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ। ଏଠାରେ ପ୍ରକାଶ ଥାଉ କି, 'ରାମାୟଣ'ରେ ରଣବୀର କପୁର ଭଗବାନ ରାମ, ସାଇପଲ୍ଲବୀ ମାତା ସୀତା, ଯଶ୍ ରାବଣ, ସନ୍ନି ଦେଓ୍ୱଲ ହନୁମାନ, କୁନାଲ କପୁର ଭଗବାନ ଇନ୍ଦ୍ରଙ୍କ ଭୂମିକାରେ ନଜର ଆସିବେ। ଏହାର ବଜେଟ୍ ୪୦୦୦ କୋଟି ରହିଛି।

# ବିବାହରେ 'ୱାଟର ବାର୍' ଟ୍ରେଣ୍ଡ



ଆଜିକାଲି ବିବାହରେ ଡେକୋରେସନ୍, କ୍ୟାଟରିଂ, ପୋଷାକ ଏବଂ ଫଟୋଗ୍ରାଫି ଭଳି ବ୍ୟୟବହୁଳ ଆୟୋଜନ ଯୋଗୁଁ ସାଧାରଣ ପରିବାରଙ୍କ ପାଇଁ ଏହା ବୋଝ ପାଲଟୁଛି। ଅଧିକାଂଶ ବିବାହରେ ଅତିଥିଙ୍କୁ ସ୍ୱାଗତ କରିବାକୁ ଥଣ୍ଡା, ସରବତ ଆଦି ପରଷା ଯାଉଥିବାବେଳେ ବର୍ତ୍ତମାନ ଏହାର ସ୍ଥାନ ନେଉଛି ୱାଟର୍ ବାର୍। ୱାଟର୍ ବାର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅତିଥିଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିବା। ବିଶେଷ କରି ଡେଷ୍ଟିନେସନ୍ ବିବାହ, ୱେଲନେସ୍ ଥିମ୍ ବିବାହ, ସମ୍ଭ୍ରାନ୍ତ ଶ୍ରେଣୀୟ ବିବାହ ଏବଂ ଅନ୍ୟାନ୍ୟ ଉତ୍ସବରେ ୱାଟର ବାର୍‌ର ଟ୍ରେଣ୍ଡ ଅଧିକ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ମୁତାବକ ଅତିଥିଙ୍କୁ ସାଧା ପାଣି ବଦଳରେ ଷ୍ଟିଲ୍ ୱାଟର, ଗ୍ଲେଶିୟର ୱାଟର, ସ୍ପ୍ରିଙ୍ଗ୍ ୱାଟର, ନ୍ୟାଚୁରାଲ ମିନେରାଲ ୱାଟର, ସ୍ପାର୍କଲିଙ୍ଗ ୱାଟର, ଆଲକାଲାଇନ୍ ୱାଟର ପରି ସ୍ୱାସ୍ଥ୍ୟକର ଏବଂ ସୁଗନ୍ଧିତ ପାଣି ପରଷା ଯାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ପାଣିରେ ଥିବା କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍, ସୋଡିୟମ୍ ଏବଂ ବାଇକାର୍ବୋନେଟ୍ ପରି ପ୍ରାକୃତିକ ଖଣିଜ ଏହାର ସ୍ୱାଦ ଏବଂ ଗୁଣବତ୍ତାକୁ ପ୍ରଭାବିତ କରିଥାଏ। କେବଳ ସେତିକି ନୁହେଁ, ପ୍ରିମିୟମ୍ ଜଳ ହେଉଛି ସ୍ୱତନ୍ତ୍ର ଉତ୍ସରୁ ଆସୁଥିବା ଉନ୍ନତମାନର ଏବଂ ସ୍ୱାସ୍ଥ୍ୟକର ପ୍ୟାକେଜ୍ଡ ପିଇବା ପାଣି। ଏହା ସାଧାରଣ ପାଣିଠାରୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଏବଂ ବିଭିନ୍ନ ଖଣିଜ ପଦାର୍ଥ ଯୁକ୍ତ ହୋଇଥାଏ। ଖାସ୍ ଏହି କାରଣରୁ ଆଜିକାଲି ସେଲିବ୍ରିଟିମାନେ ଏହି ସ୍ୱତନ୍ତ୍ର ପାଣି ପିଇବାକୁ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। କିଛି ପ୍ରିମିୟମ୍ ବ୍ରାଣ୍ଡର ଛୋଟ ବୋତଲ ମୂଲ୍ୟ ୭୦୦ରୁ ୮୦୦ ଟଙ୍କା ହୋଇଥାଏ। ଆଗାମୀ ଦିନଗୁଡ଼ିକରେ ୱାଟର୍ ବାର୍ ଭାରତୀୟ ବିବାହଗୁଡ଼ିକରେ ଏକ ଟ୍ରେଣ୍ଡ ପାଲଟିଯିବ ଏଥିରେ ସନ୍ଦେହ ନାହିଁ।

## ସମ୍ଭାବନା

# ବଢୁଛି 'ନୋ ଟକ୍ ଟାଇମ୍'


**ଆଜିର ଯୁବପିଢ଼ିଙ୍କ ଲାଗି ସ୍କ୍ରିନ୍ ଟାଇମ୍‌ଠାରୁ ବେଶି ବିପଦଜନକ ହେଉଛି 'ନୋ ଟକ୍ ଟାଇମ୍।' ଏହା ହେଉଛି ସେହି ସମୟ, ଯେତେବେଳେ ବାପା, ମାଆ, ଭାଇ, ଭଉଣୀଙ୍କ ମଧ୍ୟରେ ଭାବନା ଓ କଥାବର୍ତ୍ତାର ଦୂରତ୍ୱ ବୃଦ୍ଧି ପାଏ। ମୁଖ୍ୟତଃ କିଶୋରାବସ୍ଥାରେ ଏହି ଦୂରତ୍ୱ ଅଧିକ ବଢ଼ିଯାଏ।**



ଗୋଟିଏ ଛାତ ତଳେ ବାପାମାଆ, ପୁଅ, ଝିଅ ଏକାଠି ରହିବା ପରେ ବି ଏବେ କଥାବାର୍ତ୍ତାରୁ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି। ଖାଇବା ବେଳେ, ସ୍କୁଲ, କଲେଜ ତଥା ଅଫିସ୍‌ରୁ ଫେରିବା ପରେ ତଥା ଶୋଇବା ପୂର୍ବରୁ କଥାବାର୍ତ୍ତା କରିବା ପରିବର୍ତ୍ତେ ସମସ୍ତେ ନିଜ ନିଜର ଫୋନ୍‌ରେ ବ୍ୟସ୍ତ ରହନ୍ତି। ଏପରି ସ୍ଥିତିରେ କାହା ପାଖରେ କାହାର କଥା ଶୁଣିବା ପାଇଁ ସମୟ ନ ଥାଏ। ଏହିପରି ଭାବେ ଦିନକୁ ଦିନ ଯୁବପିଢ଼ିଙ୍କ ମଧ୍ୟରେ ନୋ ଟକ୍ ଟାଇମ୍ ବୃଦ୍ଧି ପାଉଛି। ଅବଶ୍ୟ ସେମାନେ ଚାହିଁଲେ ଏହି ସ୍କ୍ରିନ୍ ଟାଇମ୍‌କୁ ସୀମିତ କରିପାରିବେ।

କଥାବାର୍ତ୍ତା ନ ହେବା ଦ୍ୱାରା ସମସ୍ତେ ନିଜକୁ ଏକାକୀ ଏବଂ ଅଣଦେଖା କରାଯାଉଥିବା ମନେ କରନ୍ତି। ଧୀରେ ଧୀରେ ବାପାମାଆ ଏବଂ ପିଲାମାନେ ନିଜ ଭାବନା ସେୟାର୍ କରିବା ବନ୍ଦ କରିଦିଅନ୍ତି। ଏହା ପିଲା ତଥା ବୟସ୍କଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରେ। ଏହା ଦ୍ୱାରା ଅଧିକ ଚିଡାଚିଡାପଣ, ଆତ୍ମବିଶ୍ୱାସର ଅଭାବ, ଚାପ, ନିଜ ଭାବନାକୁ ପରିପ୍ରକାଶ ନ କରିବା ଦେଖିବାକୁ ମିଳେ। ନୋ ଟକ୍ ଟାଇମ୍ ଯୋଗୁଁ ପିଲା ଏବଂ ଅଭିଭାବକଙ୍କ ମଧ୍ୟରେ ଭରସାର ଅଭାବ ଦେଖା ଦିଏ। କିଶୋରାବସ୍ଥାରେ ଏହି ଦୂରତ୍ୱ ଅଧିକ ବଢ଼ିଯାଏ। ତେଣୁ ସ୍କ୍ରିନ୍ ଟାଇମ୍‌କୁ କମ୍ କରି ଯୁବପିଢ଼ିମାନେ ଘର ତଥା ପରିବାର ସଦସ୍ୟଙ୍କ ନିକଟତର ହେବା ଦରକାର। ଘରଲୋକଙ୍କ ସହ କଥାବାର୍ତ୍ତା ହେବା ଦ୍ୱାରା ସ୍କ୍ରିନ ସମୟ ଆପେ ଆପେ କମ୍ ହୋଇଯିବ।

# ଷ୍ଟକ୍ ମାର୍କେଟ୍‌ରେ କ୍ୟାରିୟର



ଆଜିର ସମୟରେ ଷ୍ଟକ୍ ମାର୍କେଟ୍ କେବଳ ନିବେଶର ମାଧ୍ୟମ ନୁହେଁ, ବରଂ ଏକ ଉନ୍ନତ କ୍ୟାରିୟର ବିକଳ୍ପ ହୋଇପାରିଛି। ଏହି କାରଣ ଯୋଗୁଁ ଏବେ ଯୁବପିଢ଼ିଙ୍କ ମଧ୍ୟରେ ଷ୍ଟକ୍ ମାର୍କେଟକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି ଏବଂ ସେମାନେ ମାର୍କେଟ୍‌ରେ ନିବେଶ ମଧ୍ୟ କରୁଛନ୍ତି। ଷ୍ଟକ୍ ମାର୍କେଟ୍‌ରେ ନିବେଶ ତଥା ଟ୍ରେଡିଂ କରିବା ପାଇଁ ବିଶେଷ ଡିଗ୍ରୀ ଦରକାର ନାହିଁ। ଯେକେହି ବି କୌଣସି ବିଷୟ ପଢ଼ିଥିଲେ ଉଚିତ ତଥ୍ୟ ଓ ଅଭ୍ୟାସ ସହିତ ନିବେଶ କରିପାରିବେ। ବିକମ୍, ବିବିଏ, ଏମ୍‌ବିଏ, ସିଏଫ୍ଏ, ଏନ୍‌ଏସ୍‌ଇ ଏକାଡେମୀ ସାର୍ଟିଫିକେସନ କୋର୍ସ କରିବା ଭଲ। ଯଦିଓ ଏହାକୁ କ୍ୟାରିୟର ଭାବେ ଆପଣାଇବାକୁ ଚାହୁଁଥିଲେ, କମର୍ସ, ଫାଇନାନ୍ସ ଏବଂ ଇକନମିକ୍ ପଢ଼ା ଏ କ୍ଷେତ୍ରରେ ସାହାଯ୍ୟ କରିଥାଏ।

ସେହିପରି ଏ ଲାଗି ଫଣ୍ଡାମେଣ୍ଟାଲ ଆନାଲିସ୍ ଉପରେ ଜ୍ଞାନ ରହିବା ଜରୁରି। ଟେକ୍ନିକାଲ ଆନାଲିସିସ୍ ଶିଖିବା, ଚାର୍ଟ ଏବଂ କ୍ୟାଣ୍ଡଲଷ୍ଟିକ୍ ପ୍ୟାଟର୍ଣ୍ଣ ପଢ଼ିବା, ରିସ୍କ ମ୍ୟାନେଜମେଣ୍ଟ, କମ୍ପାନି ଆର୍ଥିକ ପରିଣାମକୁ ବୁଝିବାର କ୍ଷମତା, ଆର୍ଥିକ ତଥା ବିଶ୍ୱସ୍ତର ଖବର ଉପରେ ନଜର ରଖିବା ଦରକାର। ସେହିପରି ବିନା ପଢ଼ାରେ ଷ୍ଟକ୍ ମାର୍କେଟ୍‌ରୁ ଆୟ କରିବା ବିପଦଜନକ ହୋଇପାରେ। ଇଣ୍ଟରନେଟ୍‌ରେ ଅନେକ ଅନଲାଇନ କୋର୍ସ, ୱେବିନାର, ବହି ତଥା ଶିକ୍ଷଣୀୟ ଭିଡିଓ ଉପଲବ୍ଧ ଅଛି। ଏହା ସାହାଯ୍ୟରେ ଯେକେହି ଷ୍ଟକ୍ ମାର୍କେଟ ଶିଖିପାରିବେ। ଏହାକୁ ପ୍ରଥମେ ଛୋଟ ନିବେଶରୁ ଆରମ୍ଭ କରିବା ଦରକାର। ଏହାପରେ ଅଭିଜ୍ଞତା ବଢ଼ିଲେ ଏଥିରେ ନିବେଶ ବୃଦ୍ଧି କରିବା ଉଚିତ।

# ହ୍ୱାଟ୍‌ସ୍ଆପ୍‌ର ଜନ୍ମଦିନ ଫିଚର୍




ଫେସବୁକ୍ ଭଳି ହ୍ୱାଟ୍‌ସ୍ଆପ୍ ମଧ୍ୟ 'ବାର୍ଥଡେ ରିମାଇଣ୍ଡର' ଫିଚର୍ ଲଞ୍ଚ କରିବ। କମ୍ପାନି ଏହା ଉପରେ ଏବେ କାମ କରୁଛି। ଏହି ଆପ୍‌ରେ ଅଲଗା ଅପକମିଂ ବାର୍ଥଡେ ସେକ୍‌ସନ ରହିବ। ନୋଟିଫିକେସନ ମାଧ୍ୟମରେ ଏହା ବ୍ୟବହାକାରୀଙ୍କ ନିଜ ପ୍ରିୟଜନଙ୍କ ଜନ୍ମଦିନ ମନେ ପକାଇବାରେ ସାହାଯ୍ୟ କରିବ। ଫଳରେ ବ୍ୟବହାରକାରୀ ଠିକ୍ ସମୟରେ ନିଜ ପ୍ରିୟଜନଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇପାରିବେ।

ଏହି ନୂଆ ଫିଚର୍‌କୁ ହ୍ୱାଟ୍ସଆପ୍‌ର ଆଣ୍ଡ୍ରଏଡ୍‌ର ବିଟା ଭର୍ସନ୍‌ରେ ଦେଖିବାକୁ ମିଳିଛି। ହେଲେ ଏହା ଏବେ ବିକଶିତ ପର୍ଯ୍ୟାୟରେ ହିଁ ଅଛି। ଯେତେବେଳେ ଏହି ଫିଚର୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ, ହ୍ୱାଟ୍‌ସ୍ଆପ୍ ବ୍ୟବହାରକାରୀଙ୍କୁ କୌଣସି କଣ୍ଟାକ୍ଟର ଜନ୍ମଦିନରେ ଇନ୍-ଆପ୍ ନୋଟିଫିକେସନ୍ ପ୍ରେରଣ କରିବ। ଏହି ନୋଟିଫିକେସନ୍‌ରେ କ୍ଲିକ୍ କଲେ ବ୍ୟବହାରକାରୀ ସିଧା ସେହି ବନ୍ଧୁଙ୍କ ଚାଟ୍ ବକ୍ସ ଖୋଲିପାରିବେ ଏବଂ ତାଙ୍କୁ ଶୁଭେଚ୍ଛା ଜଣାଇପାରିବେ।

ତେବେ ଏହି ଫିଚର୍ ଲାଗି ଆପ୍‌ରେ ଏକ ଅଲଗା ବାର୍ଥଡେ ସେକ୍‌ସନ ରଖାଯିବ। ଏହି ବିଭାଗରେ ବ୍ୟବହାରକାରୀଙ୍କୁ ନିଜର ସମସ୍ତ କଣ୍ଟାକ୍ଟ ଲିଷ୍ଟ ଦୃଷ୍ଟିଗୋଚର ହେବ, ଯେଉଁମାନଙ୍କର ଆଗକୁ ଜନ୍ମଦିନ ଆସୁଥିବ। ସେହିପରି ଉକ୍ତ ଫିଚର୍‌ର ବିଶେଷତ୍ୱ ହେଉଛି ଗୋଟିଏ ସ୍ଥାନରେ ବ୍ୟବହାରକାରୀ ଏହା ଦେଖିପାରିବେ ଯେ, ଆଗାମୀ ଦିନରେ କେଉଁ ସାଙ୍ଗର ଜନ୍ମଦିନ ଅଛି। ତା'ସହ ବ୍ୟବହାରକାରୀ ଚାହିଁଲେ ସାଙ୍ଗ ପାଇଁ ଆଗୁଆ ସରପ୍ରାଇଜ ଯୋଜନା ପ୍ରସ୍ତୁତ କରିପାରିବେ।

ଅନ୍ୟପଟେ ଏହି ଫିଚର୍ ସେତେବେଳେ କାମ କରିବ, ଯେତେବେଳେ ବ୍ୟବହାକାରୀଙ୍କ ଡାଟା ଅପ୍ ବାର୍ଥ ହ୍ୱାଟ୍‌ସ୍ଆପ୍ ପାଖରେ ଉପଲବ୍ଧ ଥିବ। କେବଳ ସେତିକି ନୁହେଁ, ଏହାର ଗୋପନୀୟତାକୁ ନେଇ କିଛି ତଥ୍ୟ ସାମ୍ନାକୁ ଆସି ନାହିଁ। ସେଥିପାଇଁ ଏକଥା ସ୍ପଷ୍ଟ ହୋଇ ନାହିଁ, ବ୍ୟବହାରକାରୀ ନିଜ ଜନ୍ମଦିନ କାହାଠୁ ଲୁଚେଇ ରଖିବାକୁ ଚାହାଁନ୍ତି ଏବଂ କାହାକୁ ଜଣାଇବାକୁ। ସେହିପରି ହ୍ୱାଟ୍ସଆପ୍ ବିଧିବଦ୍ଧ ଭାବେ ଏହି ଫିଚର୍‌ର ଘୋଷଣା ଏ ଯାଏଁ କରି ନାହିଁ। ବ୍ୟବହାରକାରୀଙ୍କୁ ଏହି ଫିଚର୍ ପାଇଁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଇଛି।

# କିଭଳି ଦୂରେଇବେ ପରୀକ୍ଷା ଭୟ

**ପରୀକ୍ଷା ସମୟ ପାଖେଇ ଆସିଲେ ଛାତ୍ରଛାତ୍ରୀ ଭାରାକ୍ରାନ୍ତ ହୋଇ ପଡ଼ନ୍ତି। ସେମାନଙ୍କ ମନରେ ଅଜଣା ଭୟ ମାଡ଼ି ଆସେ। ତେବେ ଏହି ଭୟକୁ କିଭଳି ଦୂର କରିବେ, ସେ ସମ୍ପର୍କରେ ଜାଣିବା।**



- ପରୀକ୍ଷା ଆସିଲେ ପିଲାଙ୍କ ସହିତ ସକାରାତ୍ମକ କଥାବାର୍ତ୍ତା କରିବା ଦରକାର।
- ଯେଉଁ ବିଷୟ ସେମାନେ ବୁଝିପାରୁ ନାହାନ୍ତି, ତାହାକୁ ସହଜରେ ବୁଝାଇବାକୁ ପ୍ରୟାସ କରିବା ଉଚିତ।
- କଠିନ ବିଷୟବସ୍ତୁକୁ କାହାଣୀ ଭଳି ବୁଝାଇଲେ ପଢ଼ା ପ୍ରତି ରୁଚି ବଢ଼ିବ।
- ପିଲାଙ୍କ ଉପରେ ପରୀକ୍ଷାରେ ପ୍ରଥମ ହେବାର ଚାପ ନ ରଖିବା ଉଚିତ।
- ପରୀକ୍ଷା ଭୟରେ ନିଦ ହୁଏ ନାହିଁ। ତେଣୁ ସେମାନଙ୍କ ନିଦ ଉପରେ ଧ୍ୟାନ ଦେବା ଜରୁରି।
- ସନ୍ତୁଳିତ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଉଚିତ।




# ଆର୍ଜେଣ୍ଟିନା-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍ ଲାଗି ନାହିଁ ନ ଥିବା ସୁରକ୍ଷା

ଆଟଲାଣ୍ଟା,୧୪।୭(ଏଜେନ୍ସି): ବିଶ୍ୱର ଦୁଇ ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ମର୍ସିଡିଜ୍ ବେଞ୍ଜ ଷ୍ଟାଡିୟମରେ ବୁଧବାର ରାତି ୧୨ଟା ୩୦ ମିନିଟ୍‌ରେ ଫିଫା ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଦୁଇ ଦେଶ ମଧ୍ୟରେ ଭିନ୍ନ ଭିନ୍ନ କାରଣରୁ ଉତ୍ତମ ସମ୍ପର୍କ ନାହିଁ। ଯାହା ଫଳରେ ଏହି ମ୍ୟାଚକୁ କିପରି ସୁରୁଖୁରୁରେ ପରିଚାଳନା କରାଯିବ, ଉଭୟ ଦେଶର ସମର୍ଥକ ଓ ଦର୍ଶକମାନେ କିପରି ସହଜରେ ଖେଳକୁ ଉପଭୋଗ କରିପାରିବେ, ସେଥିଲାଗି ଆଟଲାଣ୍ଟା ପୁଲିସ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୯୮୨ରେ ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜରେ ଘଟିଥିବା ଯୁଦ୍ଧରେ ଆର୍ଜେଣ୍ଟିନାର ୬୪୯ ଓ ଇଂଲଣ୍ଡର ୨୫୫ ଜଣ ସୈନିକ ମୃତ୍ୟୁବରଣ କରିଥିଲେ। ଏହାପରେ ୧୯୮୬ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାର ସୁପରଷ୍ଟାର ମାରାଡୋନା ହାତମାରି ଗୋଲ କରିବାକୁ ନେଇ ମଧ୍ୟ ବିବାଦ ରହିଛି। ପରେ ଏହାକୁ 'ହ୍ୟାଣ୍ଡ ଅଫ ଗଡ୍'ଙ୍କ ଦ୍ୱାରା ହୋଇଥିବା ଗୋଲ ବୋଲି ମାରାଡୋନା କହିଥିଲେ। ଆମେରିକା ଆସିଥିବା ଆର୍ଜେଣ୍ଟିନା ସମର୍ଥକ ମଧ୍ୟ ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜକୁ ନେଇ ଗୀତ ଗାଉଛନ୍ତି। ଏହାର ଅର୍ଥ ଏହି ଯୁଦ୍ଧକୁ ସେମାନେ ଭୁଲିନାହାନ୍ତି। ନିକଟରେ ଯୁଦ୍ଧରେ ସାମିଲ ଥିବା ସୈନିକ ମାନେ କେବଳ ଖେଳ ଉପରେ ମନୋନିବେଶ କରିବାକୁ ଆହ୍ୱାନ ଦେବା ଅର୍ଥ ଦୁଇ ଦେଶର ସମର୍ଥକଙ୍କ ମଧ୍ୟରେ ଯେ କୌଣସି ସମୟରେ ଗଣ୍ଡଗୋଳ ହୋଇଯାଇପାରେ ବୋଲି ପୁଲିସ୍ ଆଶଙ୍କା କରୁଛି। ଏଥିଲାଗି ଅତିରିକ୍ତ ଓ କଡ଼ା ସୁରକ୍ଷା ଲାଗି ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ଟିମ୍ ଡାକ୍ତରଙ୍କୁ ନେଇ ସେନେଗାଲରେ ବିବାଦ

ଡାକାର,୧୪।୭(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ସେନେଗାଲ ଟିମ୍ ଯାଇଥିବା ଡାକ୍ତର ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ଚିକିତ୍ସକ। ଏଭଳି ଜଣେ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇଥିବାରୁ ଖେଳାଳିମାନେ ଉପଯୁକ୍ତ ଚିକିତ୍ସା ପାଇଲେ ନାହିଁ ବୋଲି ସେନେଗାଲ ଫୁଟବଲ ମହାସଂଘ ସଭାପତି ଆବଦୌଉଲଆୟେ ଫଲ୍ କହିବା ପରେ ବିବାଦ ସୃଷ୍ଟି ହୋଇଛି। ସେନେଗାଲ ଏହି ବିଶ୍ୱକପ୍‌ରେ ଚମତ୍କାର ଖେଳିଥିଲେ ମଧ୍ୟ ଶେଷ ୫ରୁ ୧୦ ମିନିଟ୍‌ରେ ଗୋଲବରଣ କରି ପରାଜିତ ହୋଇଥିଲା। ଏଥିଲାଗି ସଭାପତି ଫଲ ଡାକ୍ତରଙ୍କୁ ଦାୟୀ କରିଛନ୍ତି। ଫଲ୍‌ଙ୍କ ଏହି ଉକ୍ତିକୁ ତୀବ୍ର ଖଣ୍ଡନ କରିଛି ସେନେଗାଲ ଆସୋସିଏସନ ଅଫ୍ ସ୍ପୋର୍ଟ୍ସ ମେଡିସିନ୍। ସଭାପତିଙ୍କ ଏପରି ମନ୍ତବ୍ୟ ଅପମାନଜନକ ଓ ଅନାବଶ୍ୟକ। ସଂଘର କହିବା ଅନୁଯାୟୀ ଟିମ୍ ସହ ଯାଇଥିବା ଡାକ୍ତର ଏ ଫେଡିଓର ସେନେଗାଲର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରୁ ସ୍ପୋର୍ଟ୍ସ ମେଡିସିନ୍ ଓ ବାୟୋଲୋଜିରେ ଡିପ୍ଲୋମା କରିଛନ୍ତି। ଫାନ୍ ହସ୍ପିଟାଲରେ ସେ ଫିଜିଓଥେରାପି ବିଭାଗର ମୁଖ୍ୟ ଭାବେ କାମ କରିଛନ୍ତି। ସେ ୨୦୧୭ରୁ ଟିମ୍ ଡାକ୍ତରଭାବେ ଦାୟିତ୍ୱ ତୁଲାଇଆସୁଛନ୍ତି। ତାଙ୍କ ସମୟରେ ସେନେଗାଲ ୩ଟି ବିଶ୍ୱକପ୍ ଓ ୫ଟି ଆଫ୍ରିକୀୟ ନେସନ୍ସ କପ୍‌ରେ ଟିମ୍ ଡାକ୍ତରଭାବେ କାମ କରିଛନ୍ତି। ଖରାପ ପ୍ରଦର୍ଶନ ଲାଗି ଏହା ମଧ୍ୟରେ ସେନେଗାଲର ହେଡ୍ କୋଚ୍ ଥିଆଙ୍କୁ ବହିଷ୍କାର କରାଯାଇଛି।

## ଦ୍ୱିତୀୟ ସେମିରେ ମେସିଙ୍କ ସହ କେନ୍-ବେଲିଂହାମ୍ ମୁକାବିଲା

# ୨୪ ବର୍ଷ ପରେ ଆର୍ଜେଣ୍ଟିନା-ଇଂଲଣ୍ଡ ଲଢ଼େଇ

ଆଟଲାଣ୍ଟା,୧୪।୭(ଏଜେନ୍ସି)


ମ୍ୟାଚ୍ ଆରମ୍ଭ: ରାତି ୧୨.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

ବିଶ୍ୱ ଫୁଟ୍‌ବଲର ଦୁଇ ଶ୍ରେଷ୍ଠ ଦଳ ଯଥା ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ସ୍ଥାନୀୟ ଆଟଲାଣ୍ଟା ଷ୍ଟାଡିୟମ୍‌ରେ ବୁଧବାର ରାତି ୧୨ଟା ୩୦ ମିନିଟରେ ଖେଳାଯିବ। ଉଭୟ ଦଳ ଦୁଇ ମହାଦେଶକୁ ପ୍ରତିନିଧିତ୍ୱ କରୁଛନ୍ତି। ବ୍ରାଜିଲ ପରେ ଦକ୍ଷିଣ ଆମେରିକାର ଦ୍ୱିତୀୟ ଶ୍ରେଷ୍ଠ ଦଳ ଆର୍ଜେଣ୍ଟିନା ୩ଥର ବିଶ୍ୱ ଟାଇଟଲ ଜିତି ବେଶ ଅଭିଜ୍ଞ ହୋଇଛି। ଅନ୍ୟପକ୍ଷରେ ୧୯୬୬ରେ ଥରେ ମାତ୍ର ଇଂଲଣ୍ଡ ବିଶ୍ୱର ଏହି ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ବିଜୟୀ ହୋଇଥିଲା। ଚଳିତ ବିଶ୍ୱକପ୍‌ରେ ଉଭୟ ଦଳକୁ ଟାଇଟଲ ଫେଭରାଇଟ୍ ବିବେଚନା କରାଯାଉଛି। ଏଣୁ ଏହି ମୁକାବିଲାଟି ବିଶ୍ୱର ଦୁଇ ଶୀର୍ଷ ଦଳ ମଧ୍ୟରେ ହେଉଥିବାରୁ ବିଶ୍ୱକପ୍‌ର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ଏଠାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଫାଇନାଲରେ ଦୁଇଥରର ଚାମ୍ପିଅନ୍ ଫ୍ରାନ୍ସ କିମ୍ବା ୨୦୧୦ ବିଜେତା ସ୍ପେନ୍ ସହ ମୁକାବିଲା କରିବ। ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଖେଳାଯିବ।

ବିଶ୍ୱ ଫୁଟବଲରେ ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥାଏ, ଠିକ୍ ସେହିପରି ବିବାଦୀୟ ମଧ୍ୟ ହୋଇଥାଏ। ୧୯୮୬ରେ ଡିଏଗୋ ମାରାଡୋନାଙ୍କ 'ହ୍ୟାଣ୍ଡ ଅଫ୍ ଗଡ୍' ହେଉ କିମ୍ବା ୧୯୯୮ରେ ଆର୍ଜେଣ୍ଟିନାର ଡିଏଗୋ ସିମୋନଙ୍କୁ ଡେଭିଡ୍ ବେକହାମ୍ କିକ୍ ମାରି ରେଡକାର୍ଡ ପାଇବା ଘଟଣା ଫୁଟବଲ ପ୍ରେମୀଙ୍କ ମନରୁ ଲିଭି ନାହିଁ। ଉଭୟ ଦଳ ମଧ୍ୟରେ ଯେତେବେଳେ ହାଇଭୋଲ୍ଟେଜ୍ ମୁକାବିଲା ହୋଇଛି, ଠିକ୍ ସେତିକିବେଳେ କିଛି ନା କିଛି ନାଟକୀୟ ପରିବେଶ ସୃଷ୍ଟି ହୋଇଛି। ଲିଓନେଲ ମେସିଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ଦଳ ହ୍ୟାରୀ କେନ- ଜୁଡ୍ ବେଲିଂହାମଙ୍କ ଇଂଲଣ୍ଡ ଦଳ ସହ ମୁକାବିଲା ଖୁବ୍ ରୋମାଞ୍ଚକ ହେବ ବୋଲି ନିଦ୍ୱନ୍ଦ୍ୱରେ କୁହାଯାଇପାରେ।

### ଫରୱାର୍ଡଙ୍କ ଉପରେ ଉଭୟ ଦଳ ନିର୍ଭରଶୀଳ

ଚଳିତ ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଫେଭରାଇଟ୍ ଟ୍ୟାଗ୍ ପାଇଛି। ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍ ଜିତିଥିଲେ ମଧ୍ୟ ନକ୍‌ଆଉଟରେ ସଂଘର୍ଷ କରିଛି। ଦଳର ଦକ୍ଷତା ଓ ଏକମାତ୍ର ଶକ୍ତି ହେଉଛି ଅଧିନାୟକ ତଥା ୩୯ ବର୍ଷରେ ଷଷ୍ଠ ବିଶ୍ୱକପ୍ ଖେଳୁଥିବା ଲିଓନେଲ ମେସି। ସେ ଏହି ଟୁର୍ଣ୍ଣାମେଣ୍ଟରେ ଦଳ ଲାଗି ଏକାକୀ ୧୦ଟି ଗୋଲ ସ୍କୋର କରିଛନ୍ତି। ରାଉଣ୍ଡ ଅଫ୍ ୩୨ରେ କେପ୍ ଭର୍ଡ ସହ ଅତିରିକ୍ତ ସମୟ ଖେଳିବା, ରାଉଣ୍ଡ ଅଫ୍ ୧୬ରେ ଇଜିପ୍ଟ ବିପକ୍ଷରେ ୨ଟି ଗୋଲ ଖାଇ ପଛୁଆ ରହିବା ଓ ସ୍ୱିଜରଲାଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲରେ ପୁଣିଥରେ ଅତିରିକ୍ତ ସମୟ ଖେଳିବାରେ ଦଳ ସଂଘର୍ଷ କରିଛି। ଏଣୁ ଇଂଲଣ୍ଡ ବିପକ୍ଷରେ ଲଢ଼େଇ କରିବା ଶକ୍ତି କିଛି କମ୍ ରହିଛି। ମେସିଙ୍କ ମ୍ୟାଜିକ୍ ସହ ଲୌଟାରୋ ମାର୍ଟିନେଜ୍ ୨ଟି ଗୋଲ, ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ଏଞ୍ଜୋ ଫର୍ଣ୍ଣାଡେଜ୍ ଦଳ ଲାଗି ପ୍ରଭାବଶାଳୀ ଭୂମିକା ନେବେ। ଅନ୍ୟ ପକ୍ଷରେ ଇଂଲଣ୍ଡର ମଧ୍ୟ ଶକ୍ତି ହେଉଛନ୍ତି ଫରୱାର୍ଡ ଖେଳାଳି। ୩୨ ବର୍ଷୀୟ ହ୍ୟାରୀ କେନ୍ ଓ ୨୩ ବର୍ଷୀୟ ଜୁଡ୍ ବେଲିଂହାମ୍ ଏଯାଏ ଇଂଲଣ୍ଡ ବିଶ୍ୱକପ୍‌ରେ ଦେଇଥିବା ୧୩ଟି ମଧ୍ୟରୁ ୧୨ଟି ଗୋଲ ସ୍କୋର କରିଛନ୍ତି। ରାଉଣ୍ଡ ଅଫ୍ ୧୬ରେ ମେକ୍ସିକୋ ବିପକ୍ଷରେ ବୀରତ୍ୱପୂର୍ଣ୍ଣ ବିଜୟ ପରେ କ୍ୱାର୍ଟର ଫାଇନାଲରେ ନରୱେ ବିପକ୍ଷରେ ସଂଘର୍ଷ କରିବା ଇଂଲଣ୍ଡର ଦୁର୍ବଳତାକୁ ପଦାରେ ପକାଇଦେଇଛି। ଦଳର ପ୍ରଦର୍ଶନରେ ସ୍ଥିରତା ନାହିଁ। ଆନ୍ଥୋନୀ ଗର୍ଡନ, ବୁକାୟୋ ସାକା ୩ଟି ଲେଖାଏଁ ଗୋଲ ଦେବାରେ ଆସିଷ୍ଟ କରିଛନ୍ତି। ଏଲିଅଟ ଆଣ୍ଡରସନ ଓ ମାର୍କ ଗୁଏହୀ ଗୁରତ୍ୱପୂର୍ଣ୍ଣ ସହଯୋଗ ଦେବେ।

### ଇଂଲଣ୍ଡ ସପକ୍ଷରେ ରେକର୍ଡ

ଅନ୍ତର୍ଜାତୀୟ ଫୁଟବଲ୍‌ରେ ଉଭୟ ଦଳ ବେଶ ପ୍ରଭାବଶାଳୀ ହୋଇଥିଲାବେଳେ ୧୪ଥର ପରସ୍ପର ସହ ମୁକାବିଲା ହୋଇଛି। ଏହା ମଧ୍ୟରୁ ଇଂଲଣ୍ଡ ୬ଟି ଓ ଆର୍ଜେଣ୍ଟିନା ୩ଟି ମ୍ୟାଚ୍ ଜିତିଛନ୍ତି। ଅନ୍ୟ ୫ଟି ମ୍ୟାଚ୍ ଡ୍ର ରହିଛି। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ଶେଷ ୫ଟି ମ୍ୟାଚ୍‌ରେ ମଧ୍ୟ ଇଂଲଣ୍ଡ ୨ଟି ଜିତିଥିଲାବେଳେ ଅନ୍ୟ ୩ଟି ଡ୍ର ରହିଛି। ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ୫ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଇଂଲଣ୍ଡ ୩ଟି ଓ ଆର୍ଜେଣ୍ଟିନା ୨ଟି ମ୍ୟାଚରେ ବିଜୟୀ ହୋଇଛି। ୨୦୦୨ ବିଶ୍ୱକପ୍‌ରେ ଶେଷ ଭେଟାଭେଟି ହୋଇଥିଲେ। ଏଥିରେ ଡେଭିଡ୍ ବେକ୍‌ହାମ୍‌ଙ୍କ ପେନାଲ୍ଟି କିକ୍‌ରେ ଇଂଲଣ୍ଡ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ୧-୦ରେ ବିଜୟୀ ହୋଇଥିଲା।

### ଟ୍ରଫି ଜିତିବାରେ ଆର୍ଜେଣ୍ଟିନା ଆଗରେ

ଫିଫା ବିଶ୍ୱକପ୍ ଇତିହାସରେ ଆର୍ଜେଣ୍ଟିନା ୩ଥର ଚାମ୍ପିଅନ ହୋଇଛି। ୧୯୭୮, ୧୯୮୬ ଓ ୨୦୨୨ରେ ଦଳ ଫିଫା ବିଶ୍ୱକପ୍ ଟାଇଟଲ ଜିତିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଥରେମାତ୍ର ୧୯୬୬ରେ ଟାଇଟଲ ଜିତିଛି। ଦକ୍ଷିଣ ଆମେରିକୀୟ ଚାମ୍ପିଅନ୍‌ସିପରେ ଆର୍ଜେଣ୍ଟିନା ୨ଥର ଟାଇଟଲ ଜିତିଥିଲାବେଳେ ୟୁରୋକପ୍‌ରେ ଇଂଲଣ୍ଡ କେବଳ ୨ଥର ଫାଇନାଲ ଖେଳିବାକୁ ସମର୍ଥ ହୋଇଛି।

### ସେମିରେ ହାରିନି ଆର୍ଜେଣ୍ଟିନା

ଚଳିତଥର ଫିଫା ବିଶ୍ୱକପ୍ ସେମିକୁ ମିଶାଇ ଆର୍ଜେଣ୍ଟିନା ୬ଷ୍ଠଥର ଓ ଇଂଲଣ୍ଡ ଚତୁର୍ଥଥର ଉନ୍ନୀତ ହୋଇଛି। କିନ୍ତୁ ଗତ ୫ଟି ସେମିଫାଇନାଲ ମୁକାବିଲାରେ ଆର୍ଜେଣ୍ଟିନା ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଛି।

**ଆର୍ଜେଣ୍ଟିନାର ପ୍ରଦର୍ଶନ**

- ୧୯୩୦: ଆର୍ଜେଣ୍ଟିନା ୬- ଆମେରିକା ୧
- ୧୯୮୬: ଆର୍ଜେଣ୍ଟିନା ୨- ବେଲଜିୟମ ୦
- ୧୯୯୦: ଆର୍ଜେଣ୍ଟିନା ୫- ଇଟାଲୀ-୪
- ୨୦୧୪: ଆର୍ଜେଣ୍ଟିନା ୪- ନେଦରଲ୍ୟାଣ୍ଡସ ୨
- ୨୦୨୨: ଆର୍ଜେଣ୍ଟିନା ୩- କ୍ରୋଏସିଆ ୦

**ଇଂଲଣ୍ଡର ପ୍ରଦର୍ଶନ**

- ୧୯୬୬: ଇଂଲଣ୍ଡ ୨- ପର୍ତ୍ତୁଗାଲ ୧
- ୧୯୯୦: ଇଂଲଣ୍ଡ ୪- ଜର୍ମାନୀ ୫
- ୨୦୧୮: ଇଂଲଣ୍ଡ ୧- କ୍ରୋଏସିଆ ୨

### ୨୦୨୬ ବିଶ୍ୱକପ୍‌ରେ ପ୍ରଦର୍ଶନ

**ଲିଗ୍ ପର୍ଯ୍ୟାୟରେ**

- ଆର୍ଜେଣ୍ଟିନା ୩- ଆଲଜେରିଆ ୦
- ଆର୍ଜେଣ୍ଟିନା ୨- ଅଷ୍ଟ୍ରିଆ ୦
- ଆର୍ଜେଣ୍ଟିନା ୩- ଜୋର୍ଡାନ ୧
- ଇଂଲଣ୍ଡ ୪- କ୍ରୋଏସିଆ ୨
- ଇଂଲଣ୍ଡ ୦- ଘାନା ୦
- ଇଂଲଣ୍ଡ ୨- ପାନାମା ୦

**ରାଉଣ୍ଡ ଅଫ୍ ୩୨**

- ଇଂଲଣ୍ଡ ୨- କଙ୍ଗୋ ୧
- ଆର୍ଜେଣ୍ଟିନା ୩- କେପ୍ ଭର୍ଡ ୨

**ରାଉଣ୍ଡ ଅଫ୍ ୧୬**

- ଇଂଲଣ୍ଡ ୩- ମେକ୍ସିକୋ ୨
- ଆର୍ଜେଣ୍ଟିନା ୩- ଇଜିପ୍ଟ ୨

**କ୍ୱାର୍ଟର ଫାଇନାଲ**

- ଇଂଲଣ୍ଡ ୨ - ନରୱେ ୧
- ଆର୍ଜେଣ୍ଟିନା ୩- ସ୍ୱିଜରଲାଣ୍ଡ ୧

# ହଲାଣ୍ଡ ଆଣିଥିବା 'ରାକୁନ'କୁ ନେଇ ଇଣ୍ଟରନେଟ୍‌ରେ ଝଡ଼

ଓସ୍‌ଲୋ,୧୪।୭(ଏଜେନ୍ସି): ଆମେରିକାରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ନରୱେ କ୍ୱାର୍ଟର ଫାଇନାଲରୁ ବିଦା ହୋଇଛି। ଫଳରେ ନରୱେ ଦଳ ସ୍ୱଦେଶ ଫେରିଆସିଛି। ଆମେରିକାରୁ ନରୱେର ଖେଳାଳି କିଛି ଆଣିଥାନ୍ତୁ କି ନାହିଁ, ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡ ସାଥିରେ ଏକ ରାକୁନକୁ ଆଣି ବେଶ ଚର୍ଚ୍ଚାରେ ରହିଛନ୍ତି। ଭାରତୀୟ ସଂସ୍କୃତିରେ ଗୁଣ୍ଡୁଚିମୂଷା ପରି ଉତ୍ତର ଆମେରିକାରେ ଏକ ପ୍ରକାର ଜନ୍ତୁ ରାକୁନର



ମଧ୍ୟ ବେଶ ଗୁରୁତ୍ୱ ରହିଛି। କୁହାଯାଏ ସେ ପାଇଥିବା ପ୍ରଶିକ୍ଷଣ ୩ ବର୍ଷ ଯାଏ ମନେ ରଖିଥାଏ। ଏଭଳି ଏକ ଜୀବକୁ ଆଣି ହଲାଣ୍ଡ ଚର୍ଚ୍ଚାରେ ରହିଛନ୍ତି। ବିମାନରୁ ବାହାରିବା ପରେ ରାକୁନକୁ ନେଇ ଗଣମାଧ୍ୟମରେ ବେଶ ଚର୍ଚ୍ଚା ହୋଇଛି। ଇଣ୍ଟରନେଟ୍‌ରେ ହଲାଣ୍ଡଙ୍କ ରାକୁନ ଝଡ଼ ସୃଷ୍ଟି କରିଛି। ଫିଫା ବିଶ୍ୱକପ୍‌ରୁ ନରୱେ କିଛି ଆଣୁ କି ନ ଆଣୁ ଦଳର ସୁପରଷ୍ଟାର ହଲାଣ୍ଡ ଏକ ସ୍ମରଣିକା ଆଣି ସମସ୍ତଙ୍କ ନଜରରେ ରହିଛନ୍ତି।

# ୱାଙ୍ଖେଡେ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ୨୫ ଲକ୍ଷ ଟଙ୍କା ବୋନସ୍

ମୁମ୍ବଇ, ୧୪।୭ (ଏଜେନ୍ସି): ମୁମ୍ବଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ୱାଙ୍ଖେଡେ ଷ୍ଟାଡିୟମର ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ପାଇଁ ୨୫ ଲକ୍ଷ ଟଙ୍କା ବୋନସ୍ ଘୋଷଣା କରିଛି। ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍, ଆଇପିଏଲ୍-୧୯ ଓ ମୁମ୍ବଇ ଲିଗ୍ ଭଳି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଲାଗି ଗ୍ରାଉଣ୍ଡ ଷ୍ଟାଫ୍ ପ୍ରତିବଦ୍ଧତା ଦେଖାଇ ଅକ୍ଳାନ୍ତ ପରିଶ୍ରମ କରି ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରଦାନ କରିଥିଲେ। ଯେଉଁଥି ପାଇଁ ପୁରସ୍କାର ସ୍ୱରୂପ ଏମ୍‌ସିଏ ଏହି ପୁରସ୍କାର ରାଶି ଘୋଷଣା କରିଛି। ଏମସିଏ ଆପେକ୍ସ କାଉନସିଲ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟ ଏକ କଲ୍ୟାଣମୂଳକ ପଦକ୍ଷେପ ସ୍ୱରୂପ ଏମ୍‌ସିଏ ଏହାର ପୂର୍ବତନ ମୃତ ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ପତ୍ନୀମାନଙ୍କ ପାଇଁ ପେନସନ୍ ସହାୟତାକୁ ମଧ୍ୟ ଅନୁମୋଦନ କରିଛି। ମୃତ ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ପତି/ପତ୍ନୀଙ୍କୁ ସମର୍ଥନ କରିବା ଏମ୍‌ସିଏର ମୁଖ୍ୟ ଲକ୍ଷ୍ୟ ରହିଛି।

# ବଧିର ମହିଳା ଟି-୨୦ ସିରିଜରେ ଦୀପ୍ତିଙ୍କ ସଫଳତା



ଭୁବନେଶ୍ୱର, ୧୪।୭ (ସମିସ): କଲମ୍ବୋରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ମହିଳା ବଧିର ଟି-୨୦ କ୍ରିକେଟ୍‌ରେ ଭାରତ ୫-୦ରେ ସିରିଜ ବିଜୟୀ ହୋଇଛି। ଭାରତୀୟ ମହିଳା ଦଳର ଏହି ଐତିହାସିକ ବିଜୟରେ ଓଡ଼ିଶାର ଜଣେ ଖେଳାଳି ସଦସ୍ୟା ରହିଥିଲେ। ସେ ହେଲେ ଭୁବନେଶ୍ୱରର ଦୀପ୍ତିରାଣୀ ସାହୁ। ଜଣେ ଅଲ୍‌ରାଉଣ୍ଡର ଭାବେ ଦୀପ୍ତି ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଏପରିକି ଦଳକୁ ସିରିଜ କ୍ଲିନସୁଇପ୍ କରିବାରେ ଦୀପ୍ତିଙ୍କ ଯୋଗଦାନ ମଧ୍ୟ ଉଲ୍ଲେଖନୀୟ ରହିଥିଲା। ଓଡ଼ିଶାର ପ୍ରଥମ ମହିଳା ବଧିର କ୍ରିକେଟର୍ ଭାବେ ଦୀପ୍ତି ଭାରତୀୟ ଦଳରୁ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ସଫଳତା ଲାଗି ଦୀପ୍ତିଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ବିଶ୍ୱକପ୍‌ରୁ ବହିଷ୍କୃତ ରେଫରୀଙ୍କ ପରଲୋକ

ଆମଷ୍ଟରଡାମ୍,୧୪।୭(ଏଜେନ୍ସି): ଦୁଇମାସ ତଳେ ଫିଫା ବିଶ୍ୱକପ୍ ରେଫରୀ ପ୍ୟାନେଲରୁ ବିଦା ହୋଇଥିବା ନେଦରଲ୍ୟାଣ୍ଡସର ରବ ଡିଏପେରିଙ୍କଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁର କାରଣ ସମ୍ପର୍କରେ କିଛି ସୂଚନା ମିଳିନାହିଁ। ତାଙ୍କ ବିୟୋଗରେ ନେଦରଲ୍ୟାଣ୍ଡସ ଫୁଟବଲ ସଂଘ ଦୁଃଖ



ପ୍ରକାଶ କରିଛି। ୩୮ ବର୍ଷୀୟ ରବ୍‌ଙ୍କ ନାମରେ ଇଂଲଣ୍ଡରେ ଏକ ମକଦ୍ଦମା କରାଯାଇଥିଲା। ମେଟ୍ରୋପଲିଟାରନ ପୁଲିସ୍ ପକ୍ଷରୁ ତାଙ୍କୁ ଗିରଫ କରାଯିବା ପରେ ଫିଫା ତାଙ୍କୁ ରେଫରୀରୁ ହଟାଇ ଦେଇଥିଲା। ପରେ ଏହି ମକଦ୍ଦମା ପ୍ରତ୍ୟାହାର କରିନିଆଯାଇଥିଲା। ଏହାର ଦୁଇମାସ ପରେ ତାଙ୍କର ମୃତ୍ୟୁ ଘଟିଛି।


## ନନ୍ଦିଘୋଷ TV

ନନ୍ଦିଘୋଷ

**ନିଯୁକ୍ତି ସୁଯୋଗ**

ଓଡ଼ିଶାର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ନନ୍ଦିଘୋଷ ଟିଭି ଏହାର **ସମ୍ପାଦକୀୟ ବିଭାଗ (Editorial Team)** ପାଇଁ ଯୋଗ୍ୟ ଏବଂ ଅଭିଜ୍ଞ ଗଣମାଧ୍ୟମ ପ୍ରଫେସନାଲ୍‌ଙ୍କଠାରୁ ଆବେଦନ ଆହ୍ୱାନ କରୁଅଛି।

**ଖାଲି ପଦବୀ**

**1 କରେସ୍‌ପଣ୍ଡେଣ୍ଟ (Correspondent)**

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ସର୍ବନିମ୍ନ ୭ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ରାଜନୀତି ଓ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ଖବର ପରିବେଷଣରେ ଉତ୍କୃଷ୍ଟ ଜ୍ଞାନ।
- ଖବର ସଂଗ୍ରହ, ଯାଞ୍ଚ ଏବଂ ବିଶ୍ଳେଷଣ କରିବାର ଦକ୍ଷତା।
- ଦୃଢ଼ ସୂତ୍ର ନେଟୱର୍କ ଏବଂ ଉତ୍କୃଷ୍ଟ ସମ୍ପାଦକୀୟ ବିଚାରଶକ୍ତି।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ସମୟସୀମା ମଧ୍ୟରେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥାନକୁ ଯାତ୍ରା କରି କାର୍ଯ୍ୟ କରିବାର ଦକ୍ଷତା।

**2 ରିପୋର୍ଟର (Reporter)**

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ୩-୫ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ସ୍ପଟ୍ ରିପୋର୍ଟିଂ, ଅପରାଧ (Crime) ରିପୋର୍ଟିଂ ଏବଂ ସହର (City) ରିପୋର୍ଟିଂରେ ପ୍ରାୟୋଗିକ ଅଭିଜ୍ଞତା।
- ଉତ୍କୃଷ୍ଟ 'ନ୍ୟୁଜ୍ ସେନ୍ସ ଓ ରିପୋର୍ଟିଂ' କୌଶଳ।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ବ୍ରେକିଂ ନ୍ୟୁଜ୍ କଭର କରିବା ସହିତ ଦ୍ରୁତଗତିର ନ୍ୟୁଜ୍‌ରୁମ୍ ପରିବେଶରେ କାର୍ଯ୍ୟ କରିବାର ଦକ୍ଷତା।

**ଆବେଦନ ପ୍ରକ୍ରିୟା**

ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା ନିମ୍ନଲିଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।
ଇମେଲ୍: hr@nandighoshatv.com
ଦ୍ରଷ୍ଟବ୍ୟ : କେବଳ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କୁ ଚୟନ ପ୍ରକ୍ରିୟା ପାଇଁ ଯୋଗାଯୋଗ କରାଯିବ।

ଯୋଗାଯୋଗ ନମ୍ବର
9437016499
HR Dept.


# ପ୍ରଥମ ଦିନିକିଆ: ଇଂଲଣ୍ଡକୁ ସହଜରେ ହରାଇଲା ଭାରତ

ବର୍ମିଂହାମ, ୧୪।୭ (ଏଜେନ୍ସି)



ଘରୋଇ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଭାରତ ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ସ୍ଥାନୀୟ ଏଜବାଷ୍ଟନ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୬ ୱିକେଟ୍‌ରେ ବିଜୟୀ ହୋଇଛି। ଫଳରେ ତିନିମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜର ଦ୍ୱିତୀୟ ମ୍ୟାଚ୍ ଗୁରୁବାର ଖେଳାଯିବ।

ଏହି ମ୍ୟାଚରେ ଇଂଲଣ୍ଡ ପ୍ରଦତ୍ତ ୨୫୯ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ୯ ଓଭରରେ ୫୦ ରନ ମଧ୍ୟରେ ଦୁଇ ଅଭିଜ୍ଞ ଖେଳାଳି ରୋହିତ୍ ଶର୍ମା ଓ ବିରାଟ କୋହଲିଙ୍କ ୱିକେଟ୍ ହରାଇଥିଲା। ରୋହିତ ୨୧ଟି ବଲରେ ୧୧ ରନ ଓ କୋହଲି ୬ ବଲରୁ ୫ ରନ କରି ଆଉଟ୍ ହୋଇଥିଲେ। ତେବେ ଓପନିଂରୁ ଧୈର୍ଯ୍ୟର ସହ ଖେଳୁଥିବା ଅଧିନାୟକ ଶୁବମନ ଗିଲ୍ ମଧ୍ୟକ୍ରମରେ ଶ୍ରେୟସ ଆୟର, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲଙ୍କୁ ସାଥୀ କରି ଦଳକୁ ୪୫.୨ ଓଭରରେ ୬ ୱିକେଟ ବଳକା ଥାଇ ବିଜୟୀ କରାଇଥିଲେ। ଗିଲ୍ ୭୫ ବଲରେ ସର୍ବାଧିକ ୮୦ ରନ କରି ରିଟାୟର୍ଡ ହର୍ଟ ହୋଇଥିଲେ। ମାଂସପେଶୀ ଟାଣି ହୋଇଯିବାରୁ ସେ ବ୍ୟାଟିଂ ଅଧାରୁ ଛାଡ଼ି ପଳାଇଥିଲେ। ତେବେ ସୁନ୍ଦର ଓ ପଟେଲ ଯଥାକ୍ରମେ ୫୨ ଓ ୫୭ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସହଜରେ ଜିତାଇଥିଲେ। ଆୟର ୫୩ ବଲରେ ୩୫ ରନରେ ଆଉଟ୍ ହୋଇଥିଲେ। ସେହିଭଳି ଲୋକେଶ ରାହୁଲ ମାତ୍ର ୧ ରନ କରି ଆଉଟ୍ ହୋଇଥିଲେ। ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ୮୦ ରନ ମଧ୍ୟରେ ଅଧା ବ୍ୟାଟରଙ୍କ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଜୋ ରୁଟ୍ (୭୬ ବଲରେ ୭୬ ରନ) ଓ ନଂ-୮ ବ୍ୟାଟର ଲିଆମ ଡସନ (୮୩ ବଲର ୬୮ ରନ) ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସମ୍ମାନ ରଖିଥିଲେ। ଇଂଲଣ୍ଡ ୪୭.୫ ଓଭରରେ ୨୫୮ ରନରେ ଅଲଆଉଟ୍ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଡକେଟ୍ ୪୩, ଜାକବ ବେଥେଲ ୧୪, ଅଧିନାୟକ ବ୍ରୁକ୍ ୧, ୱିଲ ଜ୍ୟାକ୍ ୨୦ ଓ ଜୋଫ୍ରା ଆର୍ଚର ୧୨ ରନ କରି ନିରାଶ କରିଥିଲେ। ସାମ କରନ ଖାତା ଖୋଲି ପାରି ନ ଥିଲେ। ଏଠାରେ ନିଜର ୨୦୦ତମ ମ୍ୟାଚ୍ ଖେଳୁଥିବା ଜୋଶ୍ ବଟଲର୍ ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଭାରତ ପକ୍ଷରୁ ଅକ୍ଷର ପଟେଲ ସର୍ବାଧିକ ୪, ପ୍ରସିଦ୍ଧ ଓ ଗୁରନର୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS